# ଆଦିବାସୀ

ଓଡ଼ିଶା ଆଦିବାସୀ ଗବେଷଣା ପରିଷଦ



ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ

ଓଡ଼ିଶା ସରକାର

# ଆଦିବାସୀ

## ଓଡ଼ିଶା ଆଦିବାସୀ ଗବେଷଣା ପରିଷଦ

ପ୍ରଥମ ଭାଗ          ଦ୍ୱିତୀୟ ଓ ତୃତୀୟ ସଂଖ୍ୟା          ୧୯୫୭

ସଂପାଦକ—ଗଣନାଥ ଦାସ
ଯୁଗ୍ମ ସଂପାଦକ—ନିତ୍ୟାନନ୍ଦ ଦାସ

ମୂଲ୍ୟ ଟଙ୍କାଟିଏ ମାତ୍ର

# ସୂଚୀ


| ବିଷୟ | ଲେଖକଙ୍କର ନାମ | ପୃଷ୍ଠା |
|---|---|---|
| ୧ । ଆଦିବାସୀଙ୍କ ସାମାଜିକ ଓ ସାଂସ୍କୃତିକ ସମସ୍ୟା | ଶ୍ରୀ ସୁନାରାମ ସୋରେନ୍ | ୧ |
| ୨ । କୁଟିଆ କନ୍ଧ ପିଲାର ଏକୋଇଶିଆ | ଡକ୍ଟର ନଗାମେସ୍ୱାର | ୫ |
| ୩ । ଓଡ଼ିଶାର ଆଦିବାସୀ ମଙ୍ଗଳ କାର୍ଯ୍ୟକଳାପ | ଶ୍ରୀ ଜଗଦ୍‌ବନ୍ଧୁ ମହାପାତ୍ର | ୮ |
| ୪ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଆଦିବାସୀ ଚିତ୍ର | ଅଧ୍ୟାପକ ବଂଶୀଧର ମହାନ୍ତି | ୧୬ |
| ୫ । ଆମ ଆଦିବାସୀମାନଙ୍କର ସଂସ୍କୃତି | ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ | ୨୦ |
| ୬ । ଗ୍ରାମ ଦେବତା ବା ଗ୍ରାମର ଠାକୁରାଣୀ | ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ | ୨୩ |
| ୭ । ସାନ୍ତାଳ ଜାତିର ଉତ୍ପତ୍ତି | ଶ୍ରୀ ଯଦୁନାଥ ମାଝି | ୨୭ |
| ୮ । ଶବର ଖଣ୍ଡ ଓ ପାଲଲହଡ଼ା | ଶ୍ରୀ ବିଜୟକୃଷ୍ଣ ପଟ୍ଟନାୟକ | ୨୯ |
| ୯ । କୋରାପୁଟ ଜିଲ୍ଲାର ଆଦିବାସୀ ସମସ୍ୟା | ଶ୍ରୀ ବିଦ୍ୟାଧର ସିଂହଦେବ | ୩୧ |
| ୧୦ । ଆଦିବାସୀ ଓ ଭାଷା | ଅଧ୍ୟାପକ ଗୋଲକବିହାରୀ ଧଳ | ୩୫ |
| ୧୧ । ଚାରଣୀପଶି ସେବା କେନ୍ଦ୍ରର ବାର୍ଷିକ ରିପୋର୍ଟ, ୧୯୫୬ ମାର୍ଚ୍ଚ | ଶ୍ରୀମତୀ ମଣିମାଳା ଦେବୀ<br>ଶ୍ରୀମତୀ ଜମ୍ବୁବତୀ ଦେବୀ | ୪୦ |
| ୧୨ । ଓଡ଼ିଶା କୃଷ୍ଟିକୁ ଆଦିବାସୀଙ୍କ ଦାନ | ଶ୍ରୀ ଗଣନାଥ ଦାସ | ୪୬ |
| ୧୩ । ସଉରା ଜନମ | ମିସ୍. ଏ. ସି. ମନରୋ | ୫୧ |
| ୧୪ । କୋରାପୁଟର ପାହାଡ଼ ବଣ୍ଡା | ଗଣନାଥ ଦାସ | ୫୧ |
| ୧୭ । ବନକର ଅନୁଭୂତି | ଶ୍ରୀ ସୁନାରାମ ସୋରେନ୍ | ୬୨ |
| ସମ୍ପାଦକୀୟ | | ୭୦ |

# ଆଦିବାସୀଙ୍କ ସାମାଜିକ ଓ ସାଂସ୍କୃତିକ ସମସ୍ୟା

**ଶ୍ରୀ ସୁନାରାମ ସୋରେନ**

ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ

ଦେଶସାରା ଆଜି ଆଦିବାସୀମାନଙ୍କର କିପରି ସର୍ବାଙ୍ଗୀନ ଉନ୍ନତି ହେବ, ଏ ବିଷୟରେ ଦୁଆ ଉଠୁଥିବା ବେଳେ ମୁଁ ଆଜି ଜଣେ ଆଦିବାସୀ ହିସାବରେ ଆଦିବାସୀଙ୍କ ସମାଜ ଓ ସଂସ୍କୃତିର ଉନ୍ନତି ବିଷୟରେ ଯେଉଁ ଦୁଇ ପଦ କହିବି, ତାହା ଖୁବ୍ ସମୟୁ ଉପଯୋଗୀ ହେବ ବୋଲି ଆଶା କରୁଅଛି ।

ଆଦିବାସୀ ସମାଜ ଓ ସଂସ୍କୃତି କଥା କହିଲା ବେଳେ ସାଧାରଣତଃ ଧରି ନିଆଯାଇଥାଏ ଯେ, ସେମାନଙ୍କର ସାମାଜିକ ଜୀବନ ବଡ଼ ଖରାପ ଓ ସଂସ୍କୃତି ଉଚ୍ଚ ଧରଣର ନୁହେଁ । ସେମାନଙ୍କୁ ତଳୁ ଉଠାଇ ନେଇ ଆଧୁନିକ ସମାଜର ସମକକ୍ଷ କରିବାକୁ ହେବ । ଏପରି ମନୋବୃତ୍ତି ପ୍ରଥମେ ପାଶ୍ଚାତ୍ୟ ଦେଶରେ ସାହେବମାନଙ୍କ ଠାରୁ ଆରମ୍ଭ ହୋଇଥିଲା । ସେମାନେ ଆଫ୍ରିକା, ଅଷ୍ଟ୍ରେଲିଆ ପ୍ରଭୃତି ଦେଶମାନଙ୍କର ସରଳ, ନିରୀହ ଲୋକମାନଙ୍କୁ ଗୋଟାଇ ନେଇ କ୍ରୀତଦାସ କରି ରଖୁଥିଲେ । ମାତ୍ର ଯେତେବେଳେ ତାଙ୍କର ସଦ୍‌ବୁଦ୍ଧି ଜାତ ହେଲା, ସେମାନଙ୍କୁ ସେହି ସରଳ ନିରୀହ ଆଦିବାସୀମାନେ ଅତି ହୀନ, ଦରିଦ୍ର ପରି ଦିଶିଲେ ଓ ତାଙ୍କ ପ୍ରତି ଏହି ସାହେବମାନଙ୍କର ଦୟା ହେଲା । ସେହି ଦୟା ଭିତରେ ସାମ୍ରାଜ୍ୟବାଦର ଅଭିସନ୍ଧି ଥିଲା କି ନାହିଁ, ସେ ବିଷୟରେ ସନ୍ଦେହ ହୁଏ । ସାହେବମାନଙ୍କ ଚାଲିଚଳନଠାରୁ ଆଫ୍ରିକା ଅଷ୍ଟ୍ରେଲିଆର ଆଦିବାସୀମାନଙ୍କ ଚାଲିଚଳନ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ସାଧାରଣତଃ ପ୍ରତ୍ୟେକ ଲୋକଙ୍କୁ ନିଜର ଗତାନୁଗତିକ ଚାଲିଚଳନ ଭଲ ଦିଶେ । ତେଣୁ ସାହେବମାନେ ଏହି ଆଦିବାସୀମାନଙ୍କୁ ଅସଭ୍ୟ, ବର୍ବର ବୋଲି ମନେ କରିବା ଅସ୍ୱାଭାବିକ ନୁହେ । ସେମାନେ ବୁଝିଥିଲେ, ଆଦିବାସୀମାନଙ୍କୁ ଶିକ୍ଷିତ ସଭ୍ୟ କରି ନିଜ ସ୍ତରକୁ ଯେତିକି ଉଠାଇ ପାରିବେ, ଆଦିବାସୀମାନଙ୍କର ସେତେ ଉନ୍ନତି ହେବ । ଏହି ବିଶ୍ୱାସ ବା ଉଦ୍ଦେଶ୍ୟରେ କାର୍ଯ୍ୟ କରି ସେହି ଆଦିବାସୀମାନଙ୍କର ଦଶା କ'ଣ ହୋଇଛି, ତାହା ସମସ୍ତେ ଜାଣନ୍ତି । ଆମେରିକାର ଆଦିବାସୀ କ୍ଷିପ୍ର ଗତିରେ ଅସ୍ତିତ୍ୱ ହରାଉଛନ୍ତି । ଅଷ୍ଟ୍ରେଲିଆର ଆଦିବାସୀ ସମ୍ପୂର୍ଣ୍ଣ ଲୋପ ହେବା ଉପରେ । ଆଫ୍ରିକାରୁ ମଧ୍ୟ ନିଗ୍ରୋ ପ୍ରଭୃତି ଜାତିମାନଙ୍କର ବିଲୟ ହେବାକୁ ଆରମ୍ଭ ହୋଇଥିଲା; ମାତ୍ର ଏବେ ସେମାନଙ୍କ ମନରେ ଦେଶାତ୍ମବୋଧ ଜାତ ହେବାରୁ ହୁଏତ ଏଥର ସେମାନଙ୍କ ଅଭିବୃଦ୍ଧି ହୋଇପାରେ । ଆମ ଦେଶରେ ମଧ୍ୟ ପୁରାଣ ଇତିହାସରୁ ଜଣାଯାଏ ଯେ ଆର୍ଯ୍ୟମାନେ ଆଦିବାସୀମାନଙ୍କୁ ଅସୁର, ଅନାର୍ଯ୍ୟ

ଇତ୍ୟାଦି ଆଖ୍ୟା ଦେଇ ତାଙ୍କର ଉନ୍ନତି କରିବା ଦୂରେ ଥାଉ, ସେମାନଙ୍କୁ ବରାବର ଘୃଣା ଚକ୍ଷୁରେ ଦେଖି ସେମାନଙ୍କୁ ନିଷ୍ପେଷଣ ଓ ତାଡ଼ନ କରି ଆସି ଅଛନ୍ତି । ବର୍ତ୍ତମାନ ଆମ ଦେଶର ତଥାକଥିତ ଜାତିର ଲୋକେ ସାହେବଙ୍କ ମାପକାଠିରେ ସଭ୍ୟ ବୋଲାଇବାକୁ ଦୁଇଶହ ବର୍ଷ ଚେଷ୍ଟା କରିବା ପରେ ଅବସ୍ଥା କ'ଣ ହୋଇଛି, ସମସ୍ତେ ଜାଣନ୍ତି । ଦେଶର ପୂର୍ବ ସଂସ୍କୃତି ପାସୋର ହୋଇଯାଇଛି । ସ୍ୱାଭାବିକ ବିକାଶ ଅସମ୍ଭବ ହୋଇ ସମାଜସଂସ୍କୃତି ଲୋପ ପାଉଛି । ଏ ସବୁ ଦେଶର ପଣ୍ଡିତମାନେ ବୁଝିବା ଆରମ୍ଭ କଲା ପରେ ମଧ୍ୟ ଇଂରେଜ ଅଧୀନରେ ବ୍ରାହ୍ମଣ, କ୍ଷତ୍ରିୟ ଓ ଖଣ୍ଡାୟତମାନେ ଯେଉଁ ଅବସ୍ଥା ଭଜଛନ୍ତି ଆଦିବାସୀର ସମାଜ ସଂସ୍କୃତିର ଉନ୍ନତି କରି, ଉନ୍ନତି ନାମରେ ଆଦିବାସୀଙ୍କୁ ସେହି ଅବସ୍ଥାରେ ପହଞ୍ଚାଇବାକୁ କୌଣସି କୌଣସି ସଂସ୍କାରକମାନେ କଳ୍ପନା କରୁଛନ୍ତି । ଆଦିବାସୀମାନଙ୍କ ଭିତରୁ ଯେଉଁ-ମାନଙ୍କର ପ୍ରକୃତରେ ଆଖି ଖୋଲିଛି, ସେମାନେ ଏପରି ଉନ୍ନତି ବା ଉତ୍ତୋଳନକାର୍ଯ୍ୟପନ୍ଥାକୁ ଅତି ସନ୍ଦେହଚକ୍ଷୁରେ ଦେଖୁଛନ୍ତି । ତଥାକଥିତ ଉଚ୍ଚ ସମ୍ପ୍ରଦାୟମାନେ ଗତ ଦୁଇଶହ ବର୍ଷ ହେଲା ସଭ୍ୟତାର ଯେଉଁ ଗତି ଧରିଛନ୍ତି ଓ ଯେପରି କରିଥିବାରୁ ଆଜି ପସ୍ତାଉଛନ୍ତି, ସେହି ଗତିରେ ଆଦିବାସୀର ଉନ୍ନତି କରିବାକୁ ବସିଲେ ସମୟ, ଧନ, ଜୀବନ ବୃଥାରେ ନଷ୍ଟ ହେବ ବୋଲି ମୁଁ ମନେକରେ ।

ଆଦିବାସୀ ସମାଜ ଓ ସଂସ୍କୃତିରେ ଉନ୍ନତି କରିବା ପୂର୍ବରୁ ଆଦିବାସୀଙ୍କୁ ଭଲକରି ବୁଝିବାକୁ ହେବ ଓ ସେମାନଙ୍କର ସମାଜ ଓ ସଂସ୍କୃତି ପ୍ରତି ଭଲ ଭାବରେ ଲକ୍ଷ୍ୟ ରଖିବାକୁ ହେବ । ଆଦି-ବାସୀ ଭାରତଭୂମିର ଆଦିମ ଅଧିବାସୀ । ଅନେକ ପଣ୍ଡିତ ବି ମନେ କରନ୍ତି, ଆଜିକାଲିର ଅନୁନ୍ନତ ଜାତି ଓ ହରିଜନମାନଙ୍କ ମଧ୍ୟରୁ ଅନେକେ ପୂର୍ବେ ଏହି ଆଦିବାସୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଥିଲେ । ବାହାରର ପ୍ରଭାବ ବା ସମୟର ଲୋଭରେ ପଡ଼ି ଅନେକ ମୂଳଗଣ୍ଡିରୁ ବିଚ୍ଛିନ୍ନ ହୋଇ ଯାଇଥିବେ । ଏବେ ପାଞ୍ଚ ସାତ ବର୍ଷ ହେଲା ଆଦିବାସୀମାନଙ୍କ ଭିତରେ ଗୋଟିଏ ନୂଆଭାବ ଖେଳିବାରୁ ନୂଆ ଚିନ୍ତାଧାରା ଦେଖା-ଯାଉଛି । ତା ପୂର୍ବରୁ ଭୂୟାଁ ଖଣ୍ଡାୟତ ବୋଲାଇବାକୁ ଗୌରବ ମଣୁଥିଲା । ଅନେକ କନ୍ଧ, ଗଣ୍ଡ-ଜମିଦାର ଓ ରାଜା କ୍ଷତ୍ରିୟ ହୋଇ ଯାଇଛନ୍ତି ଓ ଆଜି-ମଧ୍ୟ ଗଞ୍ଜାମର ମାଳ ଅଞ୍ଚଳରେ ଶବରମାନେ ଶୁଦ୍ଧ ଶବର ଓ ଶେଷରେ ଖାଲି ଶୁଦ୍ଧ ବୋଲାଇବାକୁ ଗୌରବ ମନେ କରୁଛନ୍ତି ।

ଆଦିବାସୀମାନଙ୍କ ଧର୍ମ, ସମାଜ ଓ ସଂସ୍କୃତି ସ୍ୱତନ୍ତ୍ର । ଆଦିବାସୀ 'ପ୍ରକୃତି'ର ଉପାସକ ଓ ଏହି ଉପାସନାରେ ସେ ଭଗବାନଙ୍କ ଅସ୍ତିତ୍ୱ ଉପଲବ୍ଧି କରେ । ଅଣଆଦିବାସୀମାନଙ୍କ ସଙ୍ଗରେ ମିଶି କେତେ ଶ୍ରେଣୀର ଆଦିବାସୀ ହିନ୍ଦୁ ଧର୍ମରେ ଓ କେତେକ ଅନ୍ୟାନ୍ୟ ଧର୍ମରେ ଦୀକ୍ଷିତ ହେବାର ଦେଖାଯାଏ; ମାତ୍ର ଆଶ୍ଚର୍ଯ୍ୟର

ବିଷୟ ଯେ ହଜାର ହଜାର ବର୍ଷର ନିର୍ଯାତନ ଓ ତାଡ଼ନା ସତ୍ତ୍ୱେ ଆଦିବାସୀ ତାର ସାମାଜିକ ଓ ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ଅକ୍ଷୁଣ୍ଣ ଭାବରେ ବଜାୟ ରଖିଛି । ଆଦିବାସୀ ସମାଜରେ ଜାତିଭେଦ ନାହିଁ କିମ୍ବା ପରଦା ପ୍ରଥା ନାହିଁ । ହିନ୍ଦୁ ସମ୍ପ୍ରଦାୟ ପରି ଆଦିବାସୀ ସ୍ୱତନ୍ତ୍ର ଧୋବା, ଭଣ୍ଡାରି, ବ୍ରାହ୍ମଣ ବ୍ୟବସାୟ ଦୃଷ୍ଟିରୁ ଅଲଗା ଅଲଗା ଜାତି ହୋଇ ରହି ନାହାନ୍ତି । ଜଣେ ଲୋକ ତେଲି, ଗୁଡ଼ିଆ, ଧୋବା, ଭଣ୍ଡାରି ସମସ୍ତଙ୍କର କାର୍ଯ୍ୟ କରିବାର ଦେଖାଯାଏ । ଆଦିବାସୀମାନଙ୍କ ସଂସ୍କୃତି ମଧ୍ୟ ହିନ୍ଦୁ ଧର୍ମ ଉପରେ ପ୍ରଭାବ ପକାଇଅଛି । ଉଦାହରଣ ସ୍ୱରୂପ ଆଦିବାସୀ-ଶବର-ଦେବତା ଜଗନ୍ନାଥ ମହାପ୍ରଭୁ ବର୍ତ୍ତମାନ ହିନ୍ଦୁମାନଙ୍କ ଦେବତା ହୋଇ ବଡ଼ ଦେଉଳରେ ପୂଜା ପାଉଛନ୍ତି, ଯେଉଁଠାରେ କି କୌଣସି ଜାତିଭେଦ ନାହିଁ । ଏଥିରୁ ବୁଝାଯିବ ଯେ ଆଦିବାସୀମାନଙ୍କର ସଂସ୍କୃତି ଭାରତର ସ୍ୱାଭାବିକ ଆଦିମ ସଂସ୍କୃତି । ସେ ସଂସ୍କୃତିଠାରୁ ଅନ୍ୟ ଅଣଆଦିବାସୀମାନଙ୍କ ସଂସ୍କୃତିର ଯାହା ତାରତମ୍ୟ ଦେଖାଯାଉଛି, ତାର ମୂଳରେ ବୈଦେଶିକ ପ୍ରଭାବ ରହିଛି । ତେଣୁ ଭାରତରେ ବାସ୍ତବିକ ମୌଳିକ ଚିନ୍ତାର ବିକାଶ ହେଲେ ଅନ୍ୟମାନଙ୍କ ସଂସ୍କୃତି ଗ୍ରହଣ କରିବାକୁ କେହି ଅଗ୍ରସର ହେବେ କି ? ତାହା ଗଭୀର ଚିନ୍ତାର ବିଷୟ ।

ଖାଲି ବାହାରର ପ୍ରଭାବ ଯେ ଅଣଆଦିବାସୀମାନଙ୍କ ଉପରେ ପଡ଼ିଛି ତାହା ନୁହେଁ; ଭିନ୍ନ ଭିନ୍ନ ଶାସନ ଅଧୀନରେ ରହି ଭିନ୍ନ ଭିନ୍ନ ଅଞ୍ଚଳ ଆଦିବାସୀମାନଙ୍କର ସାମାଜିକ ଅବସ୍ଥା ଓ ସଂସ୍କୃତିରେ ମଧ୍ୟ ଘୋର ବିପର୍ଯ୍ୟୟ ହୋଇଛି । ଉଦାହରଣ ସ୍ୱରୂପ ପୂର୍ବ-ଗଡ଼ଜାତମାନଙ୍କରେ ଥିବା ଆଦିବାସୀର ରୀତିନୀତି ପ୍ରତ୍ୟକ୍ଷ ଇଂରେଜ ଶାସନାଧୀନ ଆଦିବାସୀର ରୀତିନୀତିଠାରୁ ସମ୍ପୂର୍ଣ୍ଣ ପୃଥକ, ଯଦିଓ ଉଭୟେ ଏକ ସମ୍ପ୍ରଦାୟର । ବର୍ତ୍ତମାନ ଆଦିବାସୀମାନଙ୍କର ସମୂହ ଉନ୍ନତି କାମ ଯେଉଁମାନଙ୍କ ହାତରେ ଅଛି, ସେମାନଙ୍କୁ ଆଦିବାସୀ ମୌଳିକ ସଂସ୍କୃତି କଅଣ, ତାହା ନିର୍ଣ୍ଣୟ କରିବାକୁ ହେବ ।

ସମସ୍ୟା ପୁଣି ସେତିକିରେ ସରଳ ନାହିଁ । ଆଜିକାଲି ସାମାଜିକ ଓ ବୈଷୟିକ ରୀତିନୀତିର ପରିବର୍ତ୍ତନ ଆଦେଶ ବା ନିର୍ଦ୍ଦେଶ ଦ୍ୱାରା କରି ହେବ ନାହିଁ । ଯେଉଁ ନୃତତ୍ତ୍ୱବିତ୍‌ମାନେ ଆଦିବାସୀଙ୍କ ମୌଳିକ ସଂସ୍କୃତିରେ ବିପର୍ଯ୍ୟୟ ନ ଆଣି ସେମାନଙ୍କୁ ପୂର୍ବପରି ଛାଡ଼ିଦେବାକୁ କହନ୍ତି, ସେମାନେ ପାଶୋରି ଦିଅନ୍ତି ଯେ, ବର୍ତ୍ତମାନ ବ୍ୟକ୍ତି-ସ୍ୱାଧୀନତାର ଯୁଗ । ଆଜିକାଲି ଯାହାର ମନ ଯେଉଁଆଡ଼େ ଗଲିବ, ତାହାକୁ ବାଧ କରି ଅନ୍ୟ ଆଡ଼େ ମୋଡ଼ି ହେବ ନାହିଁ । ସେଥିପାଇଁ ଯେ କୌଣସି ସମାଜରେ ଯେଉଁମାନେ ନେତା ବା ଜାଣିବା ଶୁଣିବା ଲୋକ, ଶିକ୍ଷା ଓ ପ୍ରଚାରର ପ୍ରଭାବ ଦ୍ୱାରା ସେମାନଙ୍କର ଚିନ୍ତାକୁ ପ୍ରଭାବିତ କରିବା ବ୍ୟତୀତ ସମାଜ ଓ ସଂସ୍କୃତିର ଉନ୍ନତି କରିବାର ଅନ୍ୟ ବାଟ ନାହିଁ । କିନ୍ତୁ ଏପରି ପୁଣି ପ୍ରଭାବିତ କରିବା ପୂର୍ବରୁ ସମାଜ ଓ ସଂସ୍କୃତିରେ କ'ଣ ଭଲ, କ'ଣ ମନ୍ଦ, ତାହା

ନିର୍ଣ୍ଣୟ କରିବାକୁ ହେବ । ସେପରି ନ କଲେ ଗୋଳମାଳ ଆହୁରି ଗୋଳମାଳିଆ ଧରିବ ।

ମୁଁ ନିଜେ ଆଦିବାସୀ ସମାଜର ଓ ଅଣ-ଆଦିବାସୀମାନଙ୍କ ଘନିଷ୍ଠ ସମ୍ପର୍କରେ ରହି-ଆସିଛି । ଆଦିବାସୀମାନଙ୍କର ଅନେକ ଗୁଡ଼ିଏ ବିଶିଷ୍ଟତା ଅଛି, ଯାହା କି ପ୍ରାୟ ସବୁ ଅଞ୍ଚଳରେ ସମାନ । ବିଭିନ୍ନ ଅଞ୍ଚଳରେ ପାର୍ଥକ୍ୟ ସବୁ ଦେଖାଗଲେ ମଧ୍ୟ ସେ ସବୁ ଅଞ୍ଚଳର ଆଦିବାସୀ-ମାନଙ୍କ ଭିତରେ ଗୋଟିଏ ସମାନ ସଂସ୍କୃତି ଦେଖାଯାଏ—ତାହା ସେମାନଙ୍କର ଏକତାବଦ୍ଧ ଭାବ । ସେହି ଭାବ ବର୍ତ୍ତମାନ ଓଡ଼ିଶାର ଅଣ-ଆଦିବାସୀଙ୍କ ଭିତରେ କେବଳ ସାମାଜିକ ଉତ୍ସବ ଆଦିରେ କେତେକ ପରିମାଣରେ ଅଛି । ଆଦିବାସୀର କିନ୍ତୁ ସମାଜର ସବୁ ଖିଟିମିଟିରେ ଏକତା । ଗୋଟିଏ ଗୋଷ୍ଠୀ ବା ଗୋଟିଏ ଗ୍ରାମର ଲୋକେ ଗୋଟିଏ ଘର ପରି ଚଳନ୍ତି । ସାମାଜିକ ଉତ୍ସବ ଓ ଘର ତୋଳିବା, ଚାଷ କରିବା, ବିଲ ଭାଙ୍ଗିବା ପ୍ରଭୃତି ସମସ୍ତ ବୈଷୟିକ ରୀତିରେ ସେମାନେ ପରସ୍ପରକୁ ସାହାଯ୍ୟ କରନ୍ତି । ଖାଲି ସେତିକି ନୁହେଁ, ସାହାଯ୍ୟ କରିବା ଭାବ ମନରେ ନ ରଖି ପରର କାର୍ଯ୍ୟକୁ ଆପଣାର କାର୍ଯ୍ୟ ପରି କରନ୍ତି । ଉନ୍ନତି କରିବାକୁ ଯାଇ ଯଦି ଏଥିରେ ଆଞ୍ଚ ଲାଗେ, ତାହାହେଲେ ଖରାପ ହେବ । ସେମାନଙ୍କର ଆଉ ଗୋଟିଏ ବୃତ୍ତି ସେମାନଙ୍କର ଈଶ୍ୱର ବିଶ୍ୱାସ ଓ ସତ୍ୟ ପ୍ରତି ଆଦର । ଆଜିକାଲି ତାକୁ ସରଳତା ବା ମୂର୍ଖତା ବୋଲି କୁହାଯାଏ । ଆଦିବାସୀର ଆଉ ଗୋଟିଏ ବୈଶିଷ୍ଟ୍ୟ ତାର ସୌନ୍ଦର୍ଯ୍ୟ-ପିପାସା ଓ ନୃତ୍ୟ ଗୀତପ୍ରିୟତା । ଅନେକ ସ୍ଥଳରେ ଦୁଃଖ, ଦାରିଦ୍ର୍ୟ ପୀଡ଼ନ ଫଳରେ ଏହି ଦିଗଟି ଲୁଚି ରହି ଯାଇଥାଏ, କିନ୍ତୁ ଅବସ୍ଥାର ସାମାନ୍ୟ ପରିବର୍ତ୍ତନ ହେବାମାତ୍ରେ ଏହା ଫୁଟିଉଠେ । ଏହି ଆମୋଦ-ପ୍ରିୟତା କିପରି ଠିକ୍ ଦିଗରେ ଅଗ୍ରସର ହେବ, ସୌନ୍ଦର୍ଯ୍ୟବୋଧ ଶରୀର ଓ ସମାଜର ଅନିଷ୍ଟ ନ କରିବ, ତାହା ବଡ଼ ଚିନ୍ତାର ବିଷୟ । ଏହା ଛଡ଼ା ଆଦିବାସୀ ବଡ଼ ଅତିଥିସତ୍କାରପରାୟଣ ଓ ଆତ୍ମସମ୍ମାନୀ । ସମାଜ ଓ ସଂସ୍କୃତିର ଉନ୍ନତି କରିବାକୁ ଯେଉଁମାନେ ପ୍ରୟାସ କରିଛନ୍ତି ସେମାନଙ୍କ ଆଗରେ ମୁଁ କେତେଗୁଡ଼ିଏ ସମସ୍ୟା ଥୋଇଦେଲି ମାତ୍ର । ମୋର ନିଜର ମନେହୁଏ, ଆଦିବାସୀ ସମାଜରେ ବା ରୀତିନୀତିରେ ଯେଉଁଠାରେ ଅଭାବ ଦେଖାଯାଉଛି ତାହାର ମୂଳରେ ଅଛି ଆର୍ଥିକ ଦୁରବସ୍ଥା । ସଂସ୍କାରକମାନେ ସେହି ଦିଗରେ ଜୋର ଦେଇ ସେହି ଲକ୍ଷ୍ୟରେ ଆଦିବାସୀକୁ ଶିକ୍ଷିତ କରିବାକୁ ପ୍ରୟାସ କରି ସମାଜ ଓ ସଂସ୍କୃତିର ଉନ୍ନତି କରିବା କାର୍ଯ୍ୟ-ପନ୍ଥାକୁ ସ୍ୱାଭାବିକ ଗତିରେ ଚାଲିବାକୁ ଛାଡ଼ିଦେବା ଠିକ୍ ହେବ । ପାରିପାର୍ଶ୍ୱିକ ଅବସ୍ଥା ଓ ଯୁଗର ଡାକରେ ଆଦିବାସୀର ସଂସ୍କୃତି ଠିକ୍ ରାସ୍ତା ଧରି ଚାଲିବ । ବାହାରର ଏତେ ପ୍ରଭାବ ସତ୍ତ୍ୱେ ଆଦିବାସୀର ଯେଉଁ ସମାଜ ଓ ସଂସ୍କୃତି ଅଦ୍ୟାପି ପରମ୍ପରାକୁ ଧରି ରହିଛି ତାହା ହଠାତ୍ ଲୋପ ହେବାର କୌଣସି ଆଶଙ୍କା ମୁଁ ଦେଖୁନାହିଁ ।

ଆଦିବାସୀ ସମାଜର ସମସ୍ୟା ସମାଧାନ-ଢଗରେ ବର୍ତ୍ତମାନ ଦୁଇ ଗୋଟି ଚିନ୍ତାଧାରା ଦେଖାଦେଇଛି—ଗୋଟାଏ ମତ ହେଉଛି ଯେ, ଆଦିବାସୀ ସମାଜର ବୈଶିଷ୍ଟ୍ୟ ବା ସ୍ୱାତନ୍ତ୍ର୍ୟ ଲୋପ କରି ତଥାକଥିତ ଉନ୍ନତ ସମାଜରେ ପୁରାପୁରି ମିଶାଇଦେବା । ଆଉ ଗୋଟିଏ ମତ ହେଉଛି, ଯେଉଁ ମତଟି ନୃତତ୍ତ୍ୱବିତ୍‌ମାନେ ପୋଷଣ କରନ୍ତି । ତାହା ହେଉଛି—ଆଦିବାସୀ ହେଉଛି ପ୍ରକୃତିର ସନ୍ତାନ ଓ ତାକୁ ନିଜ ଇଚ୍ଛାମତେ ବିମବିକାଶ କରିବାକୁ ଛାଡ଼ିଦେବା ଉଚିତ । ମୋ ବିଚାରରେ ଦୁଇଟି ମତଯାକ ଠିକ୍ ନୁହେଁ । ବୈଚିତ୍ର୍ୟରେ ଏକତା (Unity in diversity) ଏହି ମୌଳିକ ମତର ମୁଁ ପ୍ରଧାନ ପୃଷ୍ଠପୋଷକ ।

# କୁଟିଆ କନ୍ଧ ପିଲାର ଏକୋଇଶିଆ

(କୁଟିଆ କନ୍ଧର ନାମ-କରଣ ପର୍ବ)

**ଡକ୍ଟର ନଗାମେୟାର**

ଯେପରି ବର୍ଷସାରା ଗୋଟିଏ କୁଟିଆ କନ୍ଧ ଗ୍ରାମର ଯାବତୀୟ କୃଷି ଅନୁଷ୍ଠାନ ନାନା ପର୍ବ-ପର୍ବାଣି ଦ୍ୱାରା ପରିବେଷ୍ଟିତ ଥାଏ ସେହିପରି ଜଣେ ବ୍ୟକ୍ତିବିଶେଷର ଜୀବନ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନାନା ମହୋତ୍ସବ ଓ ପର୍ବପର୍ବାଣି ସହିତ ଚାଲିଥାଏ । କୁଟିଆ କନ୍ଧ ଅଞ୍ଚଳରେ ନୃତତ୍ତ୍ୱ ସମ୍ବନ୍ଧୀୟ ଅନୁସନ୍ଧାନ ଉପଲକ୍ଷେ ମୋର ରହଣିକାଳରେ (ଫୁଲବାଣୀ ଜିଲାର ଦକ୍ଷିଣ-ପଶ୍ଚିମବର୍ତ୍ତୀ ବେଲଗଡ଼ ପାର୍ଶ୍ୱସ୍ଥ) ବୁରଲବାରୁ ଗ୍ରାମରେ ଏପରି ଏକ ମହୋତ୍ସବ, ନାମକରଣ ପର୍ବ (ଦାରୁ କଟକ ନାମୁ) ଦେଖିବାକୁ ସୁଯୋଗ ମୁଁ ପାଇଥିଲି । ଉକ୍ତ ମହୋତ୍ସବର ଏକ ସଂକ୍ଷିପ୍ତ ବିବରଣ କୁଟିଆ କନ୍ଧର ସାମାଜିକ ଓ ଧର୍ମ ସମ୍ବନ୍ଧରେ କେତେକ ଧାରଣା ଦେଇ ପାରେ ।

କୁଟିଆ ଶିଶୁଟି ଅତିଶୟ ପୀଡ଼ିତ ନ ହେଲା ପର୍ଯ୍ୟନ୍ତ ତାର ନାଁ ଦିଆ ହୋଇ ନ ଥାଏ । ଶିଶୁଟି କାହିଁକି ରୋଗରେ ପଡ଼ିଲା ଜାଣିବାପାଇଁ ଜଣେ ଗୁଣିଆ (କୁଟକା) ଡକାଯାଏ । କୁଟିଆ କନ୍ଧର ବିଶ୍ୱାସ ଯେ ଅଧିକାଂଶ କ୍ଷେତ୍ରରେ ଜଣେ ମୃତ ବ୍ୟକ୍ତିର ଭୂତ ତାକୁ ରୋଗରେ ପକାଇବା-ପାଇଁ ତା ଦେହରେ ଲାଗିଥାଏ । ସେ ଭୂତ କୁଟକା ଜରିଆରେ ଛେଳି ବା ଘୁଷୁରି ବଳି ମାଗେ । ଶିଶୁର ପିତା ଉକ୍ତ ଜୀବ ବଳିଦେବାକୁ ମାନସିକ କରେ ଏବଂ ପରେ ଶିଶୁଟି କ୍ରମେ ଆରୋଗ୍ୟ ଲାଭ କରୁଥିବାବେଳେ, ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ଗ୍ରାମର ଦେହୁରୀ ତାଙ୍କ ଘରେ ଉପସ୍ଥିତ ହୁଏ । ଯେଉଁଠାରେ ଗୃହ-ଦେବତାଙ୍କର ପୂଜା ହୁଏ (କେତେକ ସମୟରେ ଗୋଟିଏ ଗ୍ଲେଟ କୁଡ଼ିଆ ଘର ବା ନାଲି ରଙ୍ଗର ପଟାଗାର

ବା ଝୋପା ଶହିତ ଖଣ୍ଡ) ସେଠାରେ ସେ ଭୂମି ଉପରେ ସିଆଳି ପତ୍ରର ତିନୋଟି ଦନାରେ (ପାଇଙ୍ଗୁ) କଛୁ ସୁଆଁ ଶସ୍ୟ (ମୋସୋ) ରଖେ । ତା ପରେ ସେ ଗୀତ ସ୍ୱରରେ ତାହାର ଜଣେ କମ୍ବା ଦୁଇ ଜଣ ସାହାଯ୍ୟକାରୀଙ୍କ ସହିତ ପ୍ରାର୍ଥନା ଆରମ୍ଭ କରେ । ସେ ସମସ୍ତ ଦେବାଦେବୀଙ୍କୁ ଆବାହନ କରେ ଏବଂ ଗୋଟିଏ ଗୋଟିଏ କୁକୁଡ଼ା ଛଆଁ ହାତରେ ଧରି କବୋଲେ:—

"ପୂର୍ବକାଳରେ ଉତ୍ରୁବରେଙ୍ଗନ୍-ପେନା-ରେଙ୍ଗନ୍ ଓ ପୁଷୋଗମୀ-ପାଟଗମୀ ନାମକ ଏକ ଦମ୍ପତି ଥିଲେ । ପୂଷୋଗମୀ-ପାଟଗମୀ ଗର୍ଭବତୀ ହେଲେ ଏବଂ ଏକ ସନ୍ତାନ ପ୍ରସବ କଲେ । ସେ ଶିଶୁଟିକୁ ଏକବର୍ଷ ହେଲା ବେଳକୁ ତାକୁ ବାପା-ନାମେର ( ତିନଦିନିଆ ଜ୍ୱର ) ହେଲା ଏବଂ ସେ ସଦାବେଳେ କାନ୍ଦିବାକୁ ଲଗିଲା । ଜଣେ ମୃତ ବ୍ୟକ୍ତିର ଭୂତ ତା ଦେହରେ ପ୍ରବେଶ କରି ତାକୁ ଅସୁସ୍ଥ କରିଥିଲା । ସେ ଭୂତ କହିଲା— ମୋର ନାମ ଦିଅ ଏବଂ ଗୋଟିଏ ଘୁଷୁରିଛୁଆ ଯାହାର ମୁଷ୍କ ଛେଦିତ ହୋଇଥିବ ବା ଯାହାର ଲାଞ୍ଜ ବା କର୍ଣ୍ଣ ଛେଦିତ ହୋଇଥିବ ତାକୁ ଦିଅ ବା ଏପରି ଏକ କନ୍ୟା ଯାହାର ଏ ପର୍ଯ୍ୟନ୍ତ ଛୁଆ ପିଲା ହୋଇ ନ ଥିବା ତାକୁ ଦିଅ । ମୋର କହିବା ଅନୁସାରେ ତୁମ୍ଭେମାନେ ଯଦି କାର୍ଯ୍ୟ ନ କରିବ, ପିଲାଟି ସେହିପରି ଅସୁସ୍ଥ ରହିବ ଏବଂ ମରିଯିବ । ପିତାମାତାଙ୍କୁ ଯାହା କୁହାଗଲା ସେମାନେ ସେପରି କଲେ ।

ଆମ୍ଭମାନଙ୍କର ପୂର୍ବପୁରୁଷଗଣ ଏହିପରି କରିଥିଲେ, ଏବଂ ସେହିପରି ଆମ୍ଭେମାନେ ବର୍ତ୍ତମାନ କରିବୁ ।"

ତା ପରେ ଦେହୁରୀ ଛଆଁଟିକୁ ପତ୍ରଦନାରେ ଥିବା ବଳିଭେଜା ଖୁଆଇ, ବାହାରେ ଯେଉଁ-ଠାରେ ଘୁଷୁରୀ ଛୁଆଟିଏ ବଳି ପଡ଼ିବା ନିମନ୍ତେ ବନ୍ଧା ଯାଇଥାଏ, ସେଠାକୁ ଯାଏ । ସେ ତା ମୁଣ୍ଡରେ କଛୁ ସୁଆଁ ଶସ୍ୟ ବାଣ୍ଟିଦିଏ ଏବଂ ଛଆଁଟିକୁ ପୁଣି ଖୁଆଏ । ତାକୁ ଖୋଇସାରି ଘରଭିତରକୁ ନେଇ ବଳିଦିଏ ଏବଂ ତାର ଗଳ-ଦେଶର ମାଂସ ଓ କେତେଗୁଡ଼ିଏ ପର ସହିତ କେତେ ଝୋପା ରକ୍ତ ମଧ୍ୟ ପତ୍ରଦନା ମାନଙ୍କରେ ରଖେ ।

ବାହାରେ ଶିଶୁଟିର ବାପ କୁରାଢ଼ୀଦ୍ୱାରା ଘୁଷୁରୀ ଛୁଆଟିର ଗଳାକାଟି ବଧକରେ । ପ୍ରଥମେ ଜଳଥିବା ଏକ ନୂତନ ପାତ୍ରରେ ଏବଂ ତା ପରେ ଗୋଟିଏ କୁଲରେ ଥିବା କେତେ ମୁଠା ସୁଆଁ ଉପରେ ରକ୍ତ ଧରାଯାଏ । ତାପରେ ଗୋଟିଏ ପତ୍ରଦନାରେ ରକ୍ତ ଧରି ଦେହୁରୀ ଗୃହ ମଧ୍ୟକୁ ପ୍ରବେଶକରି ସେଠାରେ ଥିବା ପତ୍ରଦନାଗୁଡ଼ିକରେ କେତେ ଝୋପା ରକ୍ତ ଢାଳିଦିଏ ।

ତା'ପରେ ଚେର ମୂଳ କଣ୍ଠାରେ ଲାଗିଥିବା ଖଣ୍ଡିଏ କାଠ (ସେଡ଼ସୁ), ଗୋଟିଏ ଥାଳିଆରେ ହଳଦିପାଣି ଏବଂ ଖଣ୍ଡିଏ ଲୁଗା ଧରି ସେ ପୁଣି ବାହାରକୁ ଆସେ । ଲୁଗା ଖଣ୍ଡିକ ମୃତ ଘୁଷୁରୀ ଛୁଆ ଉପରେ ପାରି ଦିଆହୁଏ ଏବଂ ପିଲାଟିକୁ ତା ଉପରେ ରଖାଯାଏ । ପିଲାର ପାଦ ଦେହୁରୀ

ଓ ତାର ସାହାଯ୍ୟକାରୀମାନେ ହଳଦିପାଣିରେ ଧୁଅନ୍ତି । ଦେହୁରୀ ଭାବେ—'ପିଲାଟିର ନାଁ କିଏ ଦେବ ? ମୁଁ ବୃଦ୍ଧ ନୁହେଁ ଏବଂ ପିଲାର ପୂର୍ବ-ପୁରୁଷଗଣଙ୍କର ନାମ ମୁଁ ଜାଣେନା । ତେଣୁ ମୁଁ ତାକୁ ମୋର ଭଉଣୀ ନାମ ଦେବି । (ମୁଁ ଯେଉଁ ଘଟଣା ନିଜେ ଦେଖିଛି ସେଥିରେ ସେ ଏହିପରି କଲା )। ତା ପରେ ସେ କାଣ୍ଡଟିକୁ ଧରି ସେଥିରେ ସାମାନ୍ୟ ରକ୍ତ ସୁଆଁ ନେଇ ପିଲାଟିର କପାଳରେ ଦିଏ । ସେ ସେଉଡ଼ସୁଟିକୁ ପିଲା ହାତରେ ଦିଏ ଏବଂ ତାର ନାମ ଘୋଷଣା କରେ । ଏତିକରେ ପର୍ବ ଉଦ୍‌ଯାପନ ହୁଏ । ଲୋକେ ଘୁଷୁରୀ ଛୁଆଟିକୁ କାଟି ତାହାର ପୁଷ୍ଠା ଓ ଯକୃତ ରାନ୍ଧନ୍ତି । ଏହା ପୁଣି ଗୃହ ମଧ୍ୟରେ ପବଦନାରେ ଭୋଗ ଲଗାଯାଏ । ପରଦିନ ପିଲାର ମାତା ଘୁଷୁରି ଛୁଆର ମୁଣ୍ଡ ବୟସ୍କମାନଙ୍କ ପାଇଁ ରାନ୍ଧେ । କିନ୍ତୁ ଗୋଟିଏ କର୍ଣ୍ଣ ଓ ପୃଷ୍ଠ ଅଲଗା ରଖାଯାଏ, ଏବଂ ଦେହୁରୀ ତାକୁ ନିଜ ଘରକୁ ନେଇ ଖାଏ । ବଳକା ମାଂସ ଖଣ୍ଡ ଖଣ୍ଡ ହୋଇ କଟାଯାଏ ଏବଂ ବନ୍ଧୁ ବାନ୍ଧବମାନଙ୍କୁ ସେମାନଙ୍କ ଗ୍ରାମକୁ ନେଇଯିବା ପାଇଁ ଦିଆଯାଏ ବା ଗ୍ରାମବାସୀମାନଙ୍କୁ ଜଳମିଶ୍ରିତ ରକ୍ତରେ ରାନ୍ଧି ସୁଆଁ ସହିତ ଖାଇବାକୁ ଦିଆଯାଏ ।

ଯେଉଁ କାଣ୍ଡ ଖଣ୍ଡିକ ଏ ପର୍ବରେ ଏପରି ଏକ ବିଶେଷ ଭୂମିକା ଗ୍ରହଣ କରେ, ତାହାର ଏକ ସ୍ୱତନ୍ତ୍ର ଇତିହାସ ଅଛି । ଏହା ଏକ ପୌରାଣିକ ଉପାଖ୍ୟାନରୁ ଉତ୍ପନ୍ନ । ଆଦିମାନବ ଓ ବର୍ତ୍ତମାନ ପ୍ରଧାନଦେବୀ ନିରାନଟାଲ-କାପା-ନଟାଲି ତାଙ୍କ ହସ୍ତରେ ସେଉଡ଼ସୁ ଧାରଣକରି ଭୂ-ମଧ୍ୟରୁ ଆବିର୍ଭୂତ ହୋଇଥିଲେ । କନ୍ୟା ଜାତ ହେଲେ ତାର ନାଭିସୂତ୍ର ସେଉଡ଼ସୁଦ୍ୱାରା ଛେଦନ କରାଯାଏ (ବାଳକର ନାଭିସୂତ୍ର ଶରଦ୍ୱାରା) ଏବଂ ଏହି ଅସ୍ତ୍ରଟିକୁ ଯତ୍ନରେ ସାଇତି ରଖାହୁଏ ଏବଂ ନାମ-କରଣ ଉତ୍ସବରେ ପୁନଶ୍ଚ ବ୍ୟବହାର କରାଯାଏ । ବାଳିକାଟି ବିବାହ ଉପଲକ୍ଷରେ ଯେତେବେଳେ ତାର ପିତୃଗୃହ ତ୍ୟାଗ କରେ, ସେ କହେ 'ମୁଁ ବର୍ତ୍ତମାନ ତୁମ୍ଭ ଗୃହ ତ୍ୟାଗ କରୁଛି । ମୁଁ ଏହି ଅସ୍ତ୍ରଦ୍ୱାରା ଜୀବନ ଲାଭ କଲି ଏବଂ ଏହାଦ୍ୱାରା ମୋର ନାମ ମଧ୍ୟ ଦିଆ ହେଲା । ବର୍ତ୍ତମାନ ମୁଁ ଏହାକୁ ମୋର ନୂତନ ଗୃହକୁ ନେବି । ମୁଁ ମଲେ ଏହାକୁ ମୋର ସମାଧି ଉପରେ ରଖିଦେବ ।' ସୁତରାଂ ନିରାନଟାଲିଙ୍କ ଅସ୍ତ୍ର ସେଉଡ଼ସୁ ଜଣେ କୁଟିଆ ସ୍ତ୍ରୀ ଲୋକର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସଙ୍ଗେ ସଙ୍ଗେ ଥାଇ କୁଟିଆ ସାମାଜିକ ଓ ଧର୍ମତାତ୍ତ୍ୱିକ ସଂସ୍କୃତିର ଅନ୍ତର୍ନିହିତ ଭାବଧାରାର ଏକ ସୁନ୍ଦର ଉଦାହରଣ ପ୍ରଦାନ କରୁଛି ।

ପୁଣି ପୁରାଣ ବର୍ଣ୍ଣିତ ଆଦିମାନବର ନିର୍ଦ୍ଦେଶ ଓ ପ୍ରଥାସମୂହ ବଂଶାନୁକ୍ରମେ ହସ୍ତାନ୍ତରିତ ହୋଇ ବର୍ତ୍ତମାନ ଯୁଗରେ ମଧ୍ୟ କେଉଁ ମାତ୍ରାରେ କୁଟିଆ କନ୍ଧର ଜୀବନ ଯାତ୍ରାକୁ ଅନୁଶାସିତ ଓ ଅଧ୍ୟୁଷିତ କରୁଛି ତାହା ଏହି ନାମକରଣ ପର୍ବର ପ୍ରାର୍ଥନା ଓ କ୍ରିୟାନୁଷ୍ଠାନ ଗୁଡ଼ିକରୁ ଜଣାପଡ଼େ ।

# ଓଡ଼ିଶାର ଆଦିବାସୀ ମଙ୍ଗଳ କାର୍ଯ୍ୟକଳାପ

**ଶ୍ରୀ ଜଗଦ୍‌ବନ୍ଧୁ ମହାପାତ୍ର,** ଏମ୍. ଏ., ଆଇ. ଏ. ଏସ୍.

ସେକ୍ରେଟେରୀ, ଆଦିବାସୀ ଓ ଗ୍ରାମମଙ୍ଗଳ ଏବଂ ଲୋକ ସଂପର୍କ ବିଭାଗ

ଓଡ଼ିଶା ଲୋକସଂଖ୍ୟା ( ୧.୭୬ କୋଟି)ର ଶତକଡ଼ା ୨୦ ଭାଗରୁ କିଛି ଅଧିକ ହେଉଛନ୍ତି ଆଦିବାସୀ । ଓଡ଼ିଶା ଆଦିବାସୀମାନେ ୬୨ ଟି ବିଭିନ୍ନ ଜାତିରେ ବିଭକ୍ତ । ସେମାନଙ୍କ ମଧ୍ୟରେ ଜୁଆଙ୍ଗ, ଲାଞ୍ଜିଆ ଶବର, କୋୟା ଓ ବଣ୍ଡାପରଜା ପ୍ରଭୃତି କେତୋଟି ଜାତି ସାରା ଭାରତରେ ସବୁଠୁଁ ବଳି ଆଦିମ ଓ ପଶ୍ଚାତ୍‌ପଦ ।

ଆମ ସମ୍ବିଧାନର ନିର୍ଦ୍ଦେଶକ ନୀତିମାନଙ୍କ ଅନୁସାରେ ଏହି ନିମ୍ନ ଜାତିମାନଙ୍କର ମଙ୍ଗଳ ବିଧାନ କରିବା ରାଷ୍ଟ୍ରର ଅତୀବ ଗୁରୁତର ଦାୟିତ୍ୱ ବୋଲି ଗଣ୍ୟ । ସେମାନଙ୍କ ଅବସ୍ଥାର ଉନ୍ନୟନ ପାଇଁ ଓଡ଼ିଶାରେ ଯେଉଁସବୁ ବ୍ୟବସ୍ଥା ହେଉଅଛି ନିମ୍ନ ଅନୁଚ୍ଛେଦମାନଙ୍କରେ ତହିଁର ସଂକ୍ଷିପ୍ତ ବିବରଣୀ ପ୍ରଦତ୍ତ ହେଉଅଛି ।

ସାରା ଭାରତବର୍ଷରେ ଓଡ଼ିଶା ସରକାର ସର୍ବପ୍ରଥମେ ଆଦିବାସୀଙ୍କ ହିତପାଇଁ ଗୋଟିଏ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରିଥିଲେ ଏବଂ ଆଦିବାସୀ ବାଳକ ବାଳିକାଙ୍କ ଅଧ୍ୟୟନ ନିମନ୍ତେ ଆଶ୍ରମ ସ୍କୁଲମାନଙ୍କ ଜରିଆରେ ଗୋଟିଏ ସ୍ୱତନ୍ତ୍ର ଧରଣର ଶିକ୍ଷା ପ୍ରବର୍ତ୍ତନ କରିଥିଲେ । ଓଡ଼ିଶାର ଏ ଉଦ୍ୟମ ଭାରତ ସରକାରଙ୍କ ସୁଦୃଷ୍ଟି ଆକର୍ଷଣ କରିଅଛି ଓ ଅନ୍ୟ ରାଜ୍ୟମାନେ ଅନୁରୂପ ଉଦ୍ୟମ କରନ୍ତୁ ବୋଲି ଭାରତସରକାର ସୁପାରିଶ କରିଅଛନ୍ତି । ତଦନୁଯାୟୀ ବଙ୍ଗଳା, ବମ୍ବେ ଓ ମଧ୍ୟପ୍ରଦେଶର ସରକାରମାନେ ଆମ୍ଭମାନଙ୍କ ଆଦର୍ଶରେ ଶିକ୍ଷାନୁଷ୍ଠାନମାନ ଆଦିବାସୀମାନଙ୍କ ପାଇଁ ସ୍ଥାପନ କଲେଣି । ପ୍ରାଥମିକ ଶ୍ରେଣୀରୁ ଆଦିବାସୀ ବାଳକମାନଙ୍କୁ ବହୁମୁଖୀ ଶିକ୍ଷା ଦେବାକୁ ଆମ୍ଭେମାନେ ବ୍ୟବସ୍ଥା କରିଥାଉଁ । ଆଶ୍ରମ ସ୍କୁଲମାନଙ୍କରେ ଛାତ୍ରମାନେ ଦିନରେ ଚବିଶଘଣ୍ଟା ଏକାଠି ରହି ପଢ଼ାଶୁଣା କରନ୍ତି ଓ ଶିକ୍ଷକମାନେ ମଧ୍ୟ ସେମାନଙ୍କ ସହିତ ଚବିଶ ଘଣ୍ଟା ରହି ସେମାନଙ୍କ ତତ୍ତ୍ୱାବଧାନ କରନ୍ତି । ସେମାନଙ୍କୁ ତଥ୍ୟଗତ (Theoretical) ଓ କାର୍ଯ୍ୟଗତ (Practical) ଶିକ୍ଷା ଦେବା ସଙ୍ଗେ ସଙ୍ଗେ ସେମାନଙ୍କ କୋମଳ ମାନବିକ ବୃତ୍ତିମାନଙ୍କର ବିକାଶ ପାଇଁ ମଧ୍ୟ ଉଦ୍ୟମ କରାଯାଏ ।

ଆଜି ସୁଦ୍ଧା ଓଡ଼ିଶାରେ ୪୮ ଟି ଆଶ୍ରମସ୍କୁଲ ସ୍ଥାପିତ ହୋଇଅଛି ଏବଂ ସେ ସବୁରେ ୩୦୦୦ ଛାତ୍ର ରହିଛନ୍ତି । ସବୁ ଛାତ୍ର ଆଶ୍ରମସ୍କୁଲ ଭିତରେ ରହନ୍ତି— ସାଧାରଣ ମେସ୍‌ରେ ରହି ଏକ ପ୍ରକାର ଖାଦ୍ୟ ଖାଆନ୍ତି ଏବଂ ଅନ୍ୟାନ୍ୟ ସ୍କୁଲମାନଙ୍କରେ ପିଲାଙ୍କୁ ଯେଉଁ ଶିକ୍ଷା ଦିଆଯାଏ ସେମାନେ ମଧ୍ୟ ସେହି ଶିକ୍ଷା ପାଆନ୍ତି । ଏହି

ସାଧାରଣ ଶିକ୍ଷା ଛଡ଼ା ସେମାନେ କୃଷି, ଲୁଗାବୁଣା, ସୂତାକଟା, କମାରକାମ, ବଢ଼େଇ-କାମ ଓ ଦରଜୀକାମ ଶିକ୍ଷା କରନ୍ତି । ସକାଳୁ ଏକତ୍ରେ ଉପାସନା କରି ସେମାନେ ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରନ୍ତି ଓ ସନ୍ଧ୍ୟାରେ ଉପାସନା କରି କର୍ତ୍ତବ୍ୟ ଶେଷ କରନ୍ତି । ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଏବଂ ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ସେମାନେ ଆଶ୍ରମ ଜୀବନର କଠୋର ସଂଯମ ପାଳନ କରନ୍ତି । ଆଶ୍ରମ ଜୀବନର ସଂଯମର କଠୋରତାକୁ କୋହଳ କରିବା ନିମନ୍ତେ ଏବଂ ସେମାନଙ୍କ ପରମ୍ପରାଗତ କୃଷ୍ଟିର ବିକାଶପାଇଁ ପୂର୍ଣ୍ଣ ସୁବିଧା ଦେବା ନିମନ୍ତେ ସେମାନଙ୍କ ପାଠ୍ୟ ମଧ୍ୟରେ ଗାନ ଓ ନୃତ୍ୟକୁ ମଧ୍ୟ ସ୍ଥାନ ଦିଆଯାଇଅଛି ।

କେତେକେ ଆମ୍ଭମାନଙ୍କୁ ସମାଲୋଚନା କରୁଅଛନ୍ତି ଯେ ଆଶ୍ରମ ସ୍କୁଲମାନଙ୍କରେ ଆମ୍ଭେମାନେ ଶିଳ୍ପ ଶିକ୍ଷା ଉପରେ ଅତ୍ୟଧିକ ନଜର ଦେଉଛୁଁ ଓ ପିଲାଙ୍କୁ ତଥ୍ୟଗତ ଶିକ୍ଷା ଦେବାଉପରେ କମ୍ ନଜର ଦେଉଛୁଁ । କିନ୍ତୁ ଆଶ୍ରମସ୍କୁଲମାନଙ୍କର କାର୍ଯ୍ୟକ୍ରମ ଯେଉଁମାନେ ନିବିଷ୍ଟଭାବରେ ଅନୁଧ୍ୟାନ କରନ୍ତି ସେମାନେ ଦେଖିପାରୁଥିବେ ଯେ ଛାତ୍ରମାନଙ୍କର ଦିନର ବହୁକା ସମୟ ବିଭିନ୍ନ ଶିଳ୍ପରେ ବ୍ୟୟିତ ହେଉଥିଲେ ସୁଦ୍ଧା ଅନ୍ୟାନ୍ୟ ସାଧାରଣ ସ୍କୁଲମାନଙ୍କରେ ଯେଉଁ ଧରଣର ଶିକ୍ଷା ଦିଆଯାଏ ସେ ଶିକ୍ଷା ଦେବାକୁ ଆମ୍ଭେମାନେ କ୍ଷଣେ ମାତ୍ର ହେଲେ ଭୁଲୁ ନାହୁଁ । ଯେଉଁ ଆଦିବାସୀ ଛାତ୍ରମାନେ ଆଶ୍ରମ ସ୍କୁଲମାନଙ୍କରୁ ଉତ୍ତୀର୍ଣ୍ଣ ହୋଇ ରାଜ୍ୟର ବିଭିନ୍ନ ହାଇସ୍କୁଲରେ ପଢ଼ୁ-ଅଛନ୍ତି ସେମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଜଣ ସାଧାରଣ ଶିକ୍ଷାରେ ଯେ କୌଣସି ଅଣ-ଆଦିବାସୀ ଛାତ୍ରପରି ପାଠପଢ଼ାରେ ବ୍ୟୁତ୍ପତ୍ତି ଦେଖାଇବାକୁ ଛାଡ଼ୁ ନାହାନ୍ତି ।

ଆଉ ଗୋଟିଏ ବିଷୟ ମଧ୍ୟ ଲକ୍ଷ୍ୟ କରିବାର ଅଛି । ଆଦିବାସୀ ଛାତ୍ରମାନଙ୍କୁ ଏକତ୍ରିତ ହେବାର ଦେଖିଲେ ସେମାନେ ଯେ ଆଦିବାସୀ— ମନରେ ଏ ଧାରଣା ଆଉ ହେଉ ନାହିଁ । ପାଠରେ ବୁଦ୍ଧି, ତତ୍ପରତା ବା ଅଧ୍ୟବସାୟ କୌଣସି ବିଷୟରେ ମଧ୍ୟ ସେମାନେ ଭାରତର ଉଚ୍ଚଶିକ୍ଷିତ ଯେ କୌଣସି ନାଗରିକଠାରୁ ନ୍ୟୂନ ନୁହନ୍ତି । କେହି କେହି ମଧ୍ୟ ଭାବି ପାରନ୍ତି ଯେ ଆମ୍ଭେମାନେ ସେମାନଙ୍କୁ ଆମ୍ଭ ନିଜ ସଭ୍ୟତାର ଗଣ୍ଡି ମଧ୍ୟକୁ ଟାଣିଆଣିବାକୁ ଯତ୍ନ କରୁଅଛୁଁ— କିନ୍ତୁ ଏ ଧାରଣା ଭ୍ରାନ୍ତ । ଆମ୍ଭେ ଯେଉଁମାନେ ପାଶ୍ଚାତ୍ୟ ଧରଣର ଶିକ୍ଷାଲାଭ କରିଥାଉଁ, ଆମ୍ଭେ ତ ଆମ୍ଭ ପ୍ରାଚ୍ୟ କୃଷ୍ଟିକୁ ଜଳାଞ୍ଜଳି ଦେଇ ନ ଥାଉଁ । ସେହିପରି ଆଦିବାସୀମାନେ ଯେତେ ଶିକ୍ଷିତ ହୁଅନ୍ତୁ ପଛକେ ସେମାନେ ସେମାନଙ୍କ ସ୍ୱତନ୍ତ୍ର କୃଷ୍ଟିକୁ ତ୍ୟାଗ କରିପାରିବେ ନାହିଁ, କାରଣ ତାହା ସେମାନଙ୍କ ନିଜ ସ୍ୱଭାବ ଭଳି ଅପରିହାର୍ଯ୍ୟ । ବେଳେବେଳେ ଆମ୍ଭେମାନେ ଶୁଣିବାକୁ ପାଉଁ ଯେ ଆଶ୍ରମସ୍କୁଲମାନଙ୍କ ପିଛା ଆମ୍ଭେମାନେ ବହୁତ ଧନ ବ୍ୟୟ କରୁଥାଉଁ । ମୋ ଜୀବନରେ ମୁଁ ଆଦିବାସୀମାନଙ୍କ ସହିତ

ମିଳାମିଶା କରିବାର ବହୁ କ୍ଷେତ୍ରରେ ସୁଯୋଗ ପାଇଅଛୁ । ମୋର ଦୃଢ଼ ବିଶ୍ୱାସ ହୋଇଅଛି ଯେ, ଯେତେ ଇଚ୍ଛା ତେତେ ଧନ ବ୍ୟୟ କରି ପଛକେ, ତଥାକଥିତ ସଭ୍ୟ ଜୀବନର ରୀତି ଗ୍ରହଣ କରିବାକୁ ଆଦିବାସୀମାନଙ୍କୁ ପ୍ରବର୍ତ୍ତାଇବା କାଠିକର ପାଠ । ଆମ୍ଭେମାନେ ଏ ପର୍ଯ୍ୟନ୍ତ ସେମାନଙ୍କ ଶିକ୍ଷାରେ ଯେତେ ଟଙ୍କା ଖର୍ଚ୍ଚ କରିଥାଇଁ ତହିଁର ଯଥେଷ୍ଟ ପୁରସ୍କାର ଆମ୍ଭମାନଙ୍କୁ ମିଳିସାରିଲାଣି ବୋଲି କହିବାକୁ ହେବ; କାରଣ ଆଶ୍ରମସ୍କୁଲକୁ ଆଦିବାସୀମାନେ ସେମାନଙ୍କ ପିଲାଙ୍କୁ ପଢ଼ିବାକୁ ଯେ ପଠାଉଅଛନ୍ତି ସେମାନଙ୍କ ପକ୍ଷରେ ଏହା କିଛି କମ୍ କଥା ନୁହେଁ । ଆଦି-ବାସୀମାନେ କେବଳ ଯେ ପିଲା ପଠାଇ ଅଛନ୍ତି ତାହା ନୁହେଁ, ବରଂ ଏ ସବୁ ସ୍କୁଲରେ ଶିକ୍ଷାଲାଭ କରି ସାରିଲା ପରେ ଆଦିବାସୀ ଛାତ୍ରମାନେ ଆମ୍ଭମାନଙ୍କ ମଧ୍ୟରୁ ଯେ କୌଣସି ବ୍ୟକ୍ତି ପରି ଉପଯୁକ୍ତ ନାଗରିକ ହୋଇ ପାରିଅଛନ୍ତି । ସୁମାର୍ଜିତ ନାଗରିକତାର ସ୍ତରକୁ ସେମାନଙ୍କୁ ଉନ୍ନୀତ କରିବାପାଇଁ ଆମ୍ଭେମାନେ ଯେଉଁ ପ୍ରଚେଷ୍ଟା କରୁଥାଇଁ ତାହା ଯଦି ସଫଳ ହୁଏ ତାହାହେଲେ ଆମ୍ଭେମାନେ ସେମାନଙ୍କୁ ଜାତିର ପୁରୋଭାଗକୁ ଆଣି ଆମ୍ଭମାନଙ୍କ ସମକକ୍ଷ କରି-ପାରିବା । ଏ କାର୍ଯ୍ୟର ମୂଲ୍ୟ ଟଙ୍କା କଉଡ଼ିରେ କଳନା କରିବା ଅସମ୍ଭବ ।

ଏହାଛଡ଼ା ଆଶ୍ରମସ୍କୁଲମାନଙ୍କ ଦ୍ୱାରା ଆଦିବାସୀମାନଙ୍କ ପରିବାର ମଧ୍ୟରେ ଏକପ୍ରକାର ବିପ୍ଳବ ସଂଘଟିତ ହୋଇଅଛି । ଛାତ୍ରମାନଙ୍କ ଅଭିଭାବକମାନଙ୍କୁ ଆଶ୍ରମସ୍କୁଲକୁ ଯଥାସମ୍ଭବ ବାରମ୍ବାର ବୁଲି ଆସିବାକୁ ପ୍ରୋତ୍ସାହିତ କରା-ଯାଉଅଛି; ସେମାନେ ଆସି ଉନ୍ନତତର ଜୀବନ ଯାପନ ଢଗରେ ସେମାନଙ୍କ ପିଲାମାନେ କେତେଦୂର ଅଗ୍ରଗତି କରିଅଛନ୍ତି ତାହା ଲକ୍ଷ୍ୟ କରୁଅଛନ୍ତି । ଛୁଟିରେ ଆଶ୍ରମସ୍କୁଲ ଛାତ୍ରମାନେ ଘରକୁ ଗଲାବେଳେ ସେମାନେ କେତେକ ନୂଆ ଧାରଣା ମନରେ ଧରି ଯାଆନ୍ତି । କିପରି ଉନ୍ନତ ଧରଣର କୃଷି ହେବ, ଉତ୍କୃଷ୍ଟ ଲୁଗା ବୁଣା ହେବ, ଉତ୍କୃଷ୍ଟ ସୂତା କଟା ହେବ ଓ ସମ୍ୟକ୍ ସ୍ୱାସ୍ଥ୍ୟରକ୍ଷା ହେବ ଏସବୁ କଥା ସେମାନେ ଶିକ୍ଷାକରି ଯାଇଥାନ୍ତି ଏବଂ ସେମାନଙ୍କଠାରେ ଏ ଜ୍ଞାନ ଦେଖି ସେମାନଙ୍କ ଜ୍ଞାତି ଓ ବନ୍ଧୁବାନ୍ଧବମାନେ ସ୍ୱତଃ ବିସ୍ମିତ ହୁଅନ୍ତି । ସେମାନଙ୍କ ସାମାଜିକ ଜୀବନରେ ଏହି ଯେଉଁ ବିପ୍ଳବ ଘଟିଛି ତାକୁ ପୂର୍ଣ୍ଣାଙ୍ଗ କରିବାପାଇଁ ଆମ୍ଭେମାନେ ଦୁଇଟି ବାଳିକା ଆଶ୍ରମ ସ୍କୁଲ ସ୍ଥାପିତ କରିଅଛୁଁ । ଆଦିବାସୀ ବାଳିକାମାନଙ୍କ କୃଷ୍ଟିକୁ ଉନ୍ନତ କରିବା ନିମନ୍ତେ ଆମ୍ଭେମାନେ ଏହି ଯେଉଁ ଉଦ୍ୟମ କରୁଅଛୁଁ ତା ଫଳରେ ସେମାନେ ଆଦର୍ଶ ମାତା ଓ ଆଦର୍ଶ ଗୃହିଣୀ ହୋଇପାରିବେ ଏବଂ ଉଭୟ ସ୍ତ୍ରୀ ଜାତି ଓ ପୁରୁଷ ଜାତିକୁ ପ୍ରଭାବିତ କରିପାରିବେ ।

ଯେଉଁସବୁ ଆଦିବାସୀ ବାଳକ ବାଳିକା ଆଶ୍ରମସ୍କୁଲମାନଙ୍କରେ ପଢ଼ିବାର ସୁଯୋଗ ପାଉନାହାନ୍ତି ସେମାନଙ୍କୁ ସେବାଶ୍ରମ ମାନଙ୍କରେ ଶିକ୍ଷା ଦିଆଯାଉଅଛି । ରାଜ୍ୟର ବିଭିନ୍ନ ଜିଲାରେ

ଏପରି ୧୦୩୫ ଟି ସେବାଶ୍ରମ ରହିଅଛି । ସେବାଶ୍ରମମାନଙ୍କରେ ଦିନବେଳା ପାଠପଢ଼ା ସରିଯାଏ ; ପିଲାମାନେ ନିଜ ନିଜ ଘରକୁ ଫେରିଯାନ୍ତି । ତେଣୁ ସଭ୍ୟତାର ସ୍ତର ଉନ୍ନତ କରିବା ନିମନ୍ତେ ଆଶ୍ରମସ୍କୁଲମାନଙ୍କ ଭୂଲି ସେମାନେ ଉପଯୋଗୀ ନୁହନ୍ତି । ତଥାପି ସେମାନଙ୍କର ଶ୍ରେଣୀ ଶ୍ରେଣୀ ବଟିଗ୍ରୁ, ସେମାନଙ୍କ କାନ୍ଥମାନଙ୍କରେ ଟଙ୍ଗା ହୋଇଥିବା ଭାରତୀୟ ନେତାମାନଙ୍କ ପ୍ରତିକୃତି ଏବଂ ଶିକ୍ଷକମାନେ ଉନ୍ନତ ଜୀବନ ବିଷୟରେ ପିଲାଙ୍କୁ ଦେଉଥିବା ଉପଦେଶ ଏ ସବୁ କ୍ଷୁଦ୍ର ପରିସର ମଧ୍ୟରେ ସୁଦ୍ଧା ଛାତ୍ରମାନଙ୍କୁ ଆଶ୍ରମସ୍କୁଲମାନଙ୍କ ଲକ୍ଷ୍ୟ ଆଡ଼କୁ ଅଗ୍ରସର କରାଏ । ଶିକ୍ଷକମାନଙ୍କୁ ଟ୍ରେନିଙ୍ଗ ଦେବା ପାଇଁ ନାରଣପୁର, ବଡ଼ବନ୍ଧ ଓ ସୁନାବେଡ଼ାଠାରେ ସ୍ୱତନ୍ତ୍ର ଭାବରେ ପରିକଳ୍ପିତ ତିନୋଟି ଟ୍ରେନିଙ୍ଗ-ଅନୁଷ୍ଠାନ ରହିଅଛି । ଏଥିରେ ସମାଜ କର୍ମୀ ବା ସେବକମାନେ ମଧ୍ୟ ଟ୍ରେନିଙ୍ଗ ପାଆନ୍ତି । ସାଧାରଣ କର୍ତ୍ତବ୍ୟପରାୟଣତା ଛଡ଼ା ସେମାନଙ୍କ ସେବାମନୋଭାବକୁ ବିଶେଷ କରି ବିକଶିତ କରାଯାଏ ବୋଲି ସେମାନଙ୍କୁ ସେବକ କୁହାଯାଏ । ଆଦିବାସୀମାନଙ୍କ ମଧ୍ୟରେ ଏହି ସେବା ଭାବର ଆଦର୍ଶକୁ କାର୍ଯ୍ୟକାରୀ କରିବାଦ୍ୱାରା ସେମାନଙ୍କ ମାନସିକ ରାଜ୍ୟରେ ନୂତନତାର ଗୋଟିଏ ଧକ୍କା ଦିଆଯାଏ । ବସ୍ତୁତଃ ଲୋକଙ୍କ ମାନସିକ ରାଜ୍ୟରେ ନୂତନତାର ଏହିପରି ଧକ୍କା ଦେଇ ସବୁଠି ବିପ୍ଳବ ସୃଷ୍ଟି କରାଯାଇଥାଏ । ଏହିସବୁ ଆଶ୍ରମସ୍କୁଲ ଓ ସେବାଶ୍ରମମାନଙ୍କରେ ଆଦିବାସୀମାନଙ୍କୁ ମାର୍ଜିତ ସଭ୍ୟତାର ପଥରେ ଅଗ୍ରସର କରାଇବା ନିମନ୍ତେ ଯେ କି ପ୍ରଚ୍ଛନ୍ନ ଶକ୍ତି ନିହିତ ରହିଅଛି, ଏହା ଏ ପର୍ଯ୍ୟନ୍ତ କେହି ସମ୍ୟକ୍ ଉପଲବ୍ଧି କରିନାହାନ୍ତି ।

ଆଦିବାସୀମାନଙ୍କ ଦୁର୍ଦ୍ଦଶା ବିଶେଷ କରି ଅର୍ଥନୈତିକ କ୍ଷେତ୍ରରେ । ଏଥିନିମନ୍ତେ ମଧ୍ୟ ଆମ୍ଭମାନଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ଯୋଜନା ଅଛି । ଆମ୍ଭେମାନେ ୮୦ ଟି ବସତି ସ୍ଥାପନ କରି ତହିଁରେ ୨୦୯୪ ଟି ପରିବାରଙ୍କୁ ଥଇଥାନ କରିଥାଉଁ । ଆମ୍ଭେମାନେ ଉକ୍ତ ପରିବାରମାନଙ୍କୁ ମାଗଣାରେ ଜମି, କୃଷିଯନ୍ତ୍ରପାତି ଓ ବଳଦ ଯୋଗାଇ ଅଛୁଁ ଓ ପ୍ରଥମ ଅବସ୍ଥାରେ ମାଗଣାରେ ବିହନ ମଧ୍ୟ ଯୋଗାଇ ଅଛୁଁ । ଯେଉଁଠାରେ ସମ୍ଭବ ସେଠାରେ ଆମ୍ଭେମାନେ କ୍ଷୁଦ୍ର ଜଳସେଚନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିଛୁଁ । ଘର ପିଛା ଟ ୨୦୦ ରୁ ଟ ୩୦୦ଙ୍କା ଖର୍ଚ୍ଚ କରି ଆମ୍ଭେମାନେ ପ୍ରତି ପରିବାର ପାଇଁ ଗୋଟିଏ ଗୋଟିଏ ଆଦର୍ଶ ଓ ସୁଦୃଶ୍ୟ ଘର ତୋଳି ଦେଇଅଛୁଁ । ଏ ସବୁ ଆଦିବାସୀ ବସତିମାନ ଏପରି ସୁଦୃଶ୍ୟ ଓ ଆଦର୍ଶ ଗ୍ରାମ ହୋଇଅଛି ଯେ ଭାରତର ଯେ କୌଣସି ପଲ୍ଲୀ ଅଞ୍ଚଳର ବାସିନ୍ଦା ତହିଁରେ ରହିବା ପାଇଁ ଆକୃଷ୍ଟ ହେବେ । ଆମ୍ଭେମାନେ ଯେତେବେଳେ ଏହି ଥଇଥାନ ଉଦ୍ୟମ ଆରମ୍ଭ କଲୁଁ ସେତେବେଳେ ଦେଖାଗଲା ଯେ, ଆଦିବାସୀମାନେ ବଳଦମାନଙ୍କୁ ମାରି ଖାଇ ଦେଉଅଛନ୍ତି ବା ବିକି ଦେଉଅଛନ୍ତି । କିନ୍ତୁ ସମୟକ୍ରମେ ସେମାନେ ପଶୁ ପାଳନର

ଉପକାରିତା ବୁଝିଲେଣି । ନୟମିତ ଓ ସ୍ଥାୟୀ ଫସଲର ସୁବିଧା ହୃଦୟଙ୍ଗମ କଲେଣି । ଆମ୍ଭମାନଙ୍କ ଉନ୍ନୟନକାର୍ଯ୍ୟକ୍ରମର ଏହି ଅଂଶ ସଫଳ ହେଲେ ଆମ୍ଭେମାନେ ଆଦିବାସୀମାନଙ୍କୁ ଅନିଷ୍ଟକର ପୋଡ଼ୁଚାଷରୁ ନିବୃତ୍ତ କରିପାରିବା । ଆଦିବାସୀମାନଙ୍କ ମଧ୍ୟରେ ପୋଡ଼ୁଚାଷର ପ୍ରାଦୁର୍ଭାବ ଯୋଗୁଁ ପର୍ବତ ଉପରେ ଗଛ ରହୁନାହିଁ—ପର୍ବତ ଉପର ପଦା ହୋଇ ଯାଉଅଛି । ଏଥିଯୋଗୁଁ ବାର୍ଷିକ ବର୍ଷାପାତର ପରିମାଣ କମୁଛି । ନଦୀର ବନ୍ୟାଦ୍ୱାରା ଯେଉଁ ଉପକାର ହେଉଥିଲା ତାହା ମଧ୍ୟ ହ୍ରାସ ପାଉଅଛି । ଆମ୍ଭମାନଙ୍କ ପ୍ରଚେଷ୍ଟା ଏହି ଅନିଷ୍ଟର ନିରାକରଣ ପାଇଁ ଉଦ୍ଦିଷ୍ଟ । ଯେଉଁ ଆଦିବାସୀମାନଙ୍କୁ ଆମ୍ଭେମାନେ ଆଦର୍ଶ ଗ୍ରାମମାନଙ୍କରେ ଥଇଥାନ କରିଥାଇଁ ସେମାନଙ୍କର ଅର୍ଥନୈତିକ ଅବସ୍ଥାର ଉନ୍ନତି ମଧ୍ୟ ଆମ୍ଭମାନଙ୍କ କାର୍ଯ୍ୟକ୍ରମ ଦ୍ୱାରା ହୋଇପାରିବ । ଯେଉଁସବୁ ଆଦିବାସୀ ଆମ୍ଭମାନଙ୍କଦ୍ୱାରା ସ୍ଥାପିତ ଆଦର୍ଶ ଗ୍ରାମମାନଙ୍କର ଆଖପାଖରେ ରହିଅଛନ୍ତି ସେମାନଙ୍କୁ ଘର ଉନ୍ନତ କରି ତୋଳିବା ଉଦ୍ଦେଶ୍ୟରେ ଆମ୍ଭେମାନେ ସ୍ୱଳ୍ପ ଆର୍ଥିକ ସାହାଯ୍ୟ ଦେଇଥାଇଁ । ଯେଉଁସବୁ ସ୍ଥାନରେ ଚାଷ ସଫଳ ହୋଇ ପାରୁନାହିଁ ଅଥବା ଉତ୍ପନ୍ନି ପରିବାରମାନଙ୍କ ଭରଣପୋଷଣ ନିମନ୍ତେ ଯଥେଷ୍ଟ ହୋଇପାରୁନାହିଁ, ସେ ସବୁ ସ୍ଥାନରେ ଆମ୍ଭେମାନେ ମହୁମାଛିପାଳନ, କୁକୁଡ଼ାପାଳନ, ସୂତାକଟା ଓ ଲୁଗାବୁଣା ପ୍ରଭୃତି କୁଟୀରଶିଳ୍ପ ଚାଲୁ କରିଅଛୁଁ । ତାଳଗୁଡ଼ ତିଆରି, ଟୋକେଇବୁଣା, ଦଉଡ଼ି ବଳା ଓ ସମବାୟପ୍ରଣାଳୀରେ କୁଟୀରଶିଳ୍ପମାନଙ୍କୁ ସଂଗଠିତ କରିବା ମଧ୍ୟ ଆମ୍ଭେମାନେ ପରିକଳ୍ପନା କରୁଅଛୁଁ ।

କିନ୍ତୁ କେବଳ ପରିକଳ୍ପନାରେ ତୁରନ୍ତ ଫଳ ଫଳେ ନାହିଁ—ମୁଁ ସ୍ୱୀକାର କରୁଛି ଯେ ଆମ୍ଭେମାନେ ଏ ଦିଗରେ ବେଶି ଆଗେଇ ପାରିନାହୁଁ । କିନ୍ତୁ ଆମ୍ଭମାନଙ୍କର ବିରାଟ ଆଶା ରହିଛି ଏବଂ ଭବିଷ୍ୟତରେ ଉନ୍ନତ ଜୀବନଯାପନ କରିବା ପାଇଁ ଆମ୍ଭେମାନେ ଆଦିବାସୀମାନଙ୍କୁ ପ୍ରୋତ୍ସାହିତ କରିବାରେ କ୍ଷମ ହୋଇପାରିବୁଁ । ଆଦିବାସୀମାନଙ୍କ ଚାଷଲବ୍ଧ ଜିନିଷମାନର ବିକିବଟା ନିମନ୍ତେ ଆମ୍ଭେମାନେ ବହୁମୁଖୀ ସମବାୟସମିତିମାନ ସ୍ଥାପନ କରିଅଛୁଁ । ଏ ପର୍ଯ୍ୟନ୍ତ ୧୯ ଟି ସମିତି ସ୍ଥାପିତ ହୋଇଅଛି । ଗୁଡ଼ିଏ ସମିତିରେ ଭଲ କାମ ହେଉଅଛି । ଅନ୍ୟାନ୍ୟ ସମିତିଗୁଡ଼ିକ ରାଜ୍ୟର ବହୁ ସମିତି ଭଳି ଅସୁବିଧା ସହିତ ଲଢ଼ି ଚାଲିଅଛନ୍ତି; କିନ୍ତୁ କେଉଁଠି କାଁ ଭାଁ ଅକୃତକାର୍ଯ୍ୟ ହେବାକୁ ପଡ଼ୁଛି ବୋଲି ଆମ୍ଭେମାନେ ଆଦିବାସୀମାନଙ୍କପାଇଁ ଯେ ଲାଭଦାୟକ ପନ୍ଥା ଖୋଜିବାରୁ ନିବୃତ୍ତ ହେବୁଁ ଏହା ନୁହେ । ଯେଉଁ ସବୁ ସ୍ଥଳରେ ବନ୍ୟ ଜୀବଜନ୍ତୁ ଆଦିବାସୀଙ୍କ ଫସଲ ନଷ୍ଟ କରୁଛନ୍ତି ସେ ସବୁ ସ୍ଥଳରେ ଆମ୍ଭେମାନେ ସେମାନଙ୍କୁ ବନ୍ଧୁକ ଯୋଗାଇ ଦେଇଅଛୁଁ—ଉଦ୍ଦ୍ୱାରା ସେମାନେ ଫସଲ ରକ୍ଷା କରି ପାରୁଛନ୍ତି ଓ ଶିକାର କରି ମାଂସ ଖାଇପାରୁଛନ୍ତି ।

ଗ୍ରାମମାନଙ୍କରେ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା ନିମନ୍ତେ ଆମ୍ଭେମାନେ ଯତ୍ନକଞ୍ଚିତ କାର୍ଯ୍ୟ କରିଅଛୁଁ । ଆଦର୍ଶ ଗ୍ରାମମାନଙ୍କରେ ଯେପରି ମେଲେରିଆ ନ ପଶେ ସେଥିପାଇଁ ଆମ୍ଭେମାନେ ଘରମାନଙ୍କର ଚତୁଃପାର୍ଶ୍ୱ ପରିଷ୍କାର ରଖାଇଅଛୁଁ । ଲୋକଙ୍କୁ ପାଲୁଡ୍ରିନ ବଟିକା ଦେଇଅଛୁଁ । ଅନେକଗୁଡ଼ିଏ ଆଦର୍ଶ ଗ୍ରାମରେ ରୋଗୀମାନଙ୍କୁ ସେବା କରିବାକୁ ଓ ସ୍ତ୍ରୀ ଲୋକଙ୍କୁ ପ୍ରସବକାର୍ଯ୍ୟରେ ସାହାଯ୍ୟକରିବାକୁ ଆମ୍ଭେମାନେ ଟ୍ରେନିଙ୍ଗ ପାଇଥିବା ଧାଈ ରଖାଇଅଛୁଁ । ବିଷିରିପି ଘାଆ (Yaws) ଦାଉରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଆମ୍ଭେମାନେ ଉଦ୍ୟମ କରିଅଛୁଁ ଏବଂ ଚକ୍ଷୁରୋଗର ପ୍ରତିକାର କରିବାକୁ ଯତ୍ନଶୀଳ ଅଛୁଁ । ଆମ୍ଭେମାନେ ବଡ଼ରୋଗ ବା କୁଷ୍ଠ ନିବାରଣ ପାଇଁ ମଧ୍ୟ ସଲଫୋନ ଔଷଧ ବାଣ୍ଟୁଅଛୁଁ । ଗ୍ରାମମଙ୍ଗଳକେନ୍ଦ୍ର ମାନଙ୍କରେ ଆମ୍ଭେମାନେ ସାଧାରଣ ଔଷଧ ରଖାଇଛୁ ଏବଂ ସମାଜକର୍ମୀମାନେ ଲୋକଙ୍କ ମଧ୍ୟରେ ଏ ଔଷଧ ଛୋଟ ଛୋଟ ବିରାମ ଆରାମ ହେଲେ ବାଣ୍ଟି-ଥାଆନ୍ତି । ଆମ୍ଭେମାନେ ଡାକ୍ତରୀ, କବିରାଜୀ ଓ ହୋମିଓପାଥି ଔଷଧ ରଖାଇଅଛୁଁ—ଆଦିବାସୀ-ମାନେ ସବୁବେଳେ ରୋଗରେ ଆକ୍ରାନ୍ତ ହୁଅନ୍ତି ଏବଂ ଏଥିଯୋଗୁଁ ସେମାନଙ୍କୁ ଆମ୍ଭେମାନେ ଏହି ବିବିଧ ପ୍ରତିକାରଦ୍ୱାରା ରୋଗମୁଖରୁ ରକ୍ଷାକରୁଁ । ରୋଗମାନଙ୍କୁ ଆମ୍ଭେମାନେ ଯେ ପୂରାପୂରି ତଡ଼ିଦେଇ ପାରୁଛୁଁ ତାହା ନୁହେଁ—ତଥାପି ଆଦିବାସୀମାନେ ରୋଗରେ ପଡ଼ି ଯେପରି ଅସହାୟ ଅବସ୍ଥାରେ ଦୁଃଖକଷ୍ଟ ଭୋଗୁଥିଲେ ଆଜି ତାହା ହେବାର ଆଉ ବାଟ ନାହିଁ ।

ଆଦିବାସୀ ଅଞ୍ଚଳମାନଙ୍କରେ ରାସ୍ତାଘାଟର ସୁବିଧା କରିବା ପାଇଁ ଆମ୍ଭେମାନେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଅଛୁଁ । ମୁଖ୍ୟ ରାସ୍ତାମାନଙ୍କରୁ ଆମ୍ଭେମାନେ ଆଦିବାସୀ ଅଞ୍ଚଳମାନଙ୍କୁ ଶାଖା ରାସ୍ତାମାନ ନେବାକୁ ଯତ୍ନ କରିଅଛୁଁ । ଯେଉଁ ଯେଉଁଠାରେ ପାନୀୟ ଜଳର ଅସୁବିଧା ରହିଛି ସେ ସବୁଠାରେ ଆମ୍ଭେମାନେ କୂଅ ଖୋଳାଇ ଆଦିବାସୀମାନଙ୍କୁ କୂଅପାଣି ପିଇବାକୁ ପ୍ରବର୍ତ୍ତାଉଛୁଁ ଓ ଗାଡ଼ିଆ ଓ ନଈର ଅପରିଷ୍କୃତ ପାଣି ବ୍ୟବହାର କରିବାକୁ ବାରଣ କରୁଅଛୁଁ ।

ଆଦିବାସୀ ସମାଜର ଏହି ମୁଖ୍ୟ ମୁଖ୍ୟ ଅଭାବ ଅସୁବିଧା ଦୂର କରିବାକୁ ଆମ୍ଭେମାନେ ଉପରୋକ୍ତ ରୂପେ ଯତ୍ନ କରିଅଛୁଁ । ସେମାନଙ୍କୁ ସାମାଜିକ ଜୀବନର ବିକାଶ କରିବାରେ ସୁବିଧା ଦେବା ମଧ୍ୟ ଆମ୍ଭେମାନେ ଭୁଲି ଯାଇନାହୁଁ । ଆମ୍ଭେମାନେ ମେଳା ଗୋଷ୍ଠୀ ଓ ସମୂହ ଭୋଜନ କେନ୍ଦ୍ରମାନ ଅନୁଷ୍ଠାନ କରି ସେମାନଙ୍କ ମଧ୍ୟରେ ସାମାଜିକ ମିଳନର ବ୍ୟବସ୍ଥା କରୁଛୁଁ । ସେମାନଙ୍କ ଧର୍ମଗତ ଓ ସମାଜଗତ ପ୍ରଥାମାନ ଯେପରି ସେମାନେ ପାଳନ କରିପାରନ୍ତି ତନ୍ନିମନ୍ତେ ସେମାନଙ୍କୁ ଆମ୍ଭେମାନେ ପ୍ରୋତ୍ସାହିତ କରୁଛୁଁ । ସେମାନଙ୍କ ମନରେ ଯେପରି ଧାରଣା ନ ହୁଏ ଯେ ଆମ୍ଭେମାନେ ସେମାଙ୍କୁ ସେମାନଙ୍କ ସଂସ୍କୃତିରୁ ବିଚ୍ଛିନ୍ନ କରିପକାଉଛୁଁ—ଏଥିପାଇଁ ଆମ୍ଭେମାନେ ସାବଧାନ । ସେମାନଙ୍କ ମନର ଆଭିମୁଖ୍ୟ

କଲନା କରିବା ନିମନ୍ତେ ଏବଂ ସେମାନଙ୍କ ସହିତ କିପରି ଯଥାଯଥ ବ୍ୟବହାର କରିବୁଁ ତାହା ଅବଧାରଣ କରିବା ନିମନ୍ତେ ଆମ୍ଭେମାନେ ଟ୍ରାଇବାଲ ରିସର୍ଚ୍ଚ ବ୍ୟୁରୋ ନାମକ ଗୋଟିଏ ଅନୁଷ୍ଠାନ ସ୍ଥାପନ କରିଅଛୁଁ । କର୍ମଚାରୀଙ୍କ ଅଭାବରୁ ଟ୍ରାଇବାଲ ରିସର୍ଚ୍ଚ ବ୍ୟୁରୋ ଯେଉଁ ପରିମାଣରେ କାର୍ଯ୍ୟ କରିବା ଉଚିତ ସେ ପରିମାଣରେ ଯେ କାର୍ଯ୍ୟ କରିପାରିନାହିଁ ମୁଁ ଏହା ସ୍ୱୀକାର କରୁଅଛି । କିନ୍ତୁ ଏ ଅନୁଷ୍ଠାନର ବିକାଶ ଘଟାଇବା ବିଷୟରେ ଆମ୍ଭେମାନେ ଅବହିତ ଅଛୁଁ ଏବଂ ଏଥିରେ ପୁଣି ଉପଯୁକ୍ତ ସଂଖ୍ୟକ କର୍ମଚାରୀ ନିଯୁକ୍ତ କରିଅଛୁଁ । ଆମ୍ଭେମାନେ ଗୋଟିଏ କ୍ଷୁଦ୍ର ପ୍ରଦର୍ଶଶାଳା (ମିଉଜିଅମ) ସ୍ଥାପନ କରିଅଛୁଁ । ଗୋଟିଏ ଗବେଷଣା ପତ୍ରିକା ପ୍ରକାଶ କରିଅଛୁଁ ଏବଂ ତନ୍ନିମନ୍ତେ ପ୍ରୟୋଜନୀୟ କର୍ମଚାରୀ ସଂଗ୍ରହ କରୁଅଛୁଁ ।

ପ୍ରତିନିଧି ସ୍ଥାନୀୟ ବେସରକାରୀ ଲୋକଙ୍କଠାରୁ ଆଦିବାସୀ ଉନ୍ନୟନ ବିଷୟରେ ଆମ୍ଭେମାନେ ଯେପରି ଯଥାଯଥ ପରାମର୍ଶ ଲାଭ କରିପାରୁଁ ଏବଂ ଆମ୍ଭମାନଙ୍କ ତତ୍‌ସଂକ୍ରାନ୍ତ କର୍ମ-ନିର୍ଘଣ୍ଟ ଯେପରି ବାସ୍ତବତାର ଅଭିମୁଖୀ ହୁଏ, ଆମ୍ଭେମାନେ ସେଥିପାଇଁ ରାଜ୍ୟରେ ଗୋଟିଏ ଆଦିବାସୀ ପରାମର୍ଶଦାତା କାଉନ୍‌ସିଲ (ଟ୍ରାଇବ୍‌ସ ଆଡ଼ଭାଇଜରୀ କାଉନ୍‌ସିଲ) ସ୍ଥାପନ କରିଅଛୁଁ । ଏ କାଉନ୍‌ସିଲର ବିଚାର ଆମ୍ଭମାନଙ୍କର ସହାୟତା କରିଅଛି—ଆମ୍ଭମାନଙ୍କ କର୍ମପନ୍ଥାର ପରିସର ବଢ଼ିଲେ ସଭ୍ୟମାନଙ୍କ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ଓ ପରାମର୍ଶ ଦ୍ୱାରା ଆମ୍ଭେମାନେ ନିଶ୍ଚୟ ଉତ୍ତରୋତ୍ତର ଉପକୃତ ହେବୁଁ ।

ଏଠାରେ କହିଲେ ଅପ୍ରାସଙ୍ଗିକ ହେବନାହିଁ ଯେ, ଆମ୍ଭେମାନେ ଯେତେ ପ୍ରକାର କାର୍ଯ୍ୟ-କଳାପରେ ହାତ ଦେଇଅଛୁଁ ସେ ସବୁର ଗୋଟିଏ ମାତ୍ର ଲକ୍ଷ୍ୟ ରହିଅଛି—ତା ହେଉଛି ଆଦିବାସୀମାନଙ୍କ ଅବସ୍ଥାର ଉନ୍ନତି ଏବଂ ଆଦିବାସୀମାନଙ୍କୁ ଉପଯୁକ୍ତ ନାଗରିକ କରି ଗଢ଼ିବା । ଆମ୍ଭମାନଙ୍କର ଏ ଉଦ୍ୟମ ଗୋଟିଏ ସହଯୋଗମୂଳକ ଉଦ୍ୟମ — ଆମ୍ଭେମାନେ ସମସ୍ତଙ୍କ ସହଯୋଗ ଓ ପରାମର୍ଶ ଲୋଡ଼ୁଅଛୁଁ । ସରକାରଙ୍କ ସମସ୍ତ ବିଭାଗମାନଙ୍କୁ ଆମ୍ଭମାନଙ୍କର ଅନୁରୋଧ ଯେ ସେମାନେ ଉନ୍ନୟନର କାର୍ଯ୍ୟ-କ୍ରମ ପ୍ରଣୟନ କଲାବେଳେ ଆଦିବାସୀମାନଙ୍କୁ ଦୃଷ୍ଟିରେ ରଖିବେ—କାରଣ ସେମାନଙ୍କ କାର୍ଯ୍ୟ-କ୍ରମରେ ଯଦି ଆଦିବାସୀମାନେ ଉପକୃତ ହୁଅନ୍ତି, ତାହାହେଲେ ରାଜ୍ୟର ଅନ୍ୟ ସମସ୍ତ ନାଗରିକ ଅବଶ୍ୟ ଉପକୃତ ହେବେ ।

ଆଦିବାସୀମାନଙ୍କ ଛଡ଼ା ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ହରିଜନମାନଙ୍କର ଓ ଅନ୍ୟ ତଫସିଲଭୁକ୍ତ ଜାତିମାନଙ୍କର ତତ୍ତ୍ୱାବଧାନ କରିବାର ଭାର ବହନ କରିଅଛି । ଆମ୍ଭେମାନେ ରାଜ୍ୟ ତମାମ ଗୁଡ଼ିଏ ଗ୍ରାମମଙ୍ଗଳକେନ୍ଦ୍ର ସ୍ଥାପନ କରିଅଛୁଁ । ଆମ୍ଭେମାନେ ଡି-ନୋଟିଫାଏଡ଼ ସମ୍ପ୍ରଦାୟର ଲୋକଙ୍କ ପାଇଁ ଆଦର୍ଶ ବସତିମାନ ସ୍ଥାପନ କରୁଅଛୁଁ, ବିଭିନ୍ନ ସ୍ଥାନରେ ହରିଜନ

ମେଳା ଅନୁଷ୍ଠିତ କରୁଅଛୁଁ, ଅସ୍ପୃଶ୍ୟତା ଦୂର କରିବାକୁ ସମୂହ ପଂକ୍ତି ଭୋଜନ କରାଉଅଛୁଁ, ହରିଜନ ଅଞ୍ଚଳମାନଙ୍କରେ କୂଅ ଖୋଳାଉଅଛୁଁ ଓ ରାସ୍ତା ତିଆରି କରାଉଅଛୁଁ । ଅନ୍ୟାନ୍ୟ ବିଭାଗମାନଙ୍କ ଦ୍ୱାରା ପରିଚାଳିତ ସାଧାରଣ ଓ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନ କରିବାକୁ ଆମ୍ଭେମାନେ ଆଦିବାସୀ ଓ ହରିଜନ ବାଳକମାନଙ୍କୁ ମାସିକ ବୃତ୍ତି ଦେଉଅଛୁଁ । ବମ୍ବେ ଓ ଦିଲ୍ଲୀ ପ୍ରଭୃତି ଦୂର ଜାଗାମାନଙ୍କରେ ସରକାରୀ ସାହାଯ୍ୟରେ ଆଦିବାସୀ ଓ ହରିଜନ ଛାତ୍ରମାନେ ପାଠ ପଢ଼ୁଅଛନ୍ତି । ଗ୍ରାମମଙ୍ଗଳ କେନ୍ଦ୍ରମାନଙ୍କରେ ଆମ୍ଭେମାନେ ଛୋଟଛୋଟ ସାଧାରଣ ପୁସ୍ତକାଗାର ଓ ପାଠାଗାରମାନ ସ୍ଥାପନ କରିଅଛୁଁ, ସାଧାରଣ ଔଷଧପତ୍ର ବାଣ୍ଟୁଅଛୁଁ ଏବଂ କୃଷି, ସୂତାକଟା, କୁକୁଡ଼ାପାଳନ, ଏଣ୍ଡିଚାଷ ଓ ମହୁମାଛି ପାଳନ ଆଦି ସାଧାରଣ ଧନ୍ଦା ଶିକ୍ଷା ଦେଉଅଛୁଁ । ପୂର୍ବ ଅପେକ୍ଷା ଅନୁନ୍ନତ ଜାତିର ପ୍ରାର୍ଥୀମାନେ ଯେପରି ଅଧିକ ସଂଖ୍ୟାରେ ସରକାରୀ ଚାକିରୀ ପାଆନ୍ତି ସେଥିପାଇଁ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର କରି ସରକାରୀ ଚାକିରିର ଗୋଟାଏ ଶତକଡ଼ା ଅଂଶ ଧାର୍ଯ୍ୟ କରି ଦେଇଅଛୁଁ । ସରକାରୀ ଚାକିରି ପାଇବାକୁ ଧାର୍ଯ୍ୟ ବୟସ ଓ ଯୋଗ୍ୟତା ସେମାନଙ୍କ ପାଇଁ କୋହଳ କରି ଦିଆଯାଇଛି । ଏ ନୀତି ଦ୍ୱାରା ଅନୁନ୍ନତ ଶ୍ରେଣୀର ଲୋକମାନେ ଅଧିକ ସଂଖ୍ୟାରେ ଚାକିରିବାକରି ପାଇପାରିବେ ଓ ସେମାନଙ୍କ ବେକାର ସମସ୍ୟାର ସୁସମାଧାନ ହେବ ।

ମୁଁ ସ୍ୱୀକାର କରୁଛି ଯେ ଆମ୍ଭମାନଙ୍କ ସମକ୍ଷରେ ଥିବା ସମସ୍ୟା ବିରାଟ ଓ ଆମ୍ଭେମାନେ ଏଥିର ସମାଧାନ ପାଇଁ ଯାହା କରିପାରିଥାଇଁ ତାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି ଯତ୍‌କିଞ୍ଚିତ ମାତ୍ର । କିନ୍ତୁ ଆମ୍ଭମାନଙ୍କର ଏ ସାମାନ୍ୟ ଉଦ୍ୟମରେ ଆମ୍ଭେମାନେ ନିମ୍ନଲିଖିତ ସଂଗଠିତ ଅନୁଷ୍ଠାନମାନଙ୍କଦ୍ୱାରା ଯଥେଷ୍ଟ ସାହାଯ୍ୟ ଓ ଉତ୍ସାହ ପ୍ରାପ୍ତ ହୋଇଥାଇଁ, ଯଥା:—ନବଜୀବନ ମଣ୍ଡଳ, ଡିପ୍ରେସ୍‌ଡ କ୍ଲାସେସ ଲୀଗ, ହରିଜନ ସଙ୍ଘ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି । ଅନେକ ପ୍ରସିଦ୍ଧ ସମାଜସେବକମାନେ ମଧ୍ୟ ଆମ୍ଭମାନଙ୍କୁ ସାହାଯ୍ୟ ଓ ଉତ୍ସାହ ପ୍ରଦାନ କରିଅଛନ୍ତି । ଶ୍ରୀମତୀ ମାଳତୀଚୌଧୁରୀଙ୍କଠାରୁ ମଧ୍ୟ ଆମ୍ଭେମାନେ ପ୍ରଭୂତ ସାହାଯ୍ୟ ଓ ନିର୍ଦ୍ଦେଶ ଲାଭ କରିଅଛୁଁ ।

ଭାରତରେ ଗୋଟିଏ ଶ୍ରେଣୀହୀନ ସମାଜ ଗଠନ କରିବା ନିମନ୍ତେ ଆଦିବାସୀମାନଙ୍କ ସମୁଦ୍ଧାର ଆମ୍ଭମାନଙ୍କ କାର୍ଯ୍ୟକ୍ରମର ଯେ ଗୋଟିଏ ଏକାନ୍ତ ପ୍ରୟୋଜନୀୟ ଅଙ୍ଗ ଆମ୍ଭେମାନେ ଏହା ଉପଲବ୍ଧି କରିଅଛୁଁ । ଧନୀ ଲୋକମାନଙ୍କ ଠାରୁ ଆସ୍ତେ ଆସ୍ତେ ଅଧିକରୁ ଅଧିକ ରାଜସ୍ୱ ଆଦାୟ କରି କମ୍ ସ୍ୱଚ୍ଛଳ ଅବସ୍ଥାର ଲୋକଙ୍କ ଆର୍ଥିକ ଅବସ୍ଥାର ଉନ୍ନୟନ କରିବା ଆମ୍ଭମାନଙ୍କର ନୀତି ହେବା ଉଚିତ । ଜାତିଭେଦ ଓ ଅସ୍ପୃଶ୍ୟତା ଲୋପ ହେବା ଦରକାର । ଅନ୍ୟାନ୍ୟ ଅନୁନ୍ନତ ଜାତିଙ୍କର ଉନ୍ନୟନ କରିବାକୁ ହେବ । ଏହା ହେଲେ ଦେଶରେ ସମସ୍ତଙ୍କର ସମାନ କର୍ତ୍ତବ୍ୟ

ସମାନ ଅଧିକାର ରହିବ ବୋଲି ଜାତିର ଜନକ ମାହାତ୍ମା ଗାନ୍ଧୀ ଯେଉଁ ସ୍ୱପ୍ନ ଦେଖୁଥିଲେ ତାହା ସାର୍ଥକ ହେବ ।

ଏ ଲକ୍ଷ୍ୟ ସିଦ୍ଧ ହେବାକୁ ଅବଶ୍ୟ ବହୁତ ସମୟ ଲାଗିବ, କିନ୍ତୁ ଆମ୍ଭେମାନେ ସେ ଆଜି ଅଗ୍ରଗତିର ପଥରେ ପଥିକ !!

---

# ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଆଦିବାସୀ ଚିତ୍ର

## ଅଧ୍ୟାପକ ବଂଶୀଧର ମହାନ୍ତ

ଆଦିବାସୀ ସଂସ୍କୃତି ପ୍ରାଗୈତିହାସିକ ଯୁଗର ସଂସ୍କୃତିରୂପେ ପରିଚିତ । ଅଷ୍ଟ୍ରିକ ଗୋଷ୍ଠୀର ଶାଖା ଏକ ସମୟରେ ଅଷ୍ଟ୍ରେଲିଆ ଓ ଗଣ୍ଡୱାନା ଅଞ୍ଚଳ ଲଗାଇ ଭାରତର ପୂର୍ବାଞ୍ଚଳ ଓ ଦାକ୍ଷିଣାତ୍ୟ ପ୍ରଦେଶରେ ସେମାନଙ୍କର ବିରାଟ ସାମ୍ରାଜ୍ୟ ଗଢ଼ିଥିଲେ । ସେମାନଙ୍କର ପ୍ରତିପତ୍ତି ସିଂହଳ, ଜାଭା, ବାଲି, ବୋର୍ଣ୍ଣିଓ, ସୁମାତ୍ରା ଓ ସେଲିବସ୍ ପ୍ରଭୃତି ଦ୍ୱୀପପୁଞ୍ଜରେ ଆଜି ମଧ୍ୟ ରହିଛି । ଅଷ୍ଟ୍ରୋଏସୀୟ, ମୁଣ୍ଡାରି ବା ମୋଟ-ଉପରେ ଆଦିବାସୀ ସଭ୍ୟତାର ଗୁପ୍ତ ବହୁ ଅନ୍ଧକାରମୟ ପ୍ରାଗୈତିହାସିକ ଯୁଗରୁ ଯେଉଁ ସ୍ୱତନ୍ତ୍ର କୃଷ୍ଟି ସୃଷ୍ଟି କରିଥିଲି ତାହା ବିଭିନ୍ନ ସମୟରେ ପୃଥିବୀର ପରବର୍ତ୍ତୀ ଜାତି ସମ୍ବନ୍ଧ ଉପରେ ଅନେକ କିଛି ପ୍ରଭାବ ପକାଇଅଛି ।

ସଂସ୍କୃତ ସାହିତ୍ୟରେ ଓ ବେଦରେ ଏହି ଆଦିବାସୀମାନେ 'ଅନାର୍ଯ୍ୟ' ଓ ଅସୁର ଭାବରେ ବର୍ଣ୍ଣିତ । ପାରସୀମାନଙ୍କର ପ୍ରାଚୀନ ବଂଶଧର-ମାନେ ମଧ୍ୟ 'Zu Ahrus' ଜୁ ଅହୁର ବା ଅହୁର ମଜଦାଙ୍କୁ ପୂଜା କରନ୍ତି । ଏହି ଅସୁର ସାମ୍ରାଜ୍ୟ ଭାରତରେ ଏକ ପ୍ରଧାନ ଶକ୍ତିଶାଳୀ ବସ୍ତୁ ଥିବାର ପୁରାଣମାନଙ୍କରୁ ଜଣାଯାଏ । ଦେବାସୁର ଯୁଦ୍ଧ ହିଁ ଆର୍ଯ୍ୟ ଅନାର୍ଯ୍ୟମାନଙ୍କ ମଧ୍ୟରେ ଯୁଦ୍ଧ । ଅନାର୍ଯ୍ୟ ବୋଇଲେ ଯେଉଁମାନେ ଆର୍ଯ୍ୟ ନୁହନ୍ତି, ଅର୍ଥାତ୍ ସେତେ-ବେଳକାର ଭାରତର ମୁଖ୍ୟତଃ ଆଦିବାସୀ ଓ ପରବର୍ତ୍ତୀ ସୁମେରୀୟ ଦ୍ରାବିଡ଼ ଗୋଷ୍ଠୀ ।

ଓଡ଼ିଶାପ୍ରଦେଶ ଏକ ସମୟରେ ଏହି ଆଦିବାସୀଗୋଷ୍ଠୀ ଦ୍ୱାରା ପରିପୂର୍ଣ୍ଣ ଥିଲା । ବୋଧହୁଏ ସେଇଥିପାଇଁ ଓଡ଼ିଶାକୁ ସେତେ-ବେଳେ ଆର୍ଯ୍ୟମାନେ ଅପବିତ୍ର ଦେଶ ବୋଲି କହୁଥିଲେ ।

"ଅଙ୍ଗ ବଙ୍ଗ କଳିଙ୍ଗାଶ୍ଚ ସୌରାଷ୍ଟ୍ରଂ ମାଗଧଂ ତଥା
ତୀର୍ଥଯାତ୍ରାଃ ବିନା ଗତ୍ୱାଂ ପୁନଃ ସଂସ୍କାର ମର୍ହତି"

ପ୍ରାଚୀନ କାଳରୁ ଓଡ଼ିଶା ଅପବିତ୍ର ଦେଶ ଭାବରେ କଥିତ କାରଣ ତାହା ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ପ୍ରଦେଶ ଓ ପରବର୍ତ୍ତୀ ସମୟରେ ଏହି ଅପବିତ୍ରତାର ସୁବିଧା ହିନ୍ଦୁ-ଧର୍ମାବଲମ୍ବୀମାନେ ଓଡ଼ିଶା ପ୍ରଦେଶର ବୌଦ୍ଧ

ଓ ଜୈନମାନଙ୍କ ପ୍ରତି ପ୍ରୟୋଗ କଲେ । ମହାଭାରତ ଯୁଗରେ ଉଡ୍ର ଓ କଳିଙ୍ଗମାନେ ବୀରଜାତି ଭାବରେ କୌରବମାନଙ୍କର ପକ୍ଷ ସମର୍ଥନ କରିଅଛନ୍ତି ଓ ବୀରତ୍ୱ ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି । ଭରତ ନାଟ୍ୟଶାସ୍ତ୍ରରେ ଉଡ୍ରମାନେ ଯେହେତୁ ମୁଖ୍ୟତଃ ଆଦିବାସୀ ତେଣୁ ସେମାନଙ୍କର ଭାଷା ଓ ଶବରମାନଙ୍କର ଭାଷା ପ୍ରଭୃତିକୁ 'ବିଭାଷା' ଭାବରେ କୁହାଯାଇଅଛି । ପ୍ରାକୃତ ବୈୟାକରଣିକ ମାର୍କଣ୍ଡେୟ ତାଙ୍କର ପ୍ରାକୃତ ସର୍ବସ୍ୱ ଗ୍ରନ୍ଥରେ ଓଡ଼ିଆ ଭାଷାର ଉତ୍ପତ୍ତିରେ ଶବର ଭାଷାର ପ୍ରାଧାନ୍ୟ ସୂଚିତ କରିଅଛନ୍ତି । (ଓଡ଼ିଶାର ଆଦିବାସୀ ସଂସ୍କୃତି ପୃ ୧୦୦ ଦ୍ରଷ୍ଟବ୍ୟ) ।

ପ୍ଲିନି (Pliny) ଏହି ଉଡ୍ରମାନଙ୍କୁ (Oretes) ଓରେଟସ ବୋଲି କହିଅଛନ୍ତି । ସେ ପୁଣି ଅନ୍ୟ ଏକ ସ୍ଥାନରେ ଲେଖିଅଛନ୍ତି ଯେ, ଓଡ଼ିଶା ପ୍ରଦେଶ ମୁଣ୍ଡା ଓ ଶବରମାନଙ୍କର ଦେଶ ଥିଲା । କନିଂହାମ୍ ସାହେବ ଖ୍ରୀଷ୍ଟୀୟ ପ୍ରଥମ ଶତକର ଭୌଗୋଳିକ ପ୍ଲିନିଙ୍କର ଲେଖାକୁ ଆଲୋଚନା କରି କହିଅଛନ୍ତି— "The Monedes and Suari must therefore be the Mundas and Suars, as already noticed, and the oretes must be the people of orissa" (The anecient Geography of India Cunningham, p 586 Ed by S. N, Majmdar ) । ଏହା ଅତି ସତକଥା ଏବଂ ତାହାର ପ୍ରକୃଷ୍ଟ ପ୍ରଭାବ ଆମ ଓଡ଼ିଶାର ଜଗନ୍ନାଥ ଧର୍ମରେ ପାଇଥାଉଁ ।

ଓଡ଼ିଆ ସାହିତ୍ୟରେ ମଧ୍ୟ ଏହି ଆଦିବାସୀମାନଙ୍କର ସ୍ୱରୂପ ଅନେକ ଭାବରେ ପ୍ରତିଫଳିତ ହୋଇଛି । ସଂସ୍କୃତି ବୋଇଲେ କେବଳ କୌଣସି ଜାତିର ରୀତି, ନୀତି ଚାଲିଚଳନକୁ ବୁଝାଏ ନାହିଁ ତାହାର ଯୁଗାବଧି ଲିଖିତ ଓ କଥିତ ସାହିତ୍ୟ ମଧ୍ୟ ତାହାର ଅନ୍ତର୍ଭୁକ୍ତ ।

ପ୍ରାଚୀନ ଓଡ଼ିଆ ସାହିତ୍ୟ କହିଲେହିଁ ତାହା ମୁଖ୍ୟ ଭାବରେ ସାରଳା ସାହିତ୍ୟରୁହିଁ ଆରମ୍ଭ ହୋଇଛି । ସାରଳା ସାହିତ୍ୟରେ ଆଦିବାସୀମାନଙ୍କର ଚିହ୍ନ ପର୍ଯ୍ୟାପ୍ତ ଭାବରେ ଦେଖାଯାଏ ।

"ଓଡ଼ିଶାର ଆଦିବାସୀ ସଂସ୍କୃତି" ପୁସ୍ତକରେ 'ଜଗନ୍ନାଥ ଓ ଆଦିବାସୀ ସଂସ୍କୃତି' ପ୍ରସଙ୍ଗରେ ସାରଳାଦାସହିଁ ପ୍ରଥମେ ଆଦିବାସୀ ସଂସ୍କୃତିର ରୂପରେଖ ଜଗନ୍ନାଥ ଧର୍ମରେ ସ୍ପଷ୍ଟ ଭାବରେ ଦେଖାଇ ଦେଇଅଛନ୍ତି । ଏହା ପୂର୍ବରୁ ବିଭିନ୍ନ ସଂସ୍କୃତ ପୁରାଣ (ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡ) ରେ ଉକ୍ତ ବିଷୟ ସୂଚିତ ହୋଇଅଛି । ସାରଳାଦାସଙ୍କର "ଶବରୀ ନାରାୟଣ" ଯଥାର୍ଥରେହିଁ ଶବର ପୂଜିତ ଦେବତାଙ୍କୁହିଁ ବୁଝାଇଥାଏ । ସେଥିପାଇଁ ହରିବଂଶ ପର୍ବରେ ସେ ଲେଖିଅଛନ୍ତି

"ଶବରୀ ବୋଲିକରି ପୂକଇ ସତ୍ୟଯୁଗେ
ଶବରୀ ନାରାୟଣ ରୂପ ହୋଇଲୁଁ ମଧ୍ୟ ସ୍ୱର୍ଗେ"

ଜଗନ୍ନାଥଧର୍ମ ମୁଖ୍ୟତଃ ଆଦିବାସୀର ଧର୍ମ ଓ କ୍ରମେ ତାହା ଆର୍ଯ୍ୟ ଧର୍ମ ସହିତ ସମ୍ମିଶ୍ରିତ ହୋଇଯାଇଛି ବ୍ରାହ୍ମଣ ବିଦ୍ୟାପତି ଓ ଶବରଣୀ

ଲଳିତାର ମିଳନରେ । ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ଶବରର ନୀଳମାଧବ ପୂଜା ପ୍ରଭୃତି ବର୍ଣ୍ଣନା ବ୍ୟତୀତ ସାରଳା ମହାଭାରତର ବିଭିନ୍ନ ସ୍ଥାନରେ ମଧ୍ୟ ଆଦିବାସୀମାନଙ୍କର ସୁନ୍ଦର ଚିତ୍ର ପ୍ରକାଶ ଲାଭ କରିଛି । ମହାଭାରତର ମଧ୍ୟ ପର୍ବରେ ଖାଣ୍ଡବ ଦହନ ସମୟରେ ଅର୍ଜ୍ଜୁନଙ୍କର ଶବର ବେଶ ମଧ୍ୟ ଅତୀବ ମନୋରମ ।

"ଜୀବ ମାରଣେ ସେ କରେ ଆଗମନ
ଶିରେଣ ଜଟା ବାନ୍ଧି ରୁଞ୍ଜିଗୁଞ୍ଜି ମାଳ
ଅଗର ଚନ୍ଦନ ସେ କପୋଳେ ଶାମଳୀ
ହସ୍ତରେ ଶରାସନ ଗାଣ୍ଡିବ ନାମେଣ"
(ମ: ପ: ପା: ପୃ ୯୭)

ସାରଳାଦାସ ବିଶେଷ ଭାବରେ ଶବର-ମାନଙ୍କର ବେଶହିଁ ବର୍ଣ୍ଣନା କରିଅଛନ୍ତି । ସେହି ମଧ୍ୟ ପର୍ବରେ ଅନ୍ୟତ୍ର ଶବରମାନଙ୍କର ବେଶ ବର୍ଣ୍ଣନା କରି ଅଛନ୍ତି । ସେମାନଙ୍କ ମୁଣ୍ଡରେ ମୟୂରଖାଲ, କଣ୍ଠରେ ଗୁଞ୍ଜିମାଳ, ଧାମଣାକାଠର ଧନୁ ପ୍ରଭୃତି ବେଶର ବୈଶିଷ୍ଟ୍ୟ । ଆଜିମଧ୍ୟ ଶବରମାନଙ୍କର ବେଶ ପୂର୍ବପରି ଅକ୍ଷୁର୍ଣ୍ଣ ରହିଅଛି । ଅନ୍ୟତ୍ର"—ମଥାରେ ମୟୂରଖାଲ ପରି ହରଣ
କଣ୍ଠେ ଗୁଞ୍ଜିରି ମାଳ
ଲୋହିତ ବର୍ଣ୍ଣ କରେ ରକତଚନ୍ଦନ
ହୃଦରେ ସାମଳୀ
ଶ୍ରୀହସ୍ତେ ଶୋଭିବନ ଧାମଣାକାଠର ଧନୁ"
(ମ: ପ: ପା: ପୃ ୧୨୫)

ଏହାଛଡ଼ା ସେହି ମହାଭାରତ ମଧ୍ୟ ପର୍ବରେ ସାରଳାଦାସ ଲେଖିଅଛନ୍ତି ଯେ କପିଳାସର ଉତ୍ତର ଭାଗରେ ଅସୁର ରାଜ୍ୟ ଥିଲା । ପ୍ରୌଢ଼ା ନାମକ ଅସୁର ବହୁ ଦେଶ ଜୟକରି ଶେଷରେ କପିଳାସ (ଢେଙ୍କାନାଳ) ରେ ଆଶ୍ରୟ ନେଇଥିଲା । ପୁଣି କଥିତ ଯେ ଢେଙ୍କାନାମକ ଆଦିବାସୀର (ଶବର) ନାମରୁ ଢେଙ୍କାନାଳ ନାମ ଉତ୍ପତ୍ତି ଘଟିଛି । ତେବେ ଶାରଳା ଲେଖିଛନ୍ତି

"କପିଳାସ କନ୍ଦର ଉତ୍ତର ପାରୁଶରେ
ପ୍ରୌଢ଼ାସୁର ବୋଲି ରାଜ୍ୟ କରଇ ତଥିରେ"
(ମ: ପ: ପା: ପୃ ୭୧୭)

ସାରଳା ମହାଭାରତରେ ସ୍ଥାନ ବିଶେଷରେ ଶଉରୀ ରାନ୍ଧଣା ବା ଶବରୀ ରାନ୍ଧଣାର ପ୍ରସିଦ୍ଧି ମଧ୍ୟ ଦେଖାଇଅଛନ୍ତି । ଶବରମାନଙ୍କ ରାନ୍ଧଣାର ପ୍ରଣାଳୀରୁ ଶଉରୀ ରାନ୍ଧଣା ଶବ୍ଦର ଉଦ୍ଭବ ବୋଲି ମନେ ହୋଇଥାଏ । ସେ ପ୍ରକାର ରାନ୍ଧଣା ଅବଶ୍ୟ ଗଡ଼ଜାତ ଅଞ୍ଚଳରେ ଅନେକତ୍ର ପ୍ରଚଳିତ । ସାରଳାଙ୍କର ବିବରଣୀଟି ହେଉଛି

"ଶଉରୀ ପ୍ରତି ରାନ୍ଧଣା ମୁନି ହେ କେମନ୍ତ
ଶୌରୀ ନାରାୟଣ ନାମେ ଅଟନ୍ତି କେଶବ
ସୁରପ୍ରିୟା ନାମରେ ଯେ ଶଉରୀ ହୋଇବ
କାଠ ଜଳାଇ କେବଳ ଅନଳରେ ଦାହା
ଅଲଗାରେ ଭଲ ମାଂସ ସେ ଖାଏଟି ଯାହା
ମୃଗ ମାଂସ କାଢ଼ି କରି ଯାହାଥାଏ କଞ୍ଚା
ସବୁ ଏକ ଯୋଗ କରି ପାତ୍ରେ କରେ ସଞ୍ଚା
ତଇଲ କ୍ଷୀର ଲବଣ ଆଦି ପାତ୍ରେ ଭରି
ଶିଆଳି ଲତା ଗୁଡ଼ାଇ ପତ୍ରେ ବାନ୍ଧିକରି

ଅଗ୍ନି ଜାଳିକରି ତାକୁ ପୋଡ଼ିକରି ପକ୍ୱ
ଭୋଜନେ କେ ସରିହେବ ତାହାଠୁଁ ଅଧିକ
ବାତ ପିତ୍ତ ଶ୍ଳେଷ୍ମ ଆଦି ତହିଁ ନାହିଁ ବ୍ୟାଧି"
[ବି: ପ: ପୃ ୫୧]

ଏ ପ୍ରକାର ଶଉରୀ ରନ୍ଧଣା ସାଧାରଣ ଗାଉଁଲି ଘରେ ଘରେ ପୋଡ଼ାବିଧି ଭାବରେ ପ୍ରଚଳିତ । ଏହାଛଡ଼ା ବିଭିନ୍ନ ସ୍ଥାନରେ ମଧ ନିଷାଦ ରାଜା ଜାତିରେ କୈବର୍ତ୍ତ ବୋଲି ସାରଳା ଲେଖିଅଛନ୍ତି । ସଭା ପର୍ବରେ

"ନିଷାଦରାଜା ଅଟଇ ଜାତିରେ କୈବର୍ତ୍ତ
ଗଙ୍ଗାରେ ନାବ ପଖାଳେ ମର୍ତ୍ତ୍ତି ମର୍ତ୍ତ୍ତି ଇତ୍ୟାଦି

ଏହାଛଡ଼ା ସେହି ସଭା ପର୍ବରେ "ଭୂୟାଁ ରାଜା," "ଶବର ରାଜା ଓ "କନ୍ଧରାଜା" ମାନଙ୍କ ସହ ପାଣ୍ଡବମାନଙ୍କର ଯୁଦ୍ଧ ବର୍ଣ୍ଣିତ ହୋଇଛି । ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ମନେ ହୋଇଥାଏ ଓଡ଼ିଶାର କେତେକ ଗଡ଼ଜାତ ରାଜ୍ୟ ଭୂୟାଁ, ଶବର ଓ କନ୍ଧମାନଙ୍କ ଦ୍ୱାରା ଶାସିତ ହେଉଥିଲା । କେନ୍ଦୁଝରର ଭୂୟାଁ ବିଦ୍ରୋହ ଓ ଗଞ୍ଜାମର କନ୍ଧ ବିଦ୍ରୋହ ମଧ ସେମାନଙ୍କ ବୀରତ୍ୱର ପରିଚୟ ଦେଇଥାଏ । ମାକ୍‌ଫରସନ ସାହେବ ତାଙ୍କର "The kond" 1863 ପୁସ୍ତକରେ କନ୍ଧମାନଙ୍କର ସାହସିକତା ଓ ଯୁଦ୍ଧ ପ୍ରଣାଳୀକୁ "Celtic Fire Cross" ବା କନ୍ଧମାନଙ୍କର "Arrow of Summons" (ଗାଁ ଗାଁ ଅସ୍ତ୍ର ପଠାଇଁ ଯୁଦ୍ଧର ସଙ୍କେତ ଦେବା) ବିଧିକୁ ବହୁ ପ୍ରଶଂସା କରି ସେମାନଙ୍କୁ ଏକ ସାମରିକ ଜାତି ଭାବରେ ସ୍ୱୀକାର କରିଅଛନ୍ତି (ଦ୍ର-ପୃ ୨୧) ତେଣୁ ସାରଳା ମହାଭାରତରେ ବିଭିନ୍ନ ଆଦିବାସୀ ରାଜ୍ୟ ଓ ରାଜାମାନଙ୍କର ବର୍ଣ୍ଣନା ଅସଙ୍ଗତ ବା ଅସମ୍ଭବ ନୁହେଁ ।

ଏହାଛଡ଼ା ସେହି ସଭା ପର୍ବରେ ବର୍ଣ୍ଣିତ ଯେ କିରାତ ରାଜା ବଣର ଅଧିପତି । ସେ ପ୍ରତିଦିନ ଗଙ୍ଗା କୂଳରେ କାଠ ଆଣି କୁଡ଼ାଏ-ଓ ହରିଣ, ବାରହା ଓ ଗଣ୍ଡା ପ୍ରଭୃତି ଶିକାର କରି ଜୀବନଧାରଣ କରିଥାଏ ।

ରାମାୟଣରେ ରାମଚନ୍ଦ୍ର ଶବରୀ ହାତରୁ ଫଳ ଖାଇବା ପ୍ରଭୃତିର ବର୍ଣ୍ଣନା ସାଧାରଣ ଭାବରେ ଦାଣ୍ଡୀ ତଥା ବାଲ୍ମୀକି ରାମାୟଣରେ ବର୍ଣ୍ଣିତ ହୋଇଅଛି । ପୁଣି ମହାଭାରତରେ ଏକଲବ୍ୟର ଗୁରୁ ଦକ୍ଷିଣା ଦାନ ପ୍ରସଙ୍ଗରେ ସାରଳା ମହାଭାରତରେ ଦୀର୍ଘ ପୃଷ୍ଠା ବ୍ୟାପୀ ଶବର ଚରିତ୍ରର ଯେପରି ଚିତ୍ରଣ ରହିଛି ସେ ପ୍ରକାର ଆଦିବାସୀ ଚିତ୍ରଣ ଓ ବେଶଭୂଷାର ବର୍ଣ୍ଣନା ଅନ୍ୟତ୍ର ବିରଳ ।

କିନ୍ତୁ ଆଧୁନିକ ସାହିତ୍ୟରେ ଆଦିବାସୀ ଚିତ୍ରଣ ଉପନ୍ୟାସ ଓ ଗଳ୍ପ ପ୍ରଭୃତିରେ କ୍ରମେ ଉଚ୍ଚ ମାନବିକତା ଦୃଷ୍ଟିରୁ ପ୍ରକାଶ ଲାଭ କଲାଣି । ଆଧୁନିକ ଓଡ଼ିଆ ସାହିତ୍ୟରେ ମିଷ୍ଟର ଦାସଙ୍କର ସହୋଦର ସ୍ୱର୍ଗୀୟ ଗୋପାଳବଲ୍ଲଭ ଦାସଙ୍କ ପ୍ରଣୀତ 'ଭୀମାଭୂୟାଁ' ଉପନ୍ୟାସ ପ୍ରଥମକରି ଆଦିବାସୀର ଜୀବନ ଚିତ୍ରଣ କରିଛି । କିନ୍ତୁ ବର୍ତ୍ତମାନ ସାହିତ୍ୟରେ ସାହିତ୍ୟ ମାଧମରେ ଆଦିବାସୀ ଜୀବନର ଯଥାର୍ଥ ଚିତ୍ରଣ କରିଛନ୍ତି ଓଡ଼ିଶାର ଲବ୍‌ଧ ପ୍ରତିଷ୍ଠ ଔପନ୍ୟାସିକ ଗୋପୀନାଥ ମହାନ୍ତି । ତାଙ୍କର 'ପରଜା' ଓ

'ଅମୃତର ସନ୍ତାନ'ଏହି ଆଦିବାସୀ ଜୀବନର ଏକ ପୂର୍ଣ୍ଣାଙ୍ଗ ଚିତ୍ରଣ ଦେଇଥାଏ ।

ସାହିତ୍ୟ ମାଧ୍ୟମରେ ଆଦିବାସୀ ଜୀବନର ଚିତ୍ରଣ ପ୍ରାଚୀନ ସାହିତ୍ୟରେ ଯାହା ଥିଲା ତାହା ପର୍ଯ୍ୟାପ୍ତ ନୁହେଁ କିନ୍ତୁ ଆଧୁନିକ ଓଡ଼ିଆ ସାହିତ୍ୟ ମାଧ୍ୟମରେ ଆଦିବାସୀ ଜୀବନର ବିଭିନ୍ନ ବିଭାବ ଆଲୋଚିତ ହେଲେ ଓଡ଼ିଆ ସାହିତ୍ୟରେ ତାହା ଏକ ନୂତନ ଧାରା ସୃଷ୍ଟି କରିବା ସହିତ ଓଡ଼ିଶାର ଆଦିବାସୀ ଜୀବନରେ ଅନେକ କିଛି ଉନ୍ନତି ଆନୟନ କରି ପାରିବ ।

---

# ଆମ ଆଦିବାସୀମାନଙ୍କର ସଂସ୍କୃତି

**ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ** ଏମ୍. ଏ.
ସଭ୍ୟ, ଭାରତ ସେବକ ସମାଜ

ସଂସ୍କୃତି ଶବ୍ଦଟିକୁ ଯଥାର୍ଥ ଭାବରେ ବର୍ଣ୍ଣନା କରିବା ଦୁରୁହ । ମୋଟାମୋଟି ଗୋଟିଏ ଶ୍ରେଣୀର ଲୋକେ ଗୋଟିଏ ସମାଜରେ ଏକା ଅବସ୍ଥାରେ ଏକାଠି ରହି ଯେଉଁପ୍ରକାର ଅଭିଜ୍ଞତା ହାସଲ କରନ୍ତି ତାର ସମଷ୍ଟିକୁ ହିଁ ସଂସ୍କୃତି କୁହା ଯାଇପାରେ ।

ତଥାକଥିତ ଆଦିବାସୀମାନେ ସହରଠାରୁ ବହୁ ଦୂରରେ ବଣଜଙ୍ଗଲର ପାହାଡ଼ ପର୍ବତ ଗୁମ୍ଫାରେ ବାସକରି ରହନ୍ତି ।

ପ୍ରକୃତିରେ ନାନା ପ୍ରକାର ଭୟ ଓ ଅନ୍ଧ-ବିଶ୍ୱାସ ମଧ୍ୟରେ ସେମାନଙ୍କର ଜୀବନ ହିଁ ନିୟନ୍ତ୍ରିତ ହୋଇଥାଏ । ଆଦିବାସୀମାନଙ୍କ ଗ୍ରାମରେ ଘରଗୁଡ଼ିକ ସାଧାରଣତଃ ଗୋଟିଏ ଲମ୍ବ ଧାଡ଼ିରେ ପରସ୍ପରଠାରୁ କାନ୍ଥଦ୍ୱାରା ବିଚ୍ଛିନ୍ନ ହୋଇ ତିଆରି ହୋଇଥାଏ । କୌଣସି ଘର ଅଲଗା ଅଲଗା ହୋଇ ତିଆରି ହୋଇ ନଥାଏ । କାରଣ ଗୋଟିକିଆ ଘର ନିରାପଦ ନୁହେଁ ବୋଲି ସେମାନଙ୍କର ଧାରଣା ।

ଗ୍ରାମର ବାହାରେ ସାଧାରଣତଃ ଗୋଟିଏ ବରଗଛମୂଳେ ଗ୍ରାମଦେବତା ଥାଆନ୍ତି । ଗଛ ମୂଳ ପାଖରେ ମାଟି ତିଆରି ଘୋଡ଼ା, ଷଣ୍ଢ ଓ ଚିତ୍ର କରାଯାଇଥିବା ଅନ୍ୟାନ୍ୟ ପ୍ରାକୃତିକ ପଦାର୍ଥ-ମାନ ପର୍ବ ପର୍ବାଣିମାନଙ୍କରେ ପୂଜା କରାଯାଏ । ସେମାନେ ସେ ପ୍ରତିମାଗୁଡ଼ିକର ଦୈବୀ ଶକ୍ତିରେ ବିଶ୍ୱାସ କରନ୍ତି । ପ୍ରତି ଗଛରେ ଏହିପରି ଦୈବୀ ଶକ୍ତି ବାସକରନ୍ତି ବୋଲି ସେମାନଙ୍କର ବିଶ୍ୱାସ । ସାରା ଦିନର ପରିଶ୍ରମ ଶେଷ ହେଲା ପରେ, ରାତିରେ ସେମାନେ ଏକତ୍ରହୋଇ ଗୀତ ଗାଆନ୍ତି, ନାଚନ୍ତି ଓ ରାତିରେ ବିଶ୍ରାମ ନ କରିବା ପର୍ଯ୍ୟନ୍ତ ନାନା ଆମୋଦ ପ୍ରମୋଦରେ ମାତି ରହନ୍ତି । ଏହିପରି ଏକତ୍ର ବସବାସ ସେମାନଙ୍କୁ ଏକ ନିବିଡ଼ ସାମ୍ପ୍ରଦାୟିକ ଜୀବନ ପ୍ରଦାନ କରେ ।

ଏଣୁ ଆଦିବାସୀମାନଙ୍କର ସଂସ୍କୃତି ଗୋଷ୍ଠୀଗତ ସଂସ୍କୃତି ।

ଆଦିବାସୀଠାରେ ଭୟର ମୂଳ ଉପାଦାନ ଖୁବ୍ ପ୍ରବଳ ଭାବରେ ନିହିତ ଥାଏ । ଗୁଳି ଯାଉଥିବାବେଳେ ଯଦି ସେ ଝୁଣ୍ଟି ପଡ଼ି ଆଘାତ ପାଏ ତେବେ ସେ ଭୟ କରେ ଯେ, "ଧରଣୀ-ମାତା" ମୋ ଉପରେ ରୁଷ୍ଟ ହୋଇଛନ୍ତି । ତେଣୁ ସେ ଧରଣୀମାତାଙ୍କୁ ଗୋଟିଏ ଗଞ୍ଜା ବା ପାରା ବଳି ସ୍ୱରୂପ ଉତ୍ସର୍ଗ କରି ସନ୍ତୁଷ୍ଟ ରଖିବାକୁ ଇଚ୍ଛା କରେ । ଜଣେ ଆଦିବାସୀ ରୋଗରେ ପଡ଼ିଲେ କୌଣସି ପ୍ରେତାତ୍ମା ତା ଶରୀର ମଧ୍ୟରେ ଆଶ୍ରୟ ନେଇଛି ବୋଲି ବିଶ୍ୱାସ କରେ ଏବଂ ତାକୁ ଘୁଡ଼ାଇବା ପାଇଁ ଆବଶ୍ୟକତା ବୋଧ-କରେ । ସେଥିପାଇଁ ଜଣେ "ଦେବତା" ବା ”ବେଜୁଣୀ”କୁ ଡକାଯାଏ, ଏବଂ ରୋଗୀଟି ଭଲ ନ ହେବା ପର୍ଯ୍ୟନ୍ତ ତାକୁ ମନ୍ତ୍ର ଉଚ୍ଚାରଣ କରିବାକୁ ପଡ଼େ । ଏହି କାର୍ଯ୍ୟ ଦୁଇ ତିନି ଦିନ ବା ତହିଁରୁ ଅଧିକ କାଳ କରାଯାଏ ।

ଆଦିବାସୀଠାରେ ଭୟ ଯେପରି ଥାଏ, ସେହିପରି ଭୟ-ଜାତ ସାହସ ମଧ୍ୟ ରହିଥାଏ । ଉଦାହରଣ ସ୍ୱରୂପ ସେ ଜଣେ ନବାଗତ ଦେଖିଲେ ଶତ୍ରୁ ଆସିଛି ବୋଲି ଠିକ୍ କରେ ଏବଂ ସେହି କାରଣରୁ ବେଳେ ବେଳେ ଏପରି ଉତ୍ତ୍ୟକ୍ତ ହୋଇ ଉଠେ ଯେ ସେ ହସ୍ତସ୍ଥିତ ଟାଙ୍ଗିଆଦ୍ୱାରା ଉକ୍ତ ଲୋକକୁ ମାରିଦିଏ । କିନ୍ତୁ ଯଦି ଥରେ ଜଣେ ଆଦିବାସୀର କାହାସହିତ ବନ୍ଧୁତା ହୁଏ, ତେବେ ସେ ତାର ଅତି ଆପଣାର ହୋଇଯାଏ । ସେ ତା ନିମନ୍ତେ ଜୀବନ ମଧ୍ୟ ଦେଇପାରେ । ଏହି ଧରଣର ସଂସ୍କୃତି ଆଦିବାସୀ ତାର ପୁତ୍ର ପୌତ୍ରାଦି କ୍ରମେ ଉତ୍ତରାଧିକାର ସୂତ୍ରେ ଲାଭ କରିଥାଏ ।

ସମଗ୍ର ଆଦିବାସୀ ଗ୍ରାମଟି ଏକ । ଯଦି କୋଡ଼ିଏ ଜଣ ଲୋକ ତାଙ୍କର ଜଣେ ଜଣାଶୁଣା ଆଦିବାସୀ ଘରକୁ ଯାଆନ୍ତି, ତେବେ ସେ ସମସ୍ତ-ଙ୍କର ଚର୍ଚ୍ଚା କରିବ । ସେ କଦାପି ସେମାନଙ୍କୁ ବିମୁଖ କରିବ ନାହିଁ । ତାର ଯାହା ସମ୍ବଳଥାଉ ଦେବାକୁ ତିଳେ ମାତ୍ର କୁଣ୍ଠା ବୋଧ କରିବ ନାହିଁ । ତା ଛଡ଼ା ଅନ୍ୟମାନଙ୍କ ଘରୁ ଯାହା ପାଇବ ତାହା ମଧ୍ୟ ଆଣି ଦେବ । କେହି ମନା କରିବେ ନାହିଁ । ଆଦିବାସୀମାନଙ୍କର ଏହା ସଂସ୍କୃତି । ସେମାନେ ଖୁବ୍ ଅତିଥିପରାୟଣ ଏବଂ ସେମାନଙ୍କର ଆତିଥେୟତା ମଧ୍ୟ ଖୁବ୍ ଆନ୍ତରିକ । ଆଦିମ ଅଧିବାସୀର ଦୈହିକ ଆବଶ୍ୟକତା ଅଳ୍ପ । ସେଥିପାଇଁ ସେ ନିଜ ଲକ୍ଷ୍ୟ ଜୀବନର ଆଧ୍ୟାତ୍ମିକ ଦିଗରେ ରଖେ । ତା ଜୀବନର ସୌନ୍ଦର୍ଯ୍ୟ-ବୋଧ ଏଥିରୁ ହିଁ ଜନ୍ମ ନିଏ । ସେ ତା ଘରକୁ ଚିତ୍ରିତ କରେ ଓ ଜିନିଷପତ୍ର ସଜାଇ ରଖେ । ତାର ଘରଟି ମଧ୍ୟ ସଫାସୁତୁରା ଏବଂ ଯଦି ବା ତାର ଲୁଗାପଟା ବେଶୀ ନ ଥାଏ, ତାର ସୌନ୍ଦର୍ଯ୍ୟ-ବୋଧ ତାକୁ ଫୁଲ ଓ ପ୍ରଜାପତି ଗୁଡ଼ିକଙ୍କ ନିକଟକୁ ଟାଣି ନିଏ । ସେ ଦେହରେ ତେଲ ଲଗାଏ । ବାଳିକାମାନେ ଫୁଲଦ୍ୱାରା ମୁଣ୍ଡ ସଜାନ୍ତି । ସେମାନେ ମୁଣ୍ଡ କୁଣ୍ଡାନ୍ତି ଓ ମୁଣ୍ଡରେ ତେଲ ଲଗାନ୍ତି ଏବଂ କାହାରିକୁ ନ ଡରି ପ୍ରଫୁଲ୍ଲ

ହୃଦୟରେ ନିର୍ଭୟ ଓ ଉଲ୍ଲସିତ ହୋଇ ଚାଲନ୍ତି । ସେମାନେ ସ୍ୱାଧୀନ । ସେମାନେ ହସନ୍ତି ଓ ନାନା ଆନନ୍ଦ ଉପଭୋଗ କରନ୍ତି । କିନ୍ତୁ ସର୍ବଦା ସଂଯତ ଭାବରେ ଚଳନ୍ତି ।

ଚୋରି ଓ ଅନ୍ୟାନ୍ୟ ଅସଚ୍ଚରିତ୍ରତା ସମ୍ପର୍କରେ ସେମାନଙ୍କର ନିୟମ ଖୁବ୍ କଠିନ । ସେମାନଙ୍କର ମନୁଷ୍ୟତ୍ୱ ପରୀକ୍ଷା ଖୁବ୍ ଉଚ୍ଚ ଧରଣର । ମନେ କରାଯାଉ ଜଣେ ଯୁବକ ତାର ଗୋଟିଏ ପତ୍ନୀ ଚାହେଁ । ନିମ୍ନଲିଖିତ ପରୀକ୍ଷାଗୁଡ଼ିକ ତାକୁ ଦେବାକୁ ହେବ । ତାର ପ୍ରଣୟୀ ବାଳିକାଟି ଖଣ୍ଡେ ଉଡ଼ ନିଆଁ ଆଣି ତା ପିଠିରେ ଥୋଇବ । ଯଦି ସେ ଦେହକୁ କାଠ କରି ସଳଖ ରହିବ ଓ ସହିଯିବ, ତେବେ ତାକୁ ବିବାହ କରିବ । "ସାହସୀମାନେ ହିଁ ଶ୍ରେଷ୍ଠ ବସ୍ତୁର ଯୋଗ୍ୟ ।"

ଆଦିମ ଅଧିବାସୀମାନେ ଏପରି ସୁଶୃଙ୍ଖଳିତ ଯେ, ପାହାଡ଼ରେ ଗଲାବେଳେ ଜଣକ ପଛେ ଜଣେ ଧାଡ଼ି କରି ଚାଲନ୍ତି । ଅଗଣିତ ସ୍ତ୍ରୀ ଓ ପୁରୁଷଙ୍କର ସ୍ରୋତ ପାହାଡ଼ ଉପରେ ମାଡ଼ି ଚାଲୁଥିବା ବେଳର ଦୃଶ୍ୟ ବଡ଼ ଚିତ୍ତାକର୍ଷକ ହୁଏ ।

ବିବାହ ସମୟରେ, ବିଭିନ୍ନ ଲୋକଙ୍କୁ ବିଭିନ୍ନ କାର୍ଯ୍ୟର ବରାଦ ଦିଆଯାଏ ଏବଂ ସେମାନେ ସଚ୍ଚା ମନୋଭାବ ସହିତ ପ୍ରକୃତ ସ୍ୱେଚ୍ଛାସେବକ ଭଳି କାମ କରନ୍ତି । ସେମାନେ ଏହିପରି କର୍ତ୍ତବ୍ୟନିଷ୍ଠ । ମନେ କରାଯାଉ ଜଣେ ବାଡ଼ିଗୁଡ଼ିକ ରଖିବା ଦାୟିତ୍ୱରେ ଅଛି । ସବୁ ବାଡ଼ି ତା ଜିମାରେ ରହିବ । ଅନ୍ୟ ଜଣେ ଅତିଥିମାନଙ୍କର ପାଦ ଧୋଇବା ଦାୟିତ୍ୱରେ ଅଛି, ତେଣୁ କର୍ତ୍ତବ୍ୟନିଷ୍ଠାର ସହିତ ସେ ଏ କାମରେ ଲାଗି ପଡ଼ିବ । ଅନ୍ୟ ଜଣେ ଧୂମ୍ରପାନୀୟ ଯୋଗାଇବା ଦାୟିତ୍ୱରେ ଅଛି, ସେ ଅତି ବିଶ୍ୱସ୍ତତା ସହିତ ଏହା କରିବ । କୌଣସିଠାରେ ଅସ୍ତବ୍ୟସ୍ତତା ବା ଚଞ୍ଚଳତା ନ ଥାଏ । କେଉଁଠାରେ ବିଶୃଙ୍ଖଳତା ନ ଥାଏ । ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ଭାବରେ କରାଯାଏ ।

ସେମାନଙ୍କର ଯୌନ-ଜୀବନ ସମ୍ପର୍କରେ ସେମାନେ ସଂଯତ । ସେମାନଙ୍କ ଚରିତ୍ରରେ ଉଚ୍ଛୃଙ୍ଖଳତା ଦେଖାଯାଏ ନା । କପଟରେ ମିଛ କହିବାକୁ ହୁଏ ସେମାନେ ଜାଣନ୍ତି ନାହିଁ । ସେମାନେ ଖାଣ୍ଟି ଲୋକ-। ଯଦି ଜଣେ ଅନ୍ୟ ଜଣକୁ ହତ୍ୟା କରିଥାଏ, ତେବେ ସେ ତାହା କହିଦିଏ । ସେ ତାହା ଗୋପନ କରେ ନାହିଁ ।

ଆଦିବାସୀମାନଙ୍କର ସଂସ୍କୃତି ଏକ ବଣ୍ୟ ସଂସ୍କୃତି ବା ପାର୍ବତ୍ୟ ସଂସ୍କୃତି ବୋଲି କୁହାଯାଇ ପାରେ । ଉପରେ ଥିବା ସୁବିସ୍ତୃତ ଆକାଶରୁ, ନିସ୍ତଳ ଅର୍ଦ୍ଧରାତିରେ ତାରାଗଣଙ୍କର ମିଟି ମିଟି ଆଲୋକରୁ ପବନର ସାଇଁ ସାଇଁ ଗର୍ଜନରୁ, ଅରଣ୍ୟର ଅନ୍ଧକାରରୁ, ତଳେ ପ୍ରସାରିତ ଭାବେ ଆକାଶ ଓ ପୃଥିବୀର ମିଳନରୁ ଏବଂ ଯେଉଁ ଆକାଶ, ଆଲୋକ ଓ ବାୟୁ ପ୍ରଦାନ କରେ, ତହିଁରୁ ଆଦିବାସୀ ତାର ସଂସ୍କୃତି ଆହରଣ କରେ । ଉତ୍ତୁଙ୍ଗ ପର୍ବତଗୁଡ଼ିକ ସହିତ ରହି

ଆଦିବାସୀ ମଧ୍ୟ ଉଚ୍ଚମନା ହୋଇ ଯାଏ ଏବଂ ତାଁର ନୀଚ ପ୍ରବୃତ୍ତି ନ ଥାଏ ।

ଏ ଗୁଡ଼ିକ ଆଦିବାସୀମାନଙ୍କର ସଂସ୍କୃତି ଓ ଚରିତ୍ରର ପ୍ରଧାନ ବିଷୟମାନଙ୍କରୁ କେତେକ, ଯାହା ସମଗ୍ର ଆଗାମୀ କାଳପାଇଁ ଆମ୍ଭେମାନେ ଅନୁକରଣ କରି ଆମ୍ଭମାନଙ୍କର ଉନ୍ନତି ତଥା ଜନ ସମାଜର ମଙ୍ଗଳ ସାଧନ କରି ପାରିବା ।

---

# ଗ୍ରାମ ଦେବତା ବା ଗ୍ରାମର ଠାକୁରାଣୀ

## ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ସାରା ଓଡ଼ିଶାରେ ପ୍ରତି ଗ୍ରାମରେ ଅତି କମରେ ଅନ୍ତତଃ ଗୋଟିଏ ଲେଖାଁଏ ଗ୍ରାମଦେବୀ ଥାଆନ୍ତି ଯାହାକୁ ଗ୍ରାମଦେବତା ବା ଠାକୁରାଣୀ ଆଖ୍ୟା ଦିଆଯାଇଛି । ଏହି ଦେବ ଦେବୀମାନେ ସାଧାରଣତଃ ଗୋଟିଏ ଗଛମୂଳରେ ଅଥବା ଗଛମାଳରେ ସ୍ଥାପିତ ହୋଇଥିବାର ଦେଖାଯାଆନ୍ତି । ସାଧାରଣତଃ ସେମାନଙ୍କର ନାମ କୁଟାସୁଣୀ, ଚଣ୍ଡୀ ଇତ୍ୟାଦି ଥିବାର ଦେଖାଯାଏ; କିନ୍ତୁ ଅଧିକାଂଶ ସ୍ଥଳରେ ଦେବୀଙ୍କୁ କେବଳ ଠାକୁରାଣୀ ଆଖ୍ୟା ଦିଆ ଯାଇଥାଏ । ସେହି ଦେବୀ ହିଁ ଗ୍ରାମର ଇଷ୍ଟ ଦେବୀ ଏବଂ ଗ୍ରାମବାସୀମାନେ ମିଳିମିଶି ଅଥବା ବ୍ୟକ୍ତିଗତ ଭାବରେ ସେହି ଦେବୀଙ୍କୁ ବିଭିନ୍ନ ସମୟରେ ପୂଜାଆରାଧନା କରି ଥାଆନ୍ତି । ନିଜ ଗ୍ରାମରେ କିମ୍ବା ପାର୍ଶ୍ୱବର୍ତ୍ତୀ କୌଣସି ଗ୍ରାମରେ ଯେତେବେଳେ ଝାଡ଼ାବାନ୍ତି ବା ବସନ୍ତ ରୋଗ ଦେଖାଯାଏ ଲୋକେ ବିଶେଷଭାବରେ ଏହି ଦେବୀଙ୍କୁ ଉପାସନା କରିଥାଆନ୍ତି । (ସାମୟିକ ଉପାସନା ବ୍ୟତୀତ ସେମାନେ ମଧ୍ୟ ନିଜର ବ୍ୟକ୍ତିଗତ ସହଣି ଲାଗି ଉପାସନା କରନ୍ତି) । ବର୍ଷରେ ଏପରି କେତେକ ଘଟଣାରେ ଗ୍ରାମବାସୀମାନେ ଏକତ୍ର ଉପାସନା କରି ଥାଆନ୍ତି । ଫଳତଃ ଗ୍ରାମବାସୀମାନେ ବିନା ବାଧାବିଘ୍ନରେ ପ୍ରକାଶ୍ୟ ଭାବରେ ହେଉ ଅଥବା ଏକାକୀ ବର୍ଷସାରା ତାଙ୍କର ଉପାସନାରେ ନିଯୋଜିତ ଥାଆନ୍ତି । ସମୟ ସମୟରେ ଲୋକମାନେ ମାଟିଘୋଡ଼ା ଓ ହାତୀ ସବୁ ନିଜ ନିଜର ସହଣି ଅନୁସାରେ ଭେଟି ଦିଅନ୍ତି ଏବଂ ଏହି କାରଣରୁ ଯେ କେହି ପରିଦର୍ଶକ ହଠାତ୍ ବୁଝିନିଏ ଯେ ସ୍ଥାନଟି ଗୋଟିଏ ପବିତ୍ର ପୀଠ ।

ଠାକୁରାଣୀଙ୍କର ପୂଜକକୁ ଦେହୁରୀ ବୋଲି ମୟୂରଭଞ୍ଜ ଜିଲ୍ଲାରେ କୁହାଯାଏ । ଏହି ଦେହୁରୀ ଆଦିବାସୀ ସମ୍ପ୍ରଦାୟ ଭୁକ୍ତ । ଦେହୁରୀ ନାମ ମଧ୍ୟ ଶବରମାନଙ୍କ ମଧ୍ୟରେ ଏକ ପାରିବାରିକ ନାମ ପରି ମନେହୁଏ । ଭାଷାକୋଷରେ ଏହି ଦେହୁରୀକୁ ବଣଦେବୀଙ୍କର ପୂଜକ ବା ଗ୍ରାମଦେବୀଙ୍କର ଭୃତ୍ୟ ଏହି ଅର୍ଥରେ ବ୍ୟବହାର

କରି ଯାଇଅଛି । ସୁତରାଂ ଆମ୍ଭେମାନେ ଦେଖୁ ଯେ ଏହି ଦେହୁରୀ ଶବ୍ଦ ଓଡ଼ିଶାରେ ନାନା ଅଞ୍ଚଳରେ ସୁପରିଚିତ । କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ ପ୍ରଭୃତି ସମୁଦ୍ର ଉପକୂଳ-ବର୍ତ୍ତୀ ଜିଲ୍ଲାମାନଙ୍କରେ ଗ୍ରାମଦେବୀଙ୍କର ପୂଜକ ହିନ୍ଦୁଧର୍ମର ଯେ କୌଣସି ଜାତିର ଲୋକ ହୋଇପାରେ । କେତେକ ସ୍ଥାନରେ ହିନ୍ଦୁ ଧର୍ମର ଶାକ୍ତ ଉପାସନାର ଦେବ ଦେବୀମାନେ ମଧ୍ୟ ଗ୍ରାମଦେବୀ ଭାବରେ ପରିବର୍ତ୍ତିତ ହୋଇ ଯାଇ-ଅଛନ୍ତି ।

ଗ୍ରାମଦେବୀଙ୍କର ଉତ୍ପତ୍ତି ସୁସ୍ପଷ୍ଟ ନୁହେଁ । କିନ୍ତୁ କୁହା ଯାଇପାରେ ଯେ ଭାରତବାସୀଙ୍କର ଏହା ଏକ ପୁରୁଣା ଅନୁଷ୍ଠାନ । ମହେଞ୍ଜୋଦାରୋର ଭଗ୍ନାବଶେଷ ମଧ୍ୟରୁ ମିଳିଥିବା "ମାତୃକାଦେବୀ" ମୂର୍ତ୍ତିରୁ ଜଣାଯାଏ ଯେ ଗ୍ରାମଦେବୀଙ୍କର ବା ଗ୍ରାମ-ଠାକୁରାଣୀଙ୍କର କଳ୍ପନା ଅତି ପ୍ରାଚୀନ । ମନୁଷ୍ୟ ସଭ୍ୟତା ଯେତେ ପୁରୁଣା ଏହି ଧାରଣା ମଧ୍ୟ ସେତେ ଦିନର । ଓଡ଼ିଶାର କୋହ୍ଲ, ସାନ୍ତାଳ ପ୍ରଭୃତି କେତେ ଆଦିବାସୀମାନଙ୍କର ମଧ୍ୟ ନିଜର ଗ୍ରାମଦେବୀ ଅଛନ୍ତି । ଏହାକୁ ବୋଙ୍ଗା ବୋଲି କହନ୍ତି । ଏହାଙ୍କ ଉପରେ ମାରଙ୍ଗବୋଙ୍ଗା ବା ପ୍ରଧାନ ଦେବତା ଥାଆନ୍ତି । ସେ ଯାହାହେଉ ଓଡ଼ିଶାର ଆଦିବାସୀଙ୍କଠାରୁ ଆରମ୍ଭ କରି ସବୁ ଶ୍ରେଣୀର ହିନ୍ଦୁମାନେ ମଧ୍ୟ ଗ୍ରାମଦେବତା ବା ଗ୍ରାମ-ଦେବୀଙ୍କର ଉପାସନା କରନ୍ତି ।

ବିଭିନ୍ନ ଉପାୟରେ ପୁଣି ଏ ଉପାସନା କରା ଯାଇଥାଏ । କେହି କେହି କୁକୁଡ଼ା ବା ଛେଳି ଆଦି ବଳିଦେଇ ଅତି ଉତ୍କୃଷ୍ଟ ଧରଣର ଉପାସନା କରନ୍ତି । ଅନ୍ୟମାନେ ମିଠେଇ ବା ପାଚିଲାଫଳ ଭୋଗ ଦିଅନ୍ତି । ଏପରି କି ବ୍ରାହ୍ମଣ ସମାଜରେ କୁକୁଡ଼ା ଖାଇବା ମନାଥିଲେ ସୁଦ୍ଧା ବ୍ରାହ୍ମଣମାନେ ନିଜର ସହଣି ରକ୍ଷା କରିବାଲାଗି କୁକୁଡ଼ା ବଳି ଦେବାକୁ କୁଣ୍ଠିତ ହୁଅନ୍ତି ନାହିଁ । ଅବଶ୍ୟ ଦେହୁରୀ ବା ପୂଜକଠାରୁ ବଳିର ଅଂଶ ବା ଚିହ୍ନ ଗ୍ରହଣ କରନ୍ତି ନାହିଁ ।

ବର୍ତ୍ତମାନ ସମୟରେ ସବୁ ସ୍ଥାନରେ ଗ୍ରାମ-ଦେବୀଙ୍କ ଉପାସନାରେ ଲୋକମାନଙ୍କର ଉଦାରତା ଦେଖାଯାଉଅଛି । ଗ୍ରାମଦେବୀଙ୍କର ପୂଜକ ବା ଦେହୁରୀ ହିନ୍ଦୁ ସମାଜରେ ନିମ୍ନ-ଶ୍ରେଣୀର ଲୋକ ହୋଇଥିଲେ ମଧ୍ୟ ଯେଉଁ ସ୍ଥାନରେ ଗ୍ରାମଦେବୀଙ୍କୁ ଉପାସନା କରାଯାଏ ସେଠାରେ ତାକୁ ଯଥାର୍ଥ ଉଚ୍ଚ ସ୍ଥାନ ଦିଆଯାଏ । ଏହି ସ୍ଥାନରେ ହିନ୍ଦୁଧର୍ମର ସବୁ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ସମନ୍ୱୟ ହେବାର ଦେଖା-ଯାଏ । ଗ୍ରାମଦେବୀ ପୀଠରେ ସବୁଶ୍ରେଣୀର ଲୋକମାନଙ୍କୁ ଏକାଠି କରିବାର ଧାରଣାହିଁ ଆଦିମ କାଳରୁ ଗଢି କରୁଛି ।

ଭାଗବତ ପୁରାଣ ପରି ବୈଷ୍ଣବଗ୍ରନ୍ଥରୁ ଏହି ଗ୍ରାମଦେବତାଙ୍କର ଉତ୍ପତ୍ତି ବିଷୟରେ ମୁଁ ଗୋଟିଏ ଗଳ୍ପ ବର୍ଣ୍ଣନା କରିବାକୁ ଇଚ୍ଛା କରୁଛି । କିପରି ଭାବରେ ସ୍ୱୟଂ ଭଗବାନ୍ ପୃଥିବୀରେ କୃଷ୍ଣ ଅବତାର ରୂପେ ଜନ୍ମଗ୍ରହଣ କରିବେ ତାହାଁର ପରିକଳ୍ପନା କରି ସେ ଶକ୍ତିରୂପିଣୀ ଯୋଗମାୟାଙ୍କୁ ସମ୍ବୋଧନ କରି ଯାହା କହିଥିଲେ

ଭାଗବତ ଗ୍ରନ୍ଥକାର ତାହା ନିମ୍ନୋକ୍ତ ଭାବରେ ଲେଖି ଅଛନ୍ତି ।

"ଅର୍ଚ୍ଚିଷ୍ୟନ୍ତି ମନୁଷ୍ୟସ୍ତ୍ୱାଂ ସର୍ବକାମ ବର ପ୍ରଦାମ୍,
ଧୂପୋପହାର ବଳିଭିଃ ସର୍ବକାମ ବର ପ୍ରଦାମ୍ ॥୧୦
ନାମଧେୟାନି କୁର୍ବନ୍ତି ସ୍ଥାନାନିଚ୍ ନରାଭୁବି
ଦୁର୍ଗେତି ଭଦ୍ରକାଳୀତି ବିଜୟା ବୈଷ୍ଣବୀତି ଯା ॥୧୧
କୁମୁଦା ଚଣ୍ଡିକା କୃଷ୍ଣା ମାଧବା କନ୍ୟକେତିଚ
ମାୟା ନାରାୟଣୀଶାନୀ ଶାରଦେ ତ୍ୱମ୍ବିକେପିଚ ॥୧୨

ଭାଗବତ ୧୦ମ ସ୍କନ୍ଧ—୨ୟ ଅଧ୍ୟାୟ

ଉକ୍ତ ପଦ୍ୟାଂଶଟିକୁ ମଧ୍ୟ ଜଗନ୍ନାଥ ଦାସ ଓଡ଼ିଆ ଭାଗବତରେ ନିମ୍ନୋଦ୍ଧୃତ ଭାବରେ ଲେଖି ଅଛନ୍ତି ।

"ଲୋକେ ହୋଇବୁ ତୁହି ଜାତ ।
ଜଗତେ ହୋଇବୁ ବିଖ୍ୟାତ ।
ଲୋକେ କରିବେ ତୋତେ ପୂଜା ।
ଅନେକେ ଦେବେ ବଳିଭୋଜା ।
ଭକ୍ତକୁ କରିବୁ ପ୍ରସନ୍ନ ।
ଅନେକ ଦେବେ ତୋର ନାମ ।
ଜୟା ବିଜୟା ଭଦ୍ରକାଳୀ ।
ମଙ୍ଗଳା ଚଣ୍ଡିକା କଙ୍କାଳି ।
ଦୁର୍ଗା ଅମ୍ବିକା ନାରାୟଣୀ-
ଏକୁ ଆରେକ ନାମ ଭଣି ।
ଗ୍ରାମ ଗ୍ରାମରେ କରି ସ୍ଥାନ,
ପୂଜନ୍ତେ ହୋଇବୁ ପ୍ରସନ୍ନ ।
ଅନ୍ତ ତା କରିବ କେ କେତେ,
ଅନେକ ନାମ ତୋ ଜଗତେ ।
ପୂଜା କରିବେ ସର୍ବଜନ,
ରାଜା ପରଜା ତପସ୍ୱିନ ।
ସ୍ତୁତି ପଠନ ମନ୍ତ୍ର ଧ୍ୟାନ,
ଷୋଡ଼ଶ ଉପଚାରମାନ ।
ଗୁଣି ବଚନ ଆଦ୍ୟମାତା,
ଫେଡ଼ି ଦେବକୀ ଦୁରବସ୍ଥା ।
[୧୦ମ ସ୍କନ୍ଧ, ୩ୟ ଅଧ୍ୟାୟ]

ଭାଗବତରେ ଏହି ପଦ୍ୟାଂଶଟିରୁ ପରିଷ୍କାର ଜଣାପଡ଼େ ଯେ ଗ୍ରାମଦେବତା ବା ଦେବୀପୂଜା ଭାରତର ଅତି ପ୍ରାଚୀନ ପ୍ରଥା ।

ସେହି ଭାଗବତରେ ଗ୍ରାମଦେବୀ ପୂଜା ସମ୍ବନ୍ଧରେ ଆଉ ଏକ ଉକ୍ତି ମଧ୍ୟ ଅଛି । ଆଜିକାଲି ଯୁଗରେ ଆମ୍ଭେମାନେ ଦେଖୁ ଯେ ସବୁ ବିବାହରେ ବର ଓ କନ୍ୟା ଉଭୟ ପକ୍ଷ ଲୋକମାନେ ବିବାହ ପୂର୍ବଦିନ ଗ୍ରାମଦେବତାଙ୍କ- ଠାରେ ଉପାସନା କରିଥାନ୍ତି । ଏହାକୁ ଓଡ଼ିଶାର ସର୍ବତ୍ର ମଙ୍ଗଳନ ବା ମଙ୍ଗଳପାକ କୁହାଯାଏ । ସମାଜରେ ଦେହୁରୀର ସ୍ଥାନ ଯାହା ହେଉ ପଛକେ ଗ୍ରାମଦେବୀଙ୍କ ପାଖରେ ସେ ଏହି ଉତ୍ସବରେ ପୌରୋହିତ୍ୟ କରିଥାଏ । ବିବାହପରି କୌଣସି ଲୋକପ୍ରିୟ ଉତ୍ସବ ଆମ ଦେଶରେ ନାହିଁ ଏବଂ ଏହି ଉତ୍ସବ ହିଁ ଗ୍ରାମଦେବୀଙ୍କ ଆରା- ଧନାରେ ଆରମ୍ଭ ହୋଇଥାଏ । ଏପରି ପର୍ବ ବା ଅନୁଷ୍ଠାନ ପୂର୍ବେ ଯେ ଭାରତରେ ଥିଲା ଏ କଥା ଭାଗବତର ଦଶମ ସ୍କନ୍ଧରେ [ଉତ୍ତରାର୍ଦ୍ଧ ସ୍କନ୍ଧ ୫୨ ଶ୍ଳୋକ ୪୨] ବର୍ଣ୍ଣିତ ହୋଇଅଛି । ରୁକ୍ମିଣୀ ତାଙ୍କର ବିବାହ ସମୟରେ କୃଷ୍ଣଙ୍କ

ପାଖକୁ ଖଣ୍ଡିଏ ଚିଠାଉ ଲେଖିଥିଲେ, ଯହିଁରେ ସେ ଉଲ୍ଲେଖ କରିଥିଲେ ଯେ ପୂର୍ବକାଳରୁ କନ୍ୟା ଗ୍ରାମଦେବୀଙ୍କ ପାଖକୁ ବା ଇଷ୍ଟ ଦେବୀଙ୍କ ପାଖକୁ ନାରୀମାନଙ୍କ ସଙ୍ଗେ ଯିବାର ପ୍ରଥା ଅଛି । ସେ ସମୟରେ କୌଣସି ବାଧାବିଘ୍ନ ନ ପାଇ ତାକୁ ହରଣ କରି ନେଇପିବେ । ସଂସ୍କୃତରେ ମଧ ଯଥାର୍ଥରେ କୁହାଯାଇଅଛି—

"ପୂର୍ବେ ଦ୍ୟୁରସ୍ତି ମହାଷ୍ଟକୁଳ ଦେବୀଯାତ୍ରା"

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଆଜି-କାଲି ବିବାହ ପୂର୍ବଦିନ ଗ୍ରାମଦେବୀଙ୍କ ପାଖରେ ଯେଉଁ ଉପାସନା କରାଯାଉଛି ତାହା ଏକ ଚିରାଚରିତ ପ୍ରଥା । ଏ ଦୃଷ୍ଟିରୁ ଆଦିବାସୀମାନଙ୍କୁ ସେମାନଙ୍କର ପଡ଼ୋଶୀ ସହିତ ହାର୍ଦ୍ଦିକ ସାମାଜିକ ବନ୍ଧନରେ ଏକତ୍ର ହେବାର ଏକମାତ୍ର ଅନୁଷ୍ଠାନ ହେଉଛି ଗ୍ରାମଦେବୀଙ୍କ ପୀଠ ।

---

# ସାନ୍ତାଳ ଜାତିର ଉତ୍ପତ୍ତି

## ଶ୍ରୀ ଯଦୁନାଥ ମାଝୀ

ପୃଥିବୀର ସୃଷ୍ଟିବିଷୟରେ ବୈଜ୍ଞାନିକ ତଥା ଭୌଗୋଳିକ ମାନଙ୍କର ଯେଉଁ ମତ ରହିଅଛି, ସେ ବିଷୟରେ ସାନ୍ତାଳ ମାନଙ୍କର ମତ ପୃଥକ । ପୃଥିବୀ ସୃଷ୍ଟି ପୂର୍ବରୁ ଦିଗନ୍ତ-ବିସ୍ତାରୀ ଜଳରାଶି ବିଦ୍ୟମାନ ଥିଲା । ସୃଷ୍ଟିକର୍ତ୍ତା ମାରାଂବୁରୁ ବା ଭଗବାନ ପ୍ରଥମେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ସୃଷ୍ଟି କରିଥିଲେ । ତତ୍ପରେ ପୃଥିବୀ ସୃଷ୍ଟି ହେଲା । ଏହି ସୃଷ୍ଟି ବିଷୟରେ ସାନ୍ତାଳ ସମାଜରେ ଏକ ଭିନ୍ନ ପ୍ରକାର ପ୍ରବାଦ ପ୍ରଚଳିତ ହୋଇ ଆସୁଅଛି ।

ଭଗବାନ ଏକ ପ୍ରକାର ଜଳଜ ଉଦ୍ଭିଦରୁ ଦୁଇଗୋଟି ହଂସ ଓ ହଂସୀ ପକ୍ଷୀ ଜନ୍ମ କରାଇ-ଥିଲେ । ଏହି ସମୟରେ ଭଗବାନଙ୍କ ମାୟାରେ ଏକ ପାଆ ତୂଳା ବୁଡ଼ିଗଲା ଏବଂ ସେହି ଦିଗ୍-ବଳୟବ୍ୟାପୀ ଜଳାରଣ୍ୟ ମଧ୍ୟରେ ଗୋଟିଏ ଶିଳପଟା ଭାସୁଥିଲା ଓ ଏହି ଶିଳା ଉପରେ ଗୋଟିଏ କରମ ବୃକ୍ଷ ଉଠିବାରୁ ସେଥିରେ ଉକ୍ତ ପକ୍ଷୀ ଦୁଇଟି ନୀଡ଼ ନିର୍ମାଣ କରି ବସତି ସ୍ଥାପନ କଲେ । ତା ପରେ ସେମାନେ ଡିମ୍ବ ଦେଲେ । ଡିମ୍ବ ଫାଟିବାରୁ ସେଥିମଧ୍ୟରୁ ଦୁଇଟି ସୁକୋମଳ ମାନବ ଶିଶୁଙ୍କର ଉତ୍ପତ୍ତି ହେଲା । ତାଙ୍କର ସୁଲଳିତ ଓ ସୁମଧୁର କୁଆଁ କୁଆଁ ରବ ଶୁଣି ଭଗବାନ ସେଠାରେ ଉପସ୍ଥିତ ହେଲେ ଓ ସେମାନଙ୍କୁ କେଉଁଠାରେ ସ୍ଥାନ ଦେବେ ସେ ବିଷୟରେ ଗୋଟିଏ ସଭା ଡକାଇଲେ । ସଭାରେ ନିଶ୍ଚିତ ହେଲା ଯେ ଜଳଜୀବ ମାନଙ୍କ ଦ୍ୱାରାହିଁ ପୃଥିବୀ ସୃଷ୍ଟି ହେବ ଓ ସେଥିରେ ଏହି ଦୁଇଟି ମାନବ ଶିଶୁ ବସତି ସ୍ଥାପନ କରିବେ ।

ତେଣୁ ଭଗବାନ କର୍କଟରାଜା, ମକରରାଜା ଓ ଚିଙ୍ଗୁଡ଼ି ରାଜାଙ୍କୁ ଡକାଇ ପାତାଳରୁ ମୃତ୍ତିକା

ଉଠାଇ ପୃଥିବୀର ଭିତ୍ତି ସ୍ଥାପନାର୍ଥେ ଆଦେଶ ଦେଲେ । କିନ୍ତୁ ସେମାନେ ସୁଚାରୁରୂପେ କାର୍ଯ୍ୟ ସମାପନ ନ କରି ପାରିବାରୁ ଭଗବାନ କୂର୍ମ ରାଜାଙ୍କୁ ଡକାଇ ତାଙ୍କର ଚତୁଷ୍ପଦକୁ ସୁନାର ଶିକୁଳିଦ୍ୱାରା ବନ୍ଧନ କଲେ । କୂର୍ମ ରାଜା ଆପତ୍ତି କରିବାରୁ ଭଗବାନ କହିଲେ, ବାରବର୍ଷରେ ଥରେ ମାସ ହଲିବୁ ଏବଂ ତୋ ପାଇଁ ଖାଦ୍ୟ ଆପେ ଆପେ ବହି ଆସିବ । କଚ୍ଛପର ଉକ୍ତ ମୃଦୁ ଚଳନାକୁ ଆମ୍ଭେମାନେ ଭୂକମ୍ପନ ବୋଲି ଆଖ୍ୟା ଦେଇଛୁ । ତା ପରେ ଭଗବାନ କଚ୍ଛପର ପୃଷ୍ଠ ଦେଶରେ ଗୋଟିଏ ନାଗସର୍ପ ପରିବେଷ୍ଟିତ କରାଇ ତା ଉପରେ ଗୋଟିଏ ସୁବର୍ଣ୍ଣପାତ୍ର ସ୍ଥାପନ କଲେ । କେଞ୍ଚୁଆ (ଜିଆ) ରାଜା ଭଗବାନଙ୍କ ଆଦେଶରେ ପାତାଳ ପୁରକୁ ଯାଇ ମନ ମୁତାବକ କର୍ଦ୍ଦମ ଭକ୍ଷଣ କରି ଆସି ନାଗସାପ ଉପରେ ଯେଉଁ ସୁବର୍ଣ୍ଣପାତ୍ର ସନ୍ନିବେଶିତ ହୋଇଥିଲା ସେଥିରେ ଭକ୍ଷଣ କରିଥିବା ମୃତ୍ତିକାକୁ ବହିର୍ଗତ କରିବାରୁ ପୃଥିବୀ ସୃଷ୍ଟି ହେଲା ଓ କିଛିକାଳ ପରେ ଏହାର ପୃଷ୍ଠ ଦେଶରେ ବହୁବିଧ ବୃକ୍ଷରାଜିର ଉତ୍ପତ୍ତି ହେଲା ।

ଭଗବାନ ପକ୍ଷୀ ବସା ମଧ୍ୟରୁ ମାନବଶିଶୁ ଦୁଇଟିଙ୍କୁ ଆଣି ପୃଥିବୀ ପୃଷ୍ଠରେ ରଖିଲେ ଓ ସେମାନଙ୍କର ପ୍ରସୂତିକ୍ରିୟା ଆଦି ସମାପନ ପରେ ପୁଅଟିର ନାମ ପିଲ୍‌ଚୁ ହାଲାମ ଓ କନ୍ୟାଟିର ନାମ ପିଲ୍‌ଚୁ ବୁଢ଼ୀ ରଖି ସେମାନଙ୍କର ଲାଳନ ପାଳନ ଭାର ବସୁମାତା (ଜାହେରଏରା)ଙ୍କ ଉପରେ ନ୍ୟସ୍ତ କଲେ । ଶ୍ୟାମଳ ଉଦ୍ଭିଦ ଜଗତରୁ ଏହି ଶିଶୁ ଦୁଇଟି ଖାଦ୍ୟ ଗ୍ରହଣ କରି କ୍ରମେ ବଢ଼ିବାକୁ ଲାଗିଲେ ।

ଯୌବନାବସ୍ଥା ପ୍ରାପ୍ତ ହେବାରୁ ଭଗବାନ ସେମାନଙ୍କୁ ପରସ୍ପର ମଧ୍ୟରେ ବିବାହ କରାଇ-ଦେବାକୁ ଭାବି ସୃଷ୍ଟିକର୍ତ୍ତାଙ୍କ ଆଦେଶ ଅନୁଯାୟୀ ଗୁର୍ଗୁଚୀ ମଞ୍ଜିର ଗୁଣ୍ଡିଲ ସଂଗ୍ରହ କରି ହାଣ୍ଡିଆ ତିଆରି କଲେ ଏବଂ ସେମାନେ ଭଗବାନଙ୍କୁ ପୂଜା କରି ହାଣ୍ଡିଆ ଖାଇଲେ । ନିଶା ହେବାରୁ ସେମାନେ ଅଜ୍ଞାନ ହୁଅନ୍ତେ ଭଗବାନ ସେମାନଙ୍କୁ ପରସ୍ପର ମଧ୍ୟରେ ବିବାହ କରାଇ ଦେଲେ ।

ନାନା ପ୍ରକାର ଘାସ ଜାତୀୟ ଶସ୍ୟକୁ ସେମାନେ ଖାଦ୍ୟରୂପେ ଗ୍ରହଣ କରୁଥିଲେ । ସେମାନଙ୍କର ସନ୍ତାନମାନଙ୍କ ମଧ୍ୟରେ ଏଗାରଟି ପୁଅ ଓ ବାରଟି କନ୍ୟା ଥିଲେ । ଥରେ ସେମାନଙ୍କ ଶସ୍ୟ ନଷ୍ଟ କରିବାକୁ ଗୋଟିଏ ମୁରୁମ୍‌ଏଙ୍ଗା (ଘୋଡ଼ଆଳ) ଆସିଲା । କିନ୍ତୁ ଲମ୍ଫ ପ୍ରଦାନ କରନ୍ତେ ପୂର୍ବରୁ କ୍ଷେତର ସୁରକ୍ଷା ପାଇଁ ପ୍ରୋଥିତ ହୋଇଥିବା ତୀକ୍ଷ୍ଣ କାଷ୍ଠ ଶଳାକା ଦ୍ୱାରା ଆଘାତ ପ୍ରାପ୍ତ ହୋଇ ପଳାୟନ କରିବାରୁ ପିଲ୍‌ଚୁ ହାଲାମ୍ ସପରିବାରେ ତାହାର ଅନୁଧାବନ କଲେ । ସାହାରବେଡ଼ା ନାମକ ଏକ ଅରଣ୍ୟାନୀ ମଧ୍ୟରେ ଉକ୍ତ ଜନ୍ତୁଟିର ପ୍ରାଣବାୟୁ ବହିଗତ ହେବାରୁ ଏମାନେ ତାହାର ମାଂସ କାଟିବାକୁ ଅଗ୍ରସରହେଲା ସମୟରେ ଘୋଡ଼ଆଳର ଶାବକଟି ଭଗବାନଙ୍କ କୃପାରୁ ମାନବଶିଶୁ ହୋଇଗଲା । ତେଣୁ ତାକୁ ଘରକୁ ନେଇ ଫେରିଲେ ଓ ସେ ମାଂସ ଖାଇବାରୁ କ୍ଷାନ୍ତ ହେବାରୁ ତାକୁ ମୁର୍ମୁ

ଠାକୁର ବୋଲି ଆଖ୍ୟା ଦେଲେ । ଇତ୍ୟବସରରେ ତାଙ୍କର ପୁତ୍ରମାନେ ଘରକୁ ଫେରିଲେ । ବୁଢ଼ୀ ସେମାନଙ୍କୁ ଚିହ୍ନି ନପାରି ବୁଢ଼ାକୁ ସେମାନଙ୍କର ପରିଚୟାର୍ଥେ ଜିଜ୍ଞାସା କରନ୍ତେ ବୁଢ଼ା କହିଲେ ପ୍ରଥମରେ ଥିବା ଛତ୍ର ଧାରଣ କରିଥିବା ବ୍ୟକ୍ତି ହେଉଅଛନ୍ତି "ବେସ୍ରା ।" ଦ୍ୱିତୀୟରେ ବାସ୍କେଦାକାପଟମ୍ (ପଖାଳଭାତ ପଡ଼ୁଆ) ଧରିଥିବା ବ୍ୟକ୍ତି ହେଉଛନ୍ତି "ବାସ୍କେ" । ତୃତୀୟରେ ମାରେଲୁବୁଃ ପଟମ୍ (ପୁରୁଣା କୁଣ୍ଡା ପଡ଼ୁଆ) ଧରିଥିବା ବ୍ୟକ୍ତି ହେଉଛନ୍ତି "ମାଣ୍ଡି" । ଚତୁର୍ଥରେ ଟୁଃ ଟୁକୁର ସାଣ୍ଡି (କୁକୁଡ଼ାଗଂଜା) ଧରିଥିବା ବ୍ୟକ୍ତି ହେଉଛନ୍ତି "ଟୁଡୁ" । ପଞ୍ଚମରେ କକର୍ଚେଣେ (ମାଛରଙ୍କା) ଧରିଥିବା ବ୍ୟକ୍ତି ହେଉଛନ୍ତି "କସ୍କୁ" । ଷଷ୍ଠରେ କାଶୀସାର (କାଶତଣ୍ଡିଶର) ଧରିଥିବା ବ୍ୟକ୍ତି ହେଉଛନ୍ତି"ସରେନ୍"। ସପ୍ତମରେ ହୁନିଲ୍ ଚେଣେ (ଏକପକ୍ଷୀ) ଧରିଥିବା ବ୍ୟକ୍ତି ହେଉଛନ୍ତି "ହେମ୍ବ୍ରମ" । ଅଷ୍ଟମରେ ପାଉରିଆ ପଟାମ୍ (କପୋତ) ଧରିଥିବା ବ୍ୟକ୍ତି ହେଉଛନ୍ତି"ପାଉଁରିଆ"। ନବମରେ ଯେଉଁ ଗୋଧି ମାରିଛନ୍ତି ସେ ହେଉଛନ୍ତି "ଚଣେ" । ତାଙ୍କ ପରେ ମାଙ୍କଡ଼ ମାରିଥିବା ବ୍ୟକ୍ତି ହେଉଛନ୍ତି "ଡଣ୍ଡକାର" ଏବଂ ପଶ୍ଚାଦାନୁଗମନ କରୁଥିବା ଲୋକଟି ହେଉଛନ୍ତି "ହାସ୍ଦା" ।

ଏହିପରି ସାନ୍ତାଳମାନେ ବାରଗୋଟି ଜାତିରେ ବିଭକ୍ତ ହୋଇଛନ୍ତି । ସାନ୍ତାଳ ଗ୍ରାମରେ ଥିବା ପ୍ରଧାନ ବ୍ୟକ୍ତିଙ୍କୁ ମାଂଝୀ କହନ୍ତି । ଏଣୁ ମାଝୀ ଶବ୍ଦ ଏହାର ଅପଭ୍ରଂଶ ।

ଦିନେ ବାରଭାଇ ଶିକାର କରିବାକୁ ଓ ବାର ଭଉଣୀ ପତ୍ର ତୋଳିବାକୁ ଜଙ୍ଗଲକୁ ଯାଇଥିଲେ ଓ ଜଙ୍ଗଲ ମଧ୍ୟରେ ସେମାନଙ୍କର ଭେଟ ହେବାରୁ ସେହିଠାରେ ସେମାନଙ୍କ ମଧ୍ୟରେ ବିଧିବଦ୍ଧ ବୈବାହିକ ସମ୍ବନ୍ଧ ସମାପନ ହେଲା । ସାନ୍ତାଳ ଜାତି ମଧ୍ୟରେ କୌଣସି ଜାତିଭେଦ ନାହିଁ । ଏମାନଙ୍କ ମଧ୍ୟରେ ସାମାଜିକ କର୍ମମାନ ବଣ୍ଟନ କରି ଯାଇଥିଲା । ନିମ୍ନ ଗୀତରୁ ଏହାର ପରିଚୟ ମିଳେ ।

ଗୀତ

ମୁର୍ମୁ ବଙ୍ଗା ସାଉଁ କିସ୍କୁ ମାପାଞ୍ଜି
ମାଣ୍ଡି, କିସାଣ, ହେମ୍ବ୍ରମ, ସେୟାନ୍
ବାସ୍କେ ବେପାର୍ଦ ହାନା ନାଆ
ସରେନ୍, ସିପାହୀ ଟୁଡୁ ସୁରୁ ଗାନ୍
ବେସ୍ରା କୁଲିକ ଏନେଜ୍ ସେରେଂ ।

**ଅର୍ଥ**

ମୁର୍ମୁ ମାନେ ଦେବ ପୂଜା, କିସ୍କୁ ମାନେ ରାଜ୍ୟ ପରି ଚାଳନା, ମାଣ୍ଡିମାନେ କୃଷି, ହେମ୍ବ୍ରମ ମାନେ ଗୁମାସ୍ତା,ବାସ୍କେ ମାନେ ବାଣିଜ୍ୟ,ସରେନ ମାନେ ସୈନିକ, ଟୁଡୁ ମାନେ ବାଦ୍ୟକାର ଏବଂ ବେସ୍ରା ମାନେ ନର୍ତ୍ତକୀ କାର୍ଯ୍ୟ କରୁଥିଲେ । ସାନ୍ତାଳମାନେ ମାରାଂବୁରୁ ଓ ଦାହେର ଏରାଙ୍କୁ ପୂଜା କରନ୍ତି । ଏତଦ୍‌ବ୍ୟତୀତ ସେମାନେ ପାହାଡ଼, ପର୍ବତ, ନଦୀ, ନାଳ, ପବନ ଦେବତା ଓ ବରୁଣ ଦେବତା ପ୍ରଭୃତି ଅନ୍ୟାନ୍ୟ ଠାକୁର ଠାକୁରାଣୀଙ୍କୁ ମଧ୍ୟପୂଜା କରନ୍ତି । ଏମାନେ ବଡ଼ ଧର୍ମଭୀରୁ ଓ ଏମାନଙ୍କ ଠାରେ ଭୂତ ପ୍ରେତର ବିଶ୍ୱାସ ଅଧିକ ପରିମାଣରେ ଥାଏ ।

# ଶବରଖଣ୍ଡ ଓ ପାଲଲହଡ଼ା

## ଶ୍ରୀ ବିଜୟକୃଷ୍ଣ ପଟ୍ଟନାୟକ

ସେ ଅନେକ ଦିନ ତଳର କଥା । ପ୍ରାଚୀନ ଉତ୍କଳରେ ଶବରଖଣ୍ଡ ନାମରେ ଗୋଟିଏ ରାଜ୍ୟ ଥିଲା । ରାଜଧାନୀର ନାମ ତାମ୍ବୁରୁ । କେନ୍ଦୁଝର-ଠାରୁ ଛ ମାଇଲ ଦୂର ମାଛକାନ୍ଦଣା ନାଳଠାରୁ ଆରମ୍ଭ କରି ତାଳଚେରର ସୁଲେଇପାଳ ପର୍ଯ୍ୟନ୍ତ ଶବରଖଣ୍ଡ ରାଜ୍ୟ ବିସ୍ତାରଲାଭ କରିଥିଲା । ଏହି ଘନଜଙ୍ଗଲପୂର୍ଣ୍ଣ ଅଞ୍ଚଳରେ ଜଣେ ଶବରଦଳପତି ରାଜୁତି କରୁଥିଲେ । ସେ ଖୁବ୍ ବୀର, ଧାର୍ମିକ ଓ ଦୟାଳୁ ଥିଲେ । ଧନୁର୍ବିଦ୍ୟାରେ ଖ୍ୟାତିଲାଭ କରିଥିଲେ ଓ ତାଙ୍କର ବଂଶଧର ଅନ୍ୟାନ୍ୟ ଶବରମାନେ ମଧ୍ୟ ଧନୁଶର ଚାଳନାରେ ଦକ୍ଷ ଥିଲେ । ସେ ସମୟରେ ଆଜିକାଲି ପରି ପାଠ ପଢ଼ାର ବ୍ୟବସ୍ଥା ନ ଥିଲା । ବରଂ ତାହା ସେ କାଳର କେତେ ଲୋକଙ୍କର ଏକଚାଟିଆ ସ୍ୱତ୍ୱ-ସ୍ୱରୂପ ହୋଇଥିଲା । ଶବରମାନେ ଶିଆରି ଲଇର ଗଣ୍ଠି ସାହାଯ୍ୟରେ ତାଙ୍କର ହିସାବ ପତ୍ର ରଖୁଥିଲେ । ଶବର ଦଳପତି ଅନ୍ୟ ଶବର-ମାନଙ୍କୁ ସ୍ନେହ, ମମତା ଭ୍ରାତୃ ଭାବରେ ବାନ୍ଧି ରଖି ସୁଖ ଶାନ୍ତିରେ ସମସ୍ତଙ୍କୁ ଚଳାଉଥିଲେ ।

ଥରେ ଉତ୍କଳର ବାରାଧିବରବର ଗଜପତି ମହାରାଜଙ୍କୁ ଭେଟିବା ପାଇଁ ଓ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାପାଇଁ ଶବର ଦଳପତି ପୁରୀ ଯାଇଥିଲେ । ଏହି ସମୟରେ ଗଜପତି ମହାରାଜା-ଙ୍କର ତାଙ୍କର କୌଣସି ଶତ୍ରୁଙ୍କ ସହିତ ଯୁଦ୍ଧ ଲାଗିଲା । ଶବର ଦଳପତି ଏହି ଯୁଦ୍ଧରେ ଗଜପତିଙ୍କୁ ସାହାଯ୍ୟ କଲେ । ଗଜପତି ଯୁଦ୍ଧରେ ଜିଣି ଶବରଦଳପତିଙ୍କୁ ତାଙ୍କର ସାହାଯ୍ୟ ନିମିତ୍ତ ତାଙ୍କ ମୁଣ୍ଡରେ ପାଟଶାଢ଼ୀ ବାନ୍ଧିଦେଲେ । ଶବରଦଳପତି ଏହି ସମ୍ମାନର ଅଧିକାରୀ ହୋଇ ନିଜ ରାଜ୍ୟକୁ ବାହୁଡ଼ିଲେ ।

ପୁରୀରୁ ବାହାରୁଥିବା ବେଳେ ବାଟରେ ଗୋଟିଏ ଶିଶୁର କରୁଣ କାହାଣୀ କର୍ଣ୍ଣଗୋଚର ହେଲା । ତା ପରେ କାନ୍ଦଣା ଶୁଣି ଶବରଦଳପତି ଶିଶୁଟି ଯେଉଁଠାରେ କାନ୍ଦୁଥିଲା ସେଠାକୁ ଯାଇ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ପାଇଲେ । ଗୋଟିଏ ସୁନ୍ଦରୀ କ୍ଷତ୍ରିୟ ରମଣୀର ଶବ ପଡ଼ିଥାଏ ଓ ପାଖରେ ଧୂଳି ମାଟିରେ ଆବର୍ଜିତ ଗୋଟିଏ ସଦ୍ୟଜାତ ସୁନ୍ଦର ଶିଶୁ କୁଆଁ କୁଆଁ ରବ କରୁଥାଏ । ଶୁଣାଯାଏ ଯେ ଏହି କ୍ଷତ୍ରିୟ ରମଣୀଙ୍କ ସ୍ୱାମୀ କିଛିଦିନ ପୂର୍ବେ ହୋଇଥିବା ଯୁଦ୍ଧରେ ପ୍ରାଣ ହରାଇଥିଲେ ଏବଂ ତା ପରେ ଅସହାୟା ରମଣୀର ଏହି ଦୁର୍ଦ୍ଦଶା । ଏହି ଦୃଶ୍ୟ ଦେଖି ଶବରଦଳପତିଙ୍କ ହୃଦୟ ତରଳି ଗଲା । ଚକ୍ଷୁ ଲୋତକପୂର୍ଣ୍ଣ ହେଲା, ଏବଂ ସେ ପିଲାଟିକୁ ନିଜ କୋଳକୁ ଉଠାଇ ନେଲେ । ଶବଟିର ସଂସ୍କାର କରି ପିଲାଟିକୁ ସାଙ୍ଗରେ ଧରି ତାମ୍ବୁରକୁ

ଫେରିଲେ । ଶବର ମାନଙ୍କର ସ୍ନେହ, ଆଦର, ଯତ୍ନରେ ପିଲାଟି ଦିନୁ ଦିନ ପୁନେଇ ଚନ୍ଦ୍ର ପରି ବଢ଼ିବାକୁ ଲାଗିଲା ।

ଦିନେ ଶବରମାନେ ଜଙ୍ଗଲରୁ ଶିକାର କରି ଘରକୁ ଫେରିବାବେଳେ ଗୋଟିଏ ଆଶ୍ଚର୍ଯ୍ୟ ଦୃଶ୍ୟ ଦେଖିବାକୁ ପାଇଲେ । ପିଲାଟି ପାଲଗଦା ପାଖରେ ଥିବା ପାଲ ଉପରେ ଶୋଇଥାଏ ଏବଂ ଗୋଟିଏ ସାପ ପିଲାଟିର ମୁଣ୍ଡ ଉପରେ ଫଣା ଟେକି ଖେଳୁଥାଏ । ଏହି ଦୃଶ୍ୟ ଦେଖି ଆଦିବାସୀମାନଙ୍କର ମନ ଆନନ୍ଦରେ ନାଚି ଉଠିଲା, ଏବଂ ପିଲାଟି ନିଶ୍ଚୟ ରାଜା ହେବ ଏକଥା ଶବରମାନେ ଆନନ୍ଦରେ ଘୋଷଣା କରିଦେଲେ । ଯେଉଁ ପିଲାଟି ରାଜାହେବ ତାକୁ ଅଧିକ ଯତ୍ନରେ ପାଳିବାରେ ଲାଗିଗଲେ । ଧନୁର୍ବିଦ୍ୟା ଶିକ୍ଷା ଦେଲେ । ପିଲାଟି ଯୌବନାବସ୍ଥାରେ ପଦାର୍ପଣ କଲା, ଏବଂ ତାକୁ ଶବରଖଣ୍ଡରେ ରାଜାକରିବାର ପ୍ରସ୍ତାବ ହେଲା ।

ଶବରଖଣ୍ଡର ଆବାଳବୃଦ୍ଧବନିତା ସମସ୍ତଙ୍କର ଦିନେ ମହାସଭା ବସିଲା । ପ୍ରଥମେ ନାମକରଣ କରାଗଲା । ସମସ୍ତଙ୍କ ମନରେ ଦିନକର ନିଃସହାୟ ଶିଶୁଟି ସନ୍ତୋଷ ଆଣି ଦେଇଥିବା ଯୋଗୁଁ ତାର ନାମ ଦିଆହେଲା "ସନ୍ତୋଷ" ଏବଂ ପାଲଗଦାରେ ଶୋଇଥିବାବେଳେ ରାଜାହେବାର ପ୍ରଥମ ସୂଚନା ମିଳିଥିବା ଯୋଗୁଁ ନାମ ସାଙ୍ଗକୁ ସାଙ୍ଗିଆ ରଖାଗଲା "ପାଲ"।ତଦନୁସାରେ ସେହିଦିନୁ ତାର ନାମ ହେଲା ସନ୍ତୋଷ ପାଲ । ଶବର ଦଳପତି ପୂର୍ବ ରାଜାଙ୍କଠାରୁ ଯେଉଁ ପାଟଶାଢ଼ୀ ପାଇଥିଲେ ତାହା ସନ୍ତୋଷପାଲଙ୍କ ମୁଣ୍ଡରେ ଭିଡ଼ାଗଲା ଏବଂ ସେହିଦିନୁ ସନ୍ତୋଷପାଲଙ୍କୁ ସର୍ବ ସମ୍ମତିକ୍ରମେ ରାଜା ବୋଲି ମାନିବାକୁ ସ୍ଥିର ହେଲା । ଧୂଳିରେ ପଡ଼ିଥିବା ଶିଶୁଟିକୁ ଆଦିବାସୀ ଗୋଟାଇ ଆଣି ଆଜି ସେମାନଙ୍କ ମନଖୁସିରେ ରାଜା କରି ଦେଲେ । ଅଦ୍ୟାବଧି ଏହି ସନ୍ତୋଷପାଲଙ୍କ ବଂଶଧରମାନେ ଥିବାର ଏବଂ ଏହାଙ୍କ ବଂଶକୁ ପାଲବଂଶ ବୋଲି କୁହାଯିବାର ଶୁଣାଯାଏ ।

ସନ୍ତୋଷ ପାଲ ଶବର ଦଳପତିଠାରୁ ପରାମର୍ଶ ନେଇ ଶବରଖଣ୍ଡ ରାଜ୍ୟ ଚଳାଇଲେ । ସନ୍ତୋଷ ପାଲ ଆସ୍ତେ ଆସ୍ତେ ଶବରମାନଙ୍କର ସରଳ, ନିଷ୍କପଟ ପ୍ରକୃତିର ପରିଚୟ ପାଇଗଲେ । କିଛି-ଦିନପରେ ଶବର ଦଳପତି ସ୍ୱର୍ଗ ଲାଭ କଲେ ଓ ତା ପରେ ଶବରମାନଙ୍କର ଦୁର୍ଦ୍ଦିନ ଆରମ୍ଭ ହେଲା । ସ୍ନେହ, ମମତା ଭ୍ରାତୃଭାବ ଦ୍ୱାରା ଶାସନ ପରିବର୍ତ୍ତେ ସନ୍ତୋଷ ପାଲ କ୍ଷମତା ବଳରେ ଶାସନ କରିବା ଆରମ୍ଭ କଲେ ଏବଂ କ୍ରମେ କ୍ରମେ ତାଙ୍କୁ କ୍ଷମତାର ମୋହ ସମ୍ପୂର୍ଣ୍ଣ ଭାବେ ଗ୍ରାସ କଲା । ସରଳ ଆଦିବାସୀମାନଙ୍କ ମଧ୍ୟରେ ଭେଦ-ଭାବ,କପଟତା ଓ କୂଟନୀତିର ପ୍ରୟୋଗ କଲେ ଏବଂ କଳେ ବଳେ କୌଶଳେ ଶବରଖଣ୍ଡ ଉପରେ ଅଖଣ୍ଡ ରାଜତ୍ୱ କଲେ । କେତେକ ଦାମ୍ଭିକ ଶବର ଏହାର ପ୍ରତିବାଦ କରିବାରୁ ସେମାନେ କଠୋର ଦଣ୍ଡ ପାଇଗଲେ । ଅନ୍ୟ-ମାନେ ଇତସ୍ତତଃ ପଳାୟନ କଲେ । ଅଣ୍ଟିକୁରା ତଣ୍ଟି କାଟେ । ସେହିପରି ଶବରମାନଙ୍କ ଦ୍ୱାରା ପୋଷା ହୋଇଥିବା ଏବଂ ସେମାନଙ୍କ ଦୟା

ଯୋଗୁଁ ରାଜା ହୋଇଥିବା ସନ୍ତୋଷପାଳ ଶବର ମାନଙ୍କୁ ହିଁ ଧ୍ୱଂସ କରିବାରେ ଲାଗିଲେ । ସେହି ରାଜ୍ୟର ନାମ ଶବରଖଣ୍ଡ ପରିବର୍ତ୍ତେ ସନ୍ତୋଷ-ପାଳଙ୍କ ନାମାନୁସାରେ **ପାଲଲହଡ଼ା** ହେଲା ଏବଂ କାଳକ୍ରମେ ଏହା ପାଲଲହଡ଼ା ବୋଲାଉଛି । ଶବର ବଂଶର ଲୋପ ଏବଂ ଶବରଖଣ୍ଡର ଅବସାନ ଘଟିଲା । ଅଦ୍ୟାବଧି ପାଲଲହଡ଼ା ଅନ୍ତର୍ଗତ ତାମ୍ବୁରଠାରେ ଗୌରବମୟ ଶବର ଖଣ୍ଡର କେତେକ ଭଗ୍ନାବଶେଷ ଦେଖାଯାଏ ଏବଂ ସେଠାରେ କେତେକ ଶବର ପରିବାର ଅଛନ୍ତି ଯେଉଁମାନଙ୍କୁ ଶବରଖଣ୍ଡର ଶବର ଦଳପତିର ବଂଶଧର ବୋଲି କୁହା ଯାଉଛି ।

---

# କୋରାପୁଟ ଜିଲ୍ଲାର ଆଦିବାସୀ-ସମସ୍ୟା

## ( ଶ୍ରୀ ବିଦ୍ୟାଧର ସିଂହଦେବ )

କୋରାପୁଟ ଗୋଟିଏ ବଡ଼ ଆଦିବାସୀବହୁଳ ଅଞ୍ଚଳ । କନ୍ଧ,ଶବର,ପରଜା, କୋୟା ଇତ୍ୟାଦି ଆଦିବାସୀ ବହୁ ପ୍ରାଚୀନ କାଳରୁ ଏ ଅଞ୍ଚଳରେ ବସବାସ କରି ରହିଅଛନ୍ତି । ଓଡ଼ିଶା ପ୍ରଦେଶରେ ମୟୂରଭଞ୍ଜ,ସୁନ୍ଦରଗଡ଼, କୋରାପୁଟ, ଫୁଲବାଣୀ ଓ ଗଞ୍ଜାମ ଅନ୍ତର୍ଗତ ବାଲିଗୁଡ଼ା ଏଜେନ୍‌ସି ବିଶେଷରେ ଆଦିବାସୀ ବହୁଳ ଅଞ୍ଚଳ ବୋଲି ପରିଚିତ । କୋରାପୁଟର ଆଦିବାସୀ ସଂଖ୍ୟା ପାଞ୍ଚଲକ୍ଷ ଚାରିଶ ହଜାରରୁ ଊର୍ଦ୍ଧ୍ୱ ହେବ । ଜିଲ୍ଲାର 'କୋରାପୁଟ' ନାମଟି ଖୁବ୍ ଚମକପ୍ରଦ । ଅନେକ କହନ୍ତି , କୋରାପୁଟ ଟାଉନଟିରେ ବେଶି କରାପୁଟ (ଝାଟି) ଉତ୍ପନ୍ନ ହେଉଥିବାରୁ ସ୍ଥାନଟିର ନାମ 'କୋରାପୁଟ' ରଖା ଯାଇଥିଲା । ଜିଲ୍ଲାର ପ୍ରାଚୀନ ନାମ ହେଉଛି ନନ୍ଦପୁର ବା ଜୟପୁର । କପିଳେନ୍ଦ୍ର ଗଜପତି ତାଙ୍କର ଦାକ୍ଷିଣାତ୍ୟ ଅଭି-ଯାନରେ ନନ୍ଦପୁର ଦୁର୍ଗ ଜୟ କରିଥିଲେ । ସେତେବେଳେ ନନ୍ଦପୁର ରାଜ୍ୟ ଶୀଳାବଂଶୀୟ ରାଜାମାନଙ୍କର ଅଧୀନରେ ଥିଲା' ଆଧୁନିକ କୋରାପୁଟ ନନ୍ଦପୁରର ଅନ୍ତର୍ଗତ ଥିଲା ଓ ଏଠାରୁ ପ୍ରାଚୀନ ନନ୍ଦପୁର ବେଶୀ ଦୂର ନୁହେଁ । ମେରିଆ କମିଶନର ମାନଙ୍କ ବିବରଣୀରେ 'କୋରାପୁଟ' 'କରକାପେଣ୍ଟ'ନାମରେ ଉଲ୍ଲିଖିତ ହୋଇଅଛି । ଖୁବ୍ ସମ୍ଭବ 'କରକାପେଣ୍ଟ'ନାମରୁ 'କୋରାପୁଟ' ଅପଭ୍ରଂଶ ଶବ୍ଦର ଉତ୍ପତ୍ତି ହୋଇଅଛି । ଏହିଭଳି କୋରାପୁଟ ନିକଟବର୍ତ୍ତୀ 'ପ୍ରାଚୀପେଣ୍ଟ' ଅଞ୍ଚଳର ପୁରାତନ ନାମରୁ 'ପାଚପେଟା' ହୋଇଅଛି । କୋରାପୁଟ ମାନ୍ଦ୍ରାଜ ଅଧୀନରେ ଥିବା ସମୟରେ ଖାଣ୍ଟି ଓଡ଼ିଆ ନାମ ଗୁଡ଼ିକର ଯଥେଷ୍ଟ ଅପଭ୍ରଂଶ ଘଟିଅଛି । ନଦୀ ଓ ପର୍ବତ ଗୁଡ଼ିକର ନାମ ଶାସନଗତ ସୁବିଧାରୁ ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ନାମରେ ଅଭିହିତ କରା ଯାଉଥିଲା । ଯଥା:— 'କୋଲାବ' ନଦୀର ପ୍ରାଚୀନ ନାମ ହେଉଛି 'କର୍ଲାନଈ' କିନ୍ତୁ କୋଲାବ ଗ୍ରାମନିକଟରେ ବହି

ଯାଉଥିବା ହେତୁ ମାନ୍ଦ୍ରାଜ ରାଜକର୍ମଚାରୀମାନେ ଏହାକୁ କୋଲବ ନଈ ବୋଲି ନାମ ଦେଇଥିଲେ ।

ମୁଖ୍ୟ କୋରାପୁଟ ଅଞ୍ଚଳଟି ପରଜା ନାମକ ଆଦିବାସୀ ମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଅଟେ । ଏମାନେ ବହୁ ଶ୍ରେଣୀରେ ବିଭକ୍ତ । କେତେକ ପର୍ବତ ଓ ବନ ମଧ୍ୟରେ ଓ ଅନ୍ୟ କେତେକ ସମତଳ ଭୂ ପ୍ରଦେଶରେ ବାସକରି ରହିଅଛନ୍ତି । ଭିନ୍ନ ଭିନ୍ନ ଶ୍ରେଣୀ ମଧ୍ୟରେ ସାମାଜିକ ଆଚାର ବ୍ୟବହାରରେ ବିଶେଷ ପାର୍ଥକ୍ୟ ଦେଖାଯାଏ । କେତେକ ଗ୍ରାମମାନଙ୍କରେ ଥିବାବେଳେ ନିଜ ପରଜା ଭାଷାରେ କଥାବାର୍ତ୍ତା କରନ୍ତି । ଅନ୍ୟାନ୍ୟ ପାର୍ବତ୍ୟ ଜାତିଙ୍କଭଳି ଏହାଙ୍କ ନିଜଭାଷାରେ ସେତେ ସ୍ୱାତନ୍ତ୍ର୍ୟ ଆଉ ନାହିଁ । ଅଧିକାଂଶ ସମୟ ଏମାନେ ଓଡ଼ିଆ ଭାଷାରେ କଥାବର୍ତ୍ତା କରନ୍ତି ଓ ଓଡ଼ିଆ ଗୀତ ଗାଇ ପର୍ବ ପର୍ବାଣିରେ ନୃତ୍ୟ କରିଥାନ୍ତି । ତାଙ୍କର ଓଡ଼ିଆ ଉଚାରଣ ଭିନ୍ନ ରକମ; ମାତ୍ର ପରଜା ଆଦିବାସୀହିଁ ବର୍ତ୍ତମାନ କୋରାପୁଟ ଜିଲ୍ଲାରେ ଆଦିବାସୀ ସଂଖ୍ୟା ଯଥେଷ୍ଟ ବୃଦ୍ଧି କରିଛନ୍ତି । କନ୍ଧମାନଙ୍କ ସଂଖ୍ୟା ଏମାନଙ୍କଠାରୁ ଅଧିକ ହେଲେହେଁ ଅନେକ କନ୍ଧ ପର୍ବତ ଉପରେ ଓ ନିବିଡ଼ ଅରଣ୍ୟ ମଧ୍ୟରେ ବାସ କରନ୍ତି । ତେଣୁ ପାହାଡ଼ିଆ କନ୍ଧମାନଙ୍କ ମଧ୍ୟରେ ତାଙ୍କର ନିଜ ଭାଷାର ସ୍ୱାତନ୍ତ୍ର୍ୟ ରହିଅଛି, ଜାତିପୁଅ ବା ଜାଟାପୁ କନ୍ଧମାନଙ୍କ ମଧ୍ୟରେ ସେଭଳି ସ୍ୱାତନ୍ତ୍ର୍ୟ ଆଉ ନାହିଁ ।

ସମୁହ ଆଦିବାସୀ ମଧ୍ୟରେ କନ୍ଧ ଓ ପରଜା ସଂଖ୍ୟା ପୃଥକରେ ଶତକରା ବାରଜଣ ହେବେ । କନ୍ଧ ଓ ପରଜା ଉଭୟେ ପୋଡ଼ୁ ଚାଷକରି ବଣ ଧ୍ୱଂସ କରିବାରେ ସିଦ୍ଧହସ୍ତ ଅଟନ୍ତି । ବିଷମ କଟକ ଅଞ୍ଚଳରେ ନିଆମଗିରି ପର୍ବତ ଓ ନନ୍ଦପୁର ପାହାଡ଼ ଗୁଡ଼ିକ ଦେଖିଲେ ଏକଥା ବେଶ୍ ଜଣା ପଡ଼ିଥାଏ । ନିୟମଗିରି ପର୍ବତ ନାନା ରକମର ବନୌଷଧିରେ ପରିପୂର୍ଣ୍ଣ । କିନ୍ତୁ ପୋଡ଼ୁ ଚାଷ ହେତୁ ତାହା କ୍ରମାନ୍ୱୟରେ ନଷ୍ଟ ହୋଇ ଯାଉଅଛି । ଏପରି ଅବସ୍ଥାରେ ବନ ଓ ଭୂମି ସଂରକ୍ଷଣ ସକାଶେ ଆଦିବାସୀଙ୍କୁ ପୋଡ଼ୁ ଚାଷରୁ ନିବର୍ତ୍ତାଇବାକୁ ହେବ । ସେଥି ସକାଶେ ଆଦିବାସୀ ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟ ମାନଙ୍କ ଜରିଆରେ ଆଶାନୁଯାୟୀ ପ୍ରଚାର କରିବା ଅତ୍ୟନ୍ତ ଆବଶ୍ୟକ ଅଟେ । ବର୍ତ୍ତମାନ ଏ ଜିଲ୍ଲାରେ ୬ ଗୋଟି ଆଶ୍ରମ ସ୍କୁଲ ୨୧୬ ଗୋଟି ସେବାଶ୍ରମ ସ୍କୁଲ ଏବଂ ୪ ଗୋଟି ପଲ୍ଲୀମଙ୍ଗଳ କେନ୍ଦ୍ର ଓ ୧ ସେବକ ତାଲିମ କେନ୍ଦ୍ର ଆଦିବାସୀ ଶିକ୍ଷା ଉନ୍ନୟନ ପାଇଁ କାର୍ଯ୍ୟ କରୁ ଅଛନ୍ତି । ବହୁବିଧ ଆଦିବାସୀ ଉନ୍ନୟନ କାର୍ଯ୍ୟ ଉକ୍ତ ଅନୁଷ୍ଠାନ ଜରିଆରେ ଅନାୟାସରେ ପ୍ରଚାର କରାଯାଇ ପାରେ । ଏହି ଜିଲ୍ଲାରେ ଆଦିବାସୀ ମୁଖ୍ୟତଃ—କୃଷି ଓ ପୋଡ଼ୁ ଚାଷ ଉପରେ ହିଁ ନିର୍ଭର କରି ଜୀବନ ଅତିବାହିତ କରିଥାଆନ୍ତି, ଯେଉଁ ଧାନ ଓ ଅନ୍ୟାନ୍ୟ ରବି ଶସ୍ୟ ଉତ୍ପାଦନ କରନ୍ତି, ତାହା ଅତି ସୁଲଭ ମୂଲ୍ୟରେ ମହାଜନମାନଙ୍କଠାରେ ବିକି କରିଥାନ୍ତି । ତଦ୍ୱାରା ସେମାନଙ୍କ ବର୍ଷ ତମାମ ଜୀବିକା ନିର୍ବାହ କରିବାରେ ପ୍ରଚୁର ବାଧା ଘଟିଥାଏ । ପ୍ରକୃତରେ

କହିବାକୁ ଗଲେ ଏଠିକାର ଆଦିବାସୀ କେବଳ ଅଣଆଦିବାସୀଙ୍କ ଲାଭ ପାଇଁ କୃଷି କାର୍ଯ୍ୟ କରିଥାନ୍ତି । ଶସ୍ୟ ଉତ୍ପାଦନ ପାଇଁ ଆଗରୁ ଟଙ୍କା ଦାଦନ୍ ସ୍ୱରୂପ ନେଇଥାନ୍ତି ଓ ତାର ବିନିମୟରେ ତାଙ୍କର ସମସ୍ତ କୃଷିଜାତ ଦ୍ରବ୍ୟ ଅମଳ ପରେ ଅଳ୍ପ ମୂଲ୍ୟରେ ସାହୁକାରଙ୍କୁ ବିକ୍ରୟ କରନ୍ତି । ତଦ୍ଵାରା ବ୍ୟବସାୟୀମାନେ ପ୍ରଚୁରଭାବେ ଲାଭବାନ୍ ହୋଇଥାନ୍ତି ସତ୍ୟ କିନ୍ତୁ ଆଦିବାସୀ ଦାରିଦ୍ର୍ୟର ସେହି ଅନ୍ଧକାରରେ ସଡ଼ୁଥାଏ । ଏ ଭଳି ଅର୍ଥନୈତିକ ପରିସ୍ଥିତିରୁ ଆଦିବାସୀଙ୍କୁ ବଞ୍ଚାଇବାକୁ ହେଲେ ତାଙ୍କର ମାଲ ଉଚିତ ଦାମରେ କିଣି ନେବାକୁ ହେବ । କୃଷିର ଉନ୍ନତି ଓ ଅନ୍ୟାନ୍ୟ ଅଭିବ ପାଇଁ ଠିକ୍ ସମୟରେ ତାଙ୍କୁ ଋଣ ଯୋଗାଇବାକୁ ପଡ଼ିବ । ସମବାୟ ଷ୍ଟୋରମାନ ଖୋଲି ତାଙ୍କର ଆବଶ୍ୟକୀୟ ଦ୍ରବ୍ୟ ମଧ୍ୟ ସେମାନଙ୍କୁ ଠିକ୍ ସମୟରେ ବିକ୍ରୟ କରିବାକୁ ହେବ । ଆବଶ୍ୟକୀୟ ଦ୍ରବ୍ୟ କିଣିବାରେ ମଧ୍ୟ ଏମାନେ ସାଧାରଣତଃ ପ୍ରତାରିତ ହୋଇଥାନ୍ତି । ମଫସଲରେ ହାଟ ବାଟ ଖୋଲି ଏମାନଙ୍କୁ ଆଧୁନିକ ସଭ୍ୟତା ଆଲୋକରେ ପ୍ରଭାବିତ କରିବାକୁ ହେବ । ଯେ ପର୍ଯ୍ୟନ୍ତ ଅର୍ଥନୈତିକ ଶୋଷଣରୁ ଏମାନଙ୍କୁ ରକ୍ଷା କରା ନ ଯାଇଛି ସେ ପର୍ଯ୍ୟନ୍ତ ଉନ୍ନୟନ ଯୋଜନାରେ ଏମାନେ କୌଣସି ସୁବିଧା ନେଇ ପାରିବେ ନାହିଁ । ଅର୍ଥନୀତି ଦିଗରୁ ଆଦିବାସୀ ମଧ୍ୟରେ ଆଦାନ ଓ ପ୍ରଦାନ ଏ ଦୁଇଟି ଜିନିଷ ଉପରେ ବିଶେଷ ଲକ୍ଷ୍ୟ ରଖିବାକୁ ପଡ଼ିବ । ସମସ୍ତ କୋରାପୁଟ ଜିଲ୍ଲାରେ ଆଦିବାସୀ ଓ ଅନ୍ୟାନ୍ୟ ଅନୁନ୍ନତ ଜାତିମାନଙ୍କ ଦ୍ଵାରା ପ୍ରାୟ ୯୦ ଲକ୍ଷ ଟଙ୍କାର ଅଳସି ବା ସୁରଗୁଜା ଉତ୍ପନ୍ନ ହୋଇଥାଏ, କିନ୍ତୁ ହିସାବକଲେ ଦେଖାଯାଏ ଯେ ଆଦିବାସୀ ଏହାର ଅର୍ଦ୍ଧେକ ମୂଲ୍ୟ ମଧ୍ୟ ହାତରେ ପାଏ ନାହିଁ । ଏକ ବୃହତ୍ତର ତୈଳକାରଖାନା ଖୋଲି ଏହି ଅଳସି ତାଙ୍କଠାରୁ ଉଚିତ ମୂଲ୍ୟ ଦେଇ ଅନାୟାସରେ କିଣି ନିଆ ଯାଇପାରେ । ତଦ୍ଵାରା ଆଦିବାସୀ ପ୍ରଚୁର ଲାଭବାନ ହେବେ ଓ କାରଖାନାରେ କାମ କରି ମଧ୍ୟ ନିଜ ଜୀବନର ମାନଦଣ୍ଡ ଆପେ ଆପେ ବଢ଼ାଇ ପାରିବେ । ଆମ୍ଭର ପଡ଼ୋଶୀ ପ୍ରଦେଶମାନଙ୍କରେ ଶିଳ୍ପ କାରଖାନାର ବିକାଶ ହେତୁ ସେ ସ୍ଥାନର ଆଦିବାସୀର ସାମାଜିକ ଅର୍ଥନୈତିକ ସଂସ୍ଥା ଗୁଣେ ଗୁଣେ ଅନେକ ବଢ଼ି ଯାଇଛି । ଡୁଡୁମାବିଦ୍ୟୁତ ଯୋଜନାରେ କାମ କରି କୋରାପୁଟ, ବିଶାଖାପାଟଣାର ଆଦିବାସୀ କାର୍ଯ୍ୟକୁଶଳତାରେ ଯଥେଷ୍ଟ ଅଗ୍ରସର ହୋଇ ପାରିଛନ୍ତି । ତାଙ୍କର ଆଧୁନିକ ଆଚାର ଓ ପରିଧାନ ଦେଖିଲେ ଆଶ୍ଚର୍ଯ୍ୟାନ୍ଵିତ ହେବାକୁ ପଡ଼େ । ପୂର୍ବେ ଏମାନେ ଦୈନିକ ତିନିଅଣା ପଇସା ମଜୁରି ପାଇବାକୁ ଯୋଗ୍ୟ ହେଉ ନ ଥିଲେ । କୋରାପୁଟର ବନ୍ୟଜାତ ଦ୍ରବ୍ୟ ଓ ଖଣିଜ ପଦାର୍ଥ ନେଇ ଯଦି ଶିଳ୍ପ ବିକାଶ ହୁଏ ତା ହେଲେ ଏଠିକାର ଆଦିବାସୀ ଓ ସବୁଠାରୁ ନିମ୍ନ ସ୍ତରରେ ଥିବା ବଣ୍ଡାପରଜା ମଧ୍ୟ କୋହ୍ଲ ଓ ସାନ୍ତାଳ ଭଳି ଅଳ୍ପ ସମୟରେ ଉନ୍ନତି କରି ପାରିବେ, ତହିଁରେ ସନ୍ଦେହ ନାହିଁ । ମାଲକାନ ଗିରିର କୋୟା ଆସାମର ଗୁ

ବଗିଗୃହରେ ଦକ୍ଷ ଓ ବଳିଷ୍ଠ ଶ୍ରମିକ ହିସାବରେ ପରିଚିତ ହୋଇଥାଏ । ଜିଲ୍ଲାର ଯୋଜନା ଓ ଶିଳ୍ପ ବିକାଶରେ ଏମାନଙ୍କୁ ତାଲିମ କରି ନିଯୁକ୍ତ କରିବା ବାଞ୍ଛନୀୟ ଅଟେ । କୋୟା ଆଦିବାସୀ ଗୋ ମହିଷାଦି ପାଳନରେ ଖୁବ୍ ଅଭ୍ୟସ୍ତ ଅଟନ୍ତି । ପ୍ରଚୁର ପରିମାଣରେ ଗୁଆଘିଅ ପ୍ରସ୍ତୁତ କରି ବସ୍ତର ଓ ଗୋଦାବରୀ ଜିଲ୍ଲାରେ ଅଳ୍ପ ମୂଲ୍ୟରେ ବିକ୍ରୟ କରିଥାନ୍ତି । କୋୟା ଅଞ୍ଚଳର ଗୋ ମହିଷାଦି ଓ ଅନ୍ୟାନ୍ୟ ଗୃହପାଳିତ ଜନ୍ତୁ ମଧ୍ୟ ସ୍ୱଳ୍ପ ମୂଲ୍ୟରେ ପଡ଼ୋଶୀ ଜିଲ୍ଲାମାନଙ୍କରେ ବିକ୍ରୟ ହୋଇଥାନ୍ତି । ଫଳତଃ ମାଲକାନ ଗିରିର ବଣ୍ୟ କୃଷିଜାତ ଓ ଅନ୍ୟାନ୍ୟଦ୍ରବ୍ୟରେ ସେମାନେ ଫାଇଦା ଉଠାନ୍ତି । ପଡ଼ୋଶୀ ଜିଲ୍ଲାର ଲୋକେ ମାଡିଲ ନିକଟରେ ଗିରିଆ ନଈର ପୋଲ ନିର୍ମାଣ ଶେଷ ନ ହେବା ଯାଏଁ ମାଲକାନଗିରିକୁ ବର୍ଷରେ ଛମାସ କାଳ ଯାତାୟାତର ସୁବିଧା ପାଇ ପାରୁନାହାନ୍ତି । ମାଲକାନଗିରିରୁ କୋୟା ଅଞ୍ଚଳ ମୋଟୁକୁ ଯିବାକୁ ହେଲେ ଆହୁରି ୫୦ ମାଇଲ ବାଟ ଅତିକ୍ରମ କରିବାକୁ ହୁଏ । ଏହି ରାସ୍ତା ମଧ୍ୟ ଯାତାୟାତ ପାଇଁ ପକ୍କା କରିବାକୁ ପଡ଼ିବ । ଗତ ୫ ବର୍ଷ ଯୋଜନା କାଳ ମଧ୍ୟରେ ମାଲକାନଗିରି ପାର୍ବତ୍ୟ ଅଞ୍ଚଳର ଅନେକ ବିଷୟରେ ଉନ୍ନୟନ ହୋଇ ପାରିଛି । ଖାସ୍ ମାଲକାନଗିରିଠାରେ ଆଦିବାସୀ ଛାତ୍ର ରହିବା ପାଇଁ ଗୋଟିଏ ଭଲ ଛାତ୍ରାବାସ ହେବା ଦରକାର । ବର୍ତ୍ତମାନ ମଧ୍ୟ ଇଂରାଜୀ ବିଦ୍ୟାଳୟଟିକୁ ହିମାନ୍ୱୟରେ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ କରିବାକୁ ପଡ଼ିବ । ମାଲକାନଗିରିର ଆୟତନ ବାଲେଶ୍ୱର ଜିଲ୍ଲା ସହିତ ପ୍ରାୟ ସମାନ ହେବ । ଏଭଳି ଗୋଟିଏ ସୁବୃହତ୍ ଆଦିବାସୀ ଅଞ୍ଚଳକୁ ଅବହେଳିତ କରି ରଖା ଯାଇ ନ ପାରେ । ଏହାର ସର୍ବବିଧ ଉନ୍ନତି ପାଇଁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଉଦ୍ୟମ କରିବାକୁ ହିଁ ପଡ଼ିବ । ତିନୋଟି ଜିନିଷର ଅଭାବରୁ କୋରାପୁଟ ଜିଲ୍ଲାରେ ଆଦିବାସୀ-ମାନଙ୍କ ସମୂହ ଉନ୍ନତି ନିର୍ଦ୍ଦିଷ୍ଟ ସମୟରେ ହେବାକୁ କଠିନ ହୋଇ ପଡ଼ୁଛି । ପ୍ରଥମଟି ଡୁଡୁମା ବିଦ୍ୟୁତ୍‌ଯୋଜନା ଚାଲୁହେବା ସତ୍ତ୍ୱେଓ ଶିଳ୍ପ ବିକାଶର ଅଭାବ । ଦ୍ୱିତୀୟଟି—ରେଲ ଲାଇନର ଅଭାବ । ଯଦିଓ ଯୁଦ୍ଧୋତ୍ତର ଯୋଜ-ନାରେ ରେଲନାଇନ ପଡ଼ିବାରେ ମାପ ହୋଇ ସାରିଛି କାର୍ଯ୍ୟତଃ ଏହା ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ । ତୃତୀୟଟି—ରାସ୍ତା ଅଭାବରୁ ଏହାର ବ୍ରହ୍ମପୁର ବା ପ୍ରଦେଶର ରାଜଧାନୀ ସଙ୍ଗରେ କୌଣସି ସିଧା ସଳଖ ସମ୍ବନ୍ଧ ନାହିଁ ।

ଜିଲ୍ଲାର ବ୍ୟବସାୟ ଓ ବାଣିଜ୍ୟ ଆଜି-ପର୍ଯ୍ୟନ୍ତ ଆନ୍ଧ୍ର ଅନ୍ତର୍ଗତ ସାଲୁର ଓ ବିଜୟନଗର୍ ରେଲଷ୍ଟେସନ୍ ଆଡ଼କୁ ଗତି କରୁଛି । ଜିଲ୍ଲା ମଧ୍ୟରେ ଥିବା ରାୟଗଡ଼ା ଷ୍ଟେସନର ସେଭଳି କିଛି ଭଲ ପ୍ରତିପତ୍ତି ନାହିଁ । ଜିଲ୍ଲା ହେଡ୍ କ୍ୱାର୍ଟର୍ସ କୋରାପୁଟଠାରୁ ରାୟଗଡ଼ା ମୋଟେ ୬୮ ମାଇଲ ଦୂରରେ ଅବସ୍ଥିତ । ଲରି, ଟ୍ରକ୍ ଇତ୍ୟାଦି ସବୁ ସମୟରେ ଚଳାଚଳ ପାଇଁ ରାସ୍ତାଟିରେ ସେତେ ସୁବିଧା କରାଯାଇ ପାରିନାହିଁ । ବଡ଼ ଓ ଛୋଟ

କାଠ ପୋଲ ଗୁଡ଼ାକ ଆଜି ପର୍ଯ୍ୟନ୍ତ ସେହି ଅବସ୍ଥାରେ ହିଁ ପଡ଼ି ରହିଛି । ସେ ଗୁଡ଼ିକର ଉନ୍ନତି ସାଧନା ହେବା ଦରକାର । ରାୟଗଡ଼ା ରୋଡ଼ ଉପରେ ଅବସ୍ଥିତ ଲକ୍ଷ୍ମୀପୁର ପୋଲିସ୍ ଷ୍ଟେସନ୍‌ଠାରୁ ନାରାୟଣ ପାଟଣା ରୋଡ଼ ମଧ୍ୟ ସେହି ଅବସ୍ଥାରେ ପଡ଼ି ରହିଛି । ନାରାୟଣ ପାଟଣାର ଲୋକେ ତାଙ୍କର ଅଞ୍ଚଳ ହେଡ଼ କ୍ୱାର୍ଟସ୍ କୋରାପୁଟକୁ ଆନ୍ଧ୍ର ଅନ୍ତର୍ଗତ ପାର୍ବତୀପୁର ବାଟେ ଯିବା ଆସିବା କରିଥାନ୍ତି । ନାରାୟଣ ପାଟଣା ଗୋଟିଏ କନ୍ଧବହୁଳ ଅଞ୍ଚଳ ଅଟେ । ଏମାନଙ୍କ କୃଷିଜାତ ଦ୍ରବ୍ୟ ସବୁ ଅଳ୍ପ ମୂଲ୍ୟରେ ବିକ୍ରୟ ହୋଇ ପାର୍ବତୀପୁର ସହରକୁ ଚଲାଣ ହୋଇଥାଏ । ନାରାୟଣ ପାଟଣା ଅନ୍ତର୍ଗତ ବାଲିବାରିମୁଠା ପ୍ରଭୃତି ଜନ ସାଧାରଣ ତଥା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡ଼ିବା ଉଚିତ । ଗୋଟିଏ ପକ୍କା ରୋଡ଼ ନିର୍ମାଣ କରି ଏଠାରେ ଥିବା କନ୍ଧମାନଙ୍କର ନାରାୟଣ-ପାଟଣା ଟାଉନ୍ ସଙ୍ଗରେ ସମ୍ବନ୍ଧ ନ ରଖିଲେ ପଞ୍ଚବାର୍ଷିକ ଯୋଜନାର ପ୍ରଭାବ ତାଙ୍କ ଉପରେ ପଡ଼ି ପାରିବ ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୀତିର ଉନ୍ନତି ଦିଗରେ ଆଦୌ ଅଗ୍ରସର ହୋଇ ପାରିବେ ନାହିଁ । ଜିଲ୍ଲାର ଅନ୍ୟାନ୍ୟ ପାର୍ବତ୍ୟ ଜାତିର ତୁଳନାରେ ଏମାନେ ଅନେକ ପଛରେ ପଡ଼ି ରହିଛନ୍ତି । ପାର୍ବତୀପୁର ଅଞ୍ଚଳର ସାହୁକାର ମାନଙ୍କ ଶୋଷଣନୀତିର ଦାଉରେ ଏମାନେ ସଦାସର୍ବଦା ଶୋଷିତ ହୋଇ ରହିଥାନ୍ତି । ଗୁଣପୁର ଅଞ୍ଚଳ ପୁଟାସିଙ୍ଗି ମୁଠାରେ ଶଉରା ମାନଙ୍କ ଅବସ୍ଥା ମଧ୍ୟ ଊଣା ଅଧିକରେ ଏହିପରି ଅଟେ ।

ମୁଖ୍ୟତଃ ଏମାନଙ୍କୁ ଶୋଷଣ ନୀତିରୁ ବଞ୍ଚାଇବାକୁ ହେଲେ ଆଦିବାସୀ ବହୁଳ କେନ୍ଦ୍ର ମାନଙ୍କରେ ବହୁମୁଖୀ ସମବାୟ ସମିତିମାନ ସ୍ଥାପନ କରି ଆଦିବାସୀ ଦ୍ୱାରା ଉତ୍ପନ୍ନ ଦ୍ରବ୍ୟ ଯଥାସମୟରେ ଉଚିତ ମୂଲ୍ୟ ଦେଇ କିଣି-ନେବାକୁ ପଡ଼ିବ । ତା ନ ହେଲେ ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇ ପାରିବ ନାହିଁ । ଏକ ଦିଗରେ ତାଙ୍କ ଉନ୍ନତି ପାଇଁ ଯଥେଷ୍ଟ ଖର୍ଚ୍ଚ ହେଉଥିବ ଓ ଅନ୍ୟ ଦିଗରେ ତାଙ୍କର ମାଲ ମସଲା ସ୍ୱଳ୍ପ ମୂଲ୍ୟରେ ବିକ୍ରି ହୋଇ ଆଦିବାସୀ ନିଃସ୍ୱ ହୋଇ ପଡ଼ୁଥିବେ ।

---

# ଆଦିବାସୀ ଓ ଭାଷା

**ଅଧ୍ୟାପକ ଶ୍ରୀ ଗୋଲୋକ ବିହାରୀ ଧଳ,** ଏମ୍. ଏ. (ପାଟ୍) ଏମ୍. ଏ (ଲଣ୍ଡନ୍)

ସଭ୍ୟତା ହିଁ ସହାନୁଭୂତି, ସହାନୁଭୂତିର ଅଭାବହିଁ ବର୍ବରତା । ବଣର ପଶୁ ଓ ଘରର ମଣିଷ ଭିତରେ ତଫାତ୍ ଏଇଠି । ଯେଉଁ ଦେଶର ଅଶୋକ ରାଜନ ବନ ଗହନରେ ପଶୁପକ୍ଷୀଙ୍କର ସୁଖ ସମ୍ଭୋଗ ଓ ଖାଦ୍ୟ ଯୋଗାଣ ପାଇଁ ମଧ୍ୟ ଯୋଜନା କରିଥିଲେ ସେହି ଦେଶରେ

ପ୍ରକୃତିର ପୁତ୍ର 'ଅମୃତର ସନ୍ତାନ' ଆଦିବାସୀ ଅଧିକ କାଳ ଅବହେଳିତ ହେବା ଅସମ୍ଭବ । ସେଇଥିପାଇଁ ଆଜି ଅଶୋକ ଚନ୍ଦ୍ର ଭଳି ଆଦିବାସୀଙ୍କ ଉନ୍ନତିପାଇଁ ଆକୁମାରୀ ହିମାଳୟ ପ୍ରାଣାନ୍ତ ଚେଷ୍ଟା । ମନୁଷ୍ୟକୁ ମନୁଷ୍ୟର ସମ୍ମାନ ଦେବାପାଇଁ ସମୂହ ଆଗ୍ରହ ।

ଆଦିବାସୀ ଓ ଆଦିବାସୀ ସମସ୍ୟା କେବଳ ଭାରତର ନୁହେଁ, ଏହା ସାରା ପୃଥିବୀର । ଆମେରିକାପରି ତଥାକଥିତ ସଭ୍ୟ ଦେଶରେ ମଧ୍ୟ "ଆଦିବାସୀ" ଏକ ସମସ୍ୟା । କଳାଗୋରା ତଫାତ୍ ସେଠି ମନୁଷ୍ୟ ସଭ୍ୟତାର ଏକ ବିରାଟ ଅପମାନ ପରି ଉଭା । ସେ ଦେଶରେ ଯେଉଁ ଶହ ଶହ ଜାତିର ଆଦିବାସୀ ଅଛନ୍ତି ସେମାନଙ୍କ ଭିତରୁ କେତୋଟି ମାତ୍ର ନାମ ଦେଖନ୍ତୁ— ଆଲ୍ଗୋଙ୍କ'ନ୍, ଆଥାବାସ୍କାନ୍, ଆନଭିକ୍, ଆପାସେ, ଓଜିବ୍‌ୱା, କାଉଏର, କୁଚନ, ଫ୍ଲେନହୀ, ଫକ୍ସ, ଚିନୁକ୍, ହାରେ, ହୁପା, ମେନୋମିନ୍, ଚପେଓ୍ୱାନ୍, ଷଭେର, ନାଭାହୋ, ନପାନ ପ୍ରଭୃତି । ଆଫ୍ରିକା ବୋଲି ଯେଉଁ ରାଜ୍ୟକୁ ଗୋରାଲୋକେ ଅନ୍ଧାରୀ ମୂଲକ ବୋଲି ନାମ ଦେଇଥିଲେ ସେ ଦେଶର ନୀଳ ନଦୀର ଦେଶ ବା ମିଶରକୁ ବାଦଦେଲେ ଅନ୍ୟ ସର୍ବତ୍ର ବହୁ ଆଦିବାସୀଙ୍କର ବସବାସ ରହିଛି । ସେମାନଙ୍କ ମଧ୍ୟରୁ ଅଳ୍ପ କେତେକଙ୍କ ନାମ ଏଠି ଦିଆଯାଇଛି ମାତ୍ର —

ଇଉ, କୋନୋ, ଖୋସା, ଡିଙ୍କା, ଏଫିକ୍, କରାଙ୍ଗା, ଗ୍ରେ, ଡୁଆଲ, ଇବୋ, କୋଉେକୋରେ, ଗାଁ ଡାଗବାନେ, ଦାଣ୍ଡେ, ହାଉସା, କାସୋଙ୍କେ, ଜେଲୁରୁ, ୟୋରୁବା, କକ୍ୟୁ, ଜୁଲୁ, ହୋଟେନ୍‌ଟଟ୍, ଟିଭ, ଫାଙ୍ଗେ ବାଣ୍ଟୁ, ବାରି, ମାନ୍ୟକା, ମାଡ଼ି, ସିଲୁକ୍, ଶୋନା, ସୋହାଲ, ସୁଟୋ ।

ଆଫ୍ରିକାର ଜୀବନ ଚିତ୍ର ଦେଖିଲେ କେବଳ ଆଦିବାସୀଙ୍କର ଚିତ୍ରହିଁ ଆଖି ଆଗରେ ନାଚେ ।

ଆମ ଦେଶରେ ଆଦିବାସୀ ବୋଇଲେ କେତେକ ପୁରାଣ ପ୍ରସିଦ୍ଧ ଜାତିଙ୍କୁ ବୁଝାଏ । କୋହ୍ଲ, କନ୍ଧ, ସାନ୍ତାଳ, ଭୂମିଜ, ମୁଣ୍ଡା, କୁରୁଖ, ଗାଦବା, ଶବର, ଜୁଆଙ୍ଗ, ହୋ ପ୍ରଭୃତି ଭାରତରେ ବନ, ପର୍ବତ, ଗ୍ରାମ, ପ୍ରାନ୍ତର ସର୍ବତ୍ର ଭରି ରହିଛନ୍ତି । ସଂସ୍କୃତ ସାହିତ୍ୟରେ ଏହି ଆଦିବାସୀ ପର୍ଯ୍ୟାୟର ଲୋକମାନଙ୍କୁ ନିଷାଦ ବୋଲି କୁହା ଯାଉଥିଲା । ଶରହତ ଯେଉଁ କ୍ରୌଞ୍ଚପକ୍ଷୀକୁ ଦେଖି ବାଲ୍ମୀକିଙ୍କର କାରୁଣ୍ୟହିଁ ଆଦ୍ୟ ଶ୍ଳୋକରେ ପରିଣତ ହୋଇଥିଲା, ସେହି କ୍ରୌଞ୍ଚପକ୍ଷୀର ହତ୍ୟାକାରୀ ହେଉଛନ୍ତି ଜଣେ ନିଷାଦ । ଏହି ନିଷାଦ ମଧ୍ୟପ୍ରଦେଶ ଓ ବିନ୍ଧ୍ୟାଟବୀର ଭିଲମାନଙ୍କୁ ବୁଝାଏ ବୋଲି କୁହା ଯାଇଛି ।

ବହୁକାଳରୁ ଆଦିବାସୀ ଯେ ଅବହେଳିତ ହୋଇ ଆସୁଅଛନ୍ତି, ଏଥିରେ ସନ୍ଦେହ ନାହିଁ । ମାତ୍ର ଭଗବାନଙ୍କ ରାଜ୍ୟରେ ନିଃସହାୟର ସହାୟ ଅଭାବ ନାହିଁ । ଆଦିବାସୀମାନଙ୍କ ପ୍ରଶ୍ନ ଉଠେଲେଇଁ ଖ୍ରୀଷ୍ଟିଆନ୍ ମିଶନାରୀମାନଙ୍କ କଥା ସ୍ୱତଃ ମନେପଡ଼େ । ଧର୍ମ ଦୃଷ୍ଟିରୁ ପୃଥିବୀରେ ସେମାନଙ୍କର କାର୍ଯ୍ୟର ମୂଲ୍ୟ ଯାହା ହୋଇଥାଉ

ପଛେ, ମାନବିକତା ଦୃଷ୍ଟିରୁ ସେମାନଙ୍କର କାର୍ଯ୍ୟର ମୂଲ୍ୟ ଅତ୍ୟଧିକ ମନେହୁଏ । କାହିଁ ବିଲାତ, କାହିଁ ଆମେରିକା ସାଗର ସେପାରିର ମିଶନାରୀ ଆସି ପତିତ ଆଦିବାସୀଙ୍କୁ "ଅମୃତର ପୁତ୍ର" କରିବା ପାଇଁ ନିରବଚ୍ଛିନ୍ନ ଚେଷ୍ଟା କରି ଆସିଛନ୍ତି । ଧର୍ମ ତଥା ସଭ୍ୟତାର ନୂତନ ଆଲୋକ ଦେବା ସଙ୍ଗେ ସଙ୍ଗେ ସେମାନେ ଆଦିବାସୀମାନଙ୍କର ଭାଷା କ୍ଷେତ୍ରରେ ଯେଉଁ କାର୍ଯ୍ୟ କରି ଯାଇଅଛନ୍ତି ଭାଷାବିତ୍‌ମାନେ ବିସ୍ମୟର ସହିତ ତାହା ଦେଖୁଛନ୍ତି । ଆମରି ବଣପାହାଡ଼ ଠେଲାଇ ଆମରି ସହବାସୀ ଆଦିବାସୀଙ୍କୁ ସଭ୍ୟତାର ଆଲୋକ ଦେଇଛନ୍ତି ମିଶନାରୀ ।

ମିଶନାରୀମାନେ ଠିକ ବୁଝିଥିଲେ ଯେ ମନୁଷ୍ୟ ମନୁଷ୍ୟ ଭିତରେ ପ୍ରଧାନ ଓ ପ୍ରଥମ ସୂତ୍ର ହେଉଛି ଭାଷା । ମନ ବୁଝିବାପାଇଁ ପ୍ରଥମେ ବଚନ ଲୋଡ଼ା । କୌଣସି ଲୋକର ଆତ୍ମୀୟତା କରିବାକୁ ଗଲାବେଳେ ଯଦି କେହି ସେହି ଲୋକର ଭାଷା କହିପାରେ, ତେବେ ତାହା ଅତି ସହଜସାଧ୍ୟ ହୋଇପାରେ । ସେଥିପାଇଁ ମିଶନାରୀମାନେ ଆଦିବାସୀମାନଙ୍କର ଭାଷା-ଶିକ୍ଷାକୁ ପ୍ରଥମ ପାହାଚ ହିସାବରେ ଗ୍ରହଣ କରି ନେଇଥିଲେ । ଉଇଲିୟମ କାରୀଙ୍କ ପରି ଜଣେ ଜଣେ ମହୀୟାନ ମିଶନାରୀଙ୍କ ଜୀବନୀ ପାଠକଲେ ବିସ୍ମୟପୂର୍ଣ୍ଣ କୃତଜ୍ଞତାରେ ପ୍ରାଣ ପୂରିଉଠେ । ବଙ୍ଗଭାଷାପରି ଉନ୍ନତ ଭାଷାର ଲିଖନଭିତ୍ତି ଏହି ମହାତ୍ମା ସ୍ଥାପନ କରିଯାଇଥିଲେ । ଏତିକି ନୁହେଁ ଶ୍ରୀରାମପୁରର ମିଶନାରୀ ପ୍ରେସ ଓଡ଼ିଆ, ବଙ୍ଗଳା, ହିନ୍ଦି, ମରାଠୀ କେତେ ଭାଷାର ଯେ ମୌଳିକ ଉପକାର ସାଧନ କରିଛି ଭାବିଲେ ବିସ୍ମିତ ହେବାକୁ ହୁଏ । ବିଂଶ ଶତାବ୍ଦୀର ଦୀବାଲୋକରେ ଯେଉଁଠି ଭାଷାମୂଲ୍ୟ ବୁଝାଇବା ସହଜ ହେଉ-ନାହିଁ ସେଇଠି ଅଷ୍ଟାଦଶ ଶତାବ୍ଦୀର ଅନ୍ଧ-କାରରେ ଉଇଲିଅମ କାରୀ ଯାହା ବୁଝିଥିଲେ ଓ କରିଥିଲେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ଏବେ ଆମେରିକାରେ ଶହ ଶହ ଆଦିବାସୀ ଭାଷା ବିଶ୍ଳେଷଣ ଫଳରେ ଏକ ଅଭିନବ ଭାଷା-ବିଜ୍ଞାନ ଜନପ୍ରିୟ ହୋଇ ଉଠିଛି । ଏହା ଅତୀତର ସମସ୍ତ ଭାଷା ବିଜ୍ଞାନକୁ ପଛରେ ପକାଇ ଭାଷାକୁ ଏକ ନୂତନ ଦୃଷ୍ଟିକୋଣରୁ ବିଚାର କରିଛି । ଏହାକୁ ଫୋନେମିକ୍‌ସ କୁହାଯାଉଛି ! ଏହି ବିଜ୍ଞାନର ସର୍ବଶ୍ରେଷ୍ଠ ଆମେରିକାନ ବଡ଼ ପଣ୍ଡା ହେଉଛନ୍ତି ଜଣେ ମିଶନାରୀ K. L. Pike. ଏହି ଉଦୀୟମାନ ଯୁବକ ବୈଜ୍ଞାନିକ ଶହ ଶହ ଆଦିବାସୀଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଲିଖିତ ଭାଷା ଯୋଗାଇ ସାରିଲେଣି ।

ଆଫ୍ରିକାର ଆଦିବାସୀମାନଙ୍କର ଅବସ୍ଥା ମଧ୍ୟ ଅନେକ ଭଲ । ବ୍ରିଟିଶ ମିଶନାରୀମାନେ ଶହ ଶହ ବର୍ଷ ଧରି ଆଫ୍ରିକା ବଣ ପାହାଡ଼ରେ ଆଲୋକ ବିତରଣ କରିବାରେ ଲାଗିଛନ୍ତି । ଆଫ୍ରିକାନ ଆଦିବାସୀମାନଙ୍କର ଭାଷା ଓ କୃଷ୍ଟି ବିଚାର ପାଇଁ ଲଣ୍ଡନରେ ଏକ 'ଆନ୍ତର୍ଜାତିକ ଆଫ୍ରିକାନ ଅନୁଷ୍ଠାନ' ସ୍ଥାପିତ ହୋଇଛି । ମିଶନାରୀ ଶିକ୍ଷକ ଓ ଭାଷାବିତ୍‌ମାନଙ୍କର

ମିଳିତ ଉଦ୍ୟମରେ ଆଫ୍ରିକାନ୍ ଭାଷା-ମାନଙ୍କର ବୈଜ୍ଞାନିକ ବିଶ୍ଳେଷଣ ବହୁଦୂର ଆଗେଇ ଯାଇଛି । ସହଜରେ ନିଜ ଭାଷା ତଥା ବିଦେଶୀ ଭାଷା ଶିଖିବାର କୌଶଳ ସେମାନଙ୍କ ହାତରେ ଧରାଇ ଦିଆ ଯାଇଛି । ଭାଷା ଶିକ୍ଷା ଦୃଷ୍ଟିରୁ ଆଫ୍ରିକାନ ଆଦିବାସୀ ଆଜି ପୃଥିବୀର ବହୁ ସଭ୍ୟ ଲୋକଙ୍କ ଆଗରେ ।

ଓଡ଼ିଶାର ଆଦିବାସୀ ଭାଷାର ବୈଜ୍ଞାନିକ ବିଶ୍ଳେଷଣ କେତେ ଦୂର ହୋଇଛି ମୋତେ ଜଣା ନାହିଁ । ମାଝି ମୁଣ୍ଡାରି ପ୍ରଭୃତି କେତେକ ଭାଷାରେ ଯେଉଁ କାର୍ଯ୍ୟ ହୋଇଛି ତାହା ମଧ୍ୟ କେତେକ ମିଶନାରୀ ଭାଷାବିତ୍‌ମାନଙ୍କର କାମ । ସେମାନଙ୍କ ମଧ୍ୟରୁ J.Hoffmann, B. H, Hudson, Sir George Campbell, W.W, Hunter, E.T. Dalton, Paul Wagner ପ୍ରଭୃତି ବ୍ୟକ୍ତିମାନେ ବିଶେଷ ଭାବରେ ସ୍ମରଣୀୟ ।

ଓଡ଼ିଶାର ଆଦିବାସୀ ଅଞ୍ଚଳ ପର୍ଯ୍ୟାପ୍ତ ଭାବରେ ବୁଲି ଦେଖିବା, ସେମାନଙ୍କ ସଙ୍ଗେ ମିଶିବା ସୌଭାଗ୍ୟ ମୋର ହୋଇ ନାହିଁ । ପୁନା ଭାଷାତତ୍ତ୍ୱ ସ୍କୁଲ ଆନୁକୂଲ୍ୟରୁ କେବଳ କେତେକ ସପ୍ତାହ ପାଇଁ ମୁଁ ମୁଣ୍ଡାରି ଭାଷା ଆଂଶିକ ଭାବେ ବିଶ୍ଳେଷଣ କରିବା ପାଇଁ ସୁଯୋଗ ପାଇଥିଲି । ଆମେରିକାନ ବୈଜ୍ଞାନିକମାନେ ଏହି ବିଶ୍ଳେଷଣରେ ସହାୟତା କରିଥିଲେ । ଯେତିକି ବିଶ୍ଳେଷଣ ହୋଇ ପାରିଛି ସେତିକିରୁ ଦେଖାଯାଇଛି ପୁରାତନ ପନ୍ଥୀ ମିଶନାରୀମାନଙ୍କ ବିଶ୍ଳେଷଣରେ ଅନେକ ପ୍ରମାଦ ରହି ଯାଇଛି । ସେ ଗୁଡ଼ିକ ସୁଧାରି ନୂତନ ମାର୍ଗରେ ତାହାକୁ ସଂସ୍କୃତ କରିବାକୁ ହେବ ।

କହିବା ବାହୁଲ୍ୟ ଯେ, ଅନ୍ନବସ୍ତ୍ର ଦାନ ଅପେକ୍ଷା ଭାଷାଦାନ ଅଧିକ ଚିରସ୍ଥାୟୀ । ଅନ୍ଧକୁ ଚକ୍ଷୁଦାନ ଯାହା, ଭାଷାହୀନକୁ ଭାଷାଦାନ ତାହା ! ମଣିଷ ନିଜ ଭାଷାକୁ ନିଜଠାରୁ ବି ପ୍ରିୟ ମନେ-କରେ, କାରଣ ଭାଷା ଜରିଆରେ ସେ ତାର ପ୍ରାଣର ସୌନ୍ଦର୍ଯ୍ୟକୁ ଯେତିକି ଚିରସ୍ଥାୟୀ କରେ, ଦୈନିକ ଜୀବନ ମାର୍ଗକୁ ସେତିକି ସହଜ କରେ । ସେହି ଦୃଷ୍ଟିରୁ ଆଦିବାସୀମାନଙ୍କୁ ସେମା-ନଙ୍କର ଯଥାର୍ଥ ସ୍ଥାନ ଓ ସମ୍ମାନ ଦେବାକୁ ହେଲେ ତାଙ୍କର ଭାଷାର ବୈଜ୍ଞାନିକ ବିଶ୍ଳେଷଣ ଓ ଶିକ୍ଷା ନିତାନ୍ତ ଦରକାର ।

ସରକାରଙ୍କ ଆଦିବାସୀ ଗବେଷଣା କେନ୍ଦ୍ର ଏ ଦିଗରେ କାର୍ଯ୍ୟ କରିପାରନ୍ତି । ନୃତତ୍ତ୍ୱବିତ୍‌-ମାନେ ଆଦିବାସୀ ଜୀବନ ବିଚାର କଲାବେଳେ ପ୍ରାଥମିକ ଭାଷା ଶିକ୍ଷାର କେତେକ ଟେକ୍‌ନିକ୍ ବିଷୟ ମଧ୍ୟ ବିଚାର କରନ୍ତୁ । କୃଷ୍ଟି ସହିତ ଭାଷାର ଯେ ସଂପର୍କ ତାହା ନୃତତ୍ତ୍ୱବିତ୍‌ମାନଙ୍କୁ ବୁଝାଇ-ବାର ଆବଶ୍ୟକତା ନାହିଁ । ବରଂ ନୃତତ୍ତ୍ୱବିତ୍‌-ମାନଙ୍କଠାରୁ ତାହା ଶିଖିବାର କଥା । ମଲିନସ୍କିଙ୍କ ପରି ନୃତତ୍ତ୍ୱବିତ୍ ମାନଙ୍କଠାରୁ ଭାଷାବିତ୍‌ମାନେ ଶବ୍ଦାର୍ଥ ତତ୍ତ୍ୱର (Semantique Theory) କେତେକ ଉପାଦେୟ ସୂତ୍ର ଗ୍ରହଣ କରିଛନ୍ତି । ଯାହା ଦେଖା ଯାଉଛି ଭାରତରେ ବର୍ଣ୍ଣନାତ୍ମକ ଭାଷାତତ୍ତ୍ୱ ଆରମ୍ଭ ବି ହୋଇନି । ପୁନା ସ୍କୁଲ କେବଳ ତାର ଶୁଭ ସ୍ଥାପନ

କରିଛି ମାତ୍ର । ନୃତତ୍ତ୍ୱବିତ୍‌ମାନେ ଭାଷାବିତ୍‌ମାନଙ୍କର ସହଯୋଗିତାରେ କାର୍ଯ୍ୟ କଲେ ଆଦିବାସୀମାନଙ୍କର ସଭ୍ୟତାର ମୌଳିକ ସୌନ୍ଦର୍ଯ୍ୟ ଆବିଷ୍କାର କରିବା ସଙ୍ଗେ ସଙ୍ଗେ ଅନୁସନ୍ଧାନ କାଳରେ ଯେଉଁ ଭାଷାସବୁ ଶୁଣିବେ ତାହା ସହଜରେ ରେକର୍ଡ଼ କରିପାରିବେ ।

ଫୋନେଟିକ୍‌ସ (ଧ୍ୱନିବିଜ୍ଞାନ) ଟ୍ରେନିଂ ଅଭାବରେ ଆଦିବାସୀ ଭାଷାର ବିଗୃରରେ କି ପ୍ରକାର ଅସୁବିଧା ହୁଏ ତାର ଏକ ସୂଚନା ମାତ୍ର ଦିଆଯାଇପାରେ । ପ୍ରଥମ କଥା ହେଉଛି ସବୁ ଭାଷାରେ-ସମାନ ପ୍ରକାର ଧ୍ୱନି ନ ଥାଏ । ତା ଛଡ଼ା କେତେକ ଭାଷାରେ ଏପରି ଧ୍ୱନି ଅଛି ଯାହା ଆମେ ବିନା ଶିକ୍ଷାରେ ଉଚ୍ଚାରଣ କରିପାରିବା ନାହିଁ । ତେଣୁ ଆମେ ଯାହାକୁ ଉଚ୍ଚାରଣ କରି ନ ପାରୁ ବା ଶିକ୍ଷା ଅଭାବରୁ ଆମ କାନ ଯାହାକୁ ଧରି ପାରେ ନାହିଁ, କାଗଜ କଲମରେ ଲେଖିବା ତାହା ସହଜ ହୁଏ ନୁହେଁ । ଆଫ୍ରିକାନ୍ ଓ ଆଦିବାସୀ ମୁଣ୍ଡା ଭାଷାରୁ ଗୋଟିଏ ଦୁଇଟି ଉଦାହରଣ ଦେଇ କଥାଟା ସହଜ କରିଦିଏଁ ।

ଆଫ୍ରିକାନ୍ ଓ ମୁଣ୍ଡାରି ଭାଷାମାନଙ୍କରେ କେତେକ ଶବ୍ଦ ଅଛି ଯାହାର ଲେଖା ଦେଖି ଆପଣ ଜାଣିପାରିବେ ସେଗୁଡ଼ିକ ଉଚ୍ଚାରଣ କରିବା କଷ୍ଟକର, କାରଣ ଆମ ଭାଷାରେ ସେପରି ଧ୍ୱନି ସମଷ୍ଟି ନାହିଁ ।

ଯଥା—

mgbaku
Kpawo , ndakpa

gbogbo , qq , gx
u : ? b̥
moj p n

ଉପରୋକ୍ତ ଉଦାହରଣମାନଙ୍କରେ <u>Kp</u> <u>gb</u> ଗୋଟିଏ ଗୋଟିଏ ଧ୍ୱନି । ଓଡ଼ିଆ ଭାଷାରେ ତାହା ଉଚ୍ଚାରଣ କଲାବେଳେ Kvp, gvb ( v ଅର୍ଥ କୌଣସି ଗୋଟିଏ ଭାଓ୍ୱେଲ ବା ସ୍ୱରବର୍ଣ୍ଣ ଆସିଯାଏ, ଯେମିତି ବିସ୍କୁଟ କହିଲାବେଳେ ବିସୁକୁଟ୍ ହୋଇଯାଏ ) ପରି ଉଚ୍ଚାରିତ ହୁଏ । ମୁଣ୍ଡାଭାଷାରେ କେତେକ ନୂତନତ୍ୱ ଅଛି ଯାହା ସହଜରେ ଧରିହୁଏ ନାହିଁ । କଣ୍ଠ ତନ୍ତ୍ରୀରେ ତତ୍‌କ୍ଷଣାତ୍ ଆଘାତ ପାଇ ଏକ ଧ୍ୱନି ଜାତ ହୁଏ ଯାହାକୁ ଇଂରାଜୀରେ glottal stop କହନ୍ତି । ଆଜି ଫୋନେଟିକ୍‌ସରେ ତାକୁ ? (ପ୍ରଶ୍ନଚିହ୍ନ) ପରି ଏକ ଚିହ୍ନଦ୍ୱାରା ଚିହ୍ନିତ କରାଯାଏ । ଆମ ଓଡ଼ିଆ ଭାଷାରେ ର ଏବଂ ଦ୍ୱିତ୍ୱ ର'ର ତଫାତ ନାହିଁ । ମାତ୍ର କେତେକ ଆଦିବାସୀ ଭାଷାରେ ଦ୍ୱିତ୍ୱ ର ଓ ଲର ବ୍ୟବହାର ଦେଖାଯାଏ । ବ୍ୟଞ୍ଜନ ଧ୍ୱନି ବିଗୃର ଅପେକ୍ଷା ସ୍ୱର ଧ୍ୱନି ଆହୁରି ଜଟିଳ । ସୁତରାଂ ସେମାନଙ୍କର ଭାଷାର ଯଥା-ଯଥ ଶିକ୍ଷା ଓ ଲେଖାପାଇଁ ପ୍ରାଥମିକ କେତେକ ଧ୍ୱନିଜ୍ଞାନ ଅନିବାର୍ଯ୍ୟ । କୌଣସି ଭାଷାକୁ ଲେଖିବା ଓ ବିଶ୍ଳେଷଣ କରିବା ପୂର୍ବରୁ ସେହି ଭାଷାକୁ ନିଜେ ଉତ୍ତମରୂପେ କହିଶିଖିବା ନିତାନ୍ତ ଦରକାର । କହିଶିଖିବାକୁ ହେଲେ ଭୁଣ୍ଡର ପୁରୁଣା ଅଭ୍ୟାସକୁ ଭାଙ୍ଗି ନୂତନ ଅଭ୍ୟାସ କରିବାର ସୂତ୍ର ମାଲୁମ୍ ଥିବା ଦରକାର ।

ଏ ପର୍ଯ୍ୟନ୍ତ ଆଦିବାସୀମାନଙ୍କ ଭାଷା ସମ୍ପର୍କରେ ବିଦେଶୀମାନେ ଯାହା ଲେଖିଛନ୍ତି ଅଧିକାଂଶ ରୋମାନଲିପିରେ । ବର୍ତ୍ତମାନ ନୂତନ ସ୍ୱାଧୀନ ବାତାବରଣରେ ଓ ହିନ୍ଦିଭାଷାର ପ୍ରଚ୍ଚର ବେଳେ ନୂତନ ଲିଖିତ ଆଦିବାସୀ ଭାଷା ସବୁ କେଉଁ ଲିପିରେ କେଉଁ ସୂତ୍ରରେ ହେବ ସେ ବିଚ୍ଚର ସର୍ବାଦୌ ଆବଶ୍ୟକ ।

ମୋଟ ଉପରେ ଆଦିବାସୀମାନଙ୍କୁ ଭୂଦାନ ଓ ଆତ୍ମ ସମ୍ମାନ ଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଭାଷାକୁ ବିଶ୍ଳେଷଣ କରି ତହିଁର ନିର୍ଭୁଲ ଲେଖା ପ୍ରକାଶିତ ହେବା ଦରକାର । ଆଦିବାସୀମାନଙ୍କର ଅନେକ ବିଶ୍ୱାସ ଆମ୍ଭ-ମାନଙ୍କର ବିଶ୍ୱାସଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ, ବରଂ ଆମେମାନେ ସେହି ସବୁ ଆଦିମ ବିଶ୍ୱାସମାନଙ୍କ ଦ୍ୱାରା ଅଳ୍ପ ବହୁତେ ପ୍ରଭାବିତ । ଆଦିବାସୀ ଭାଷା ସହିତ ଆଦିବାସୀଙ୍କର ସଂସ୍କୃତି ମୂଳକ ସାହିତ୍ୟ ଶୀଘ୍ର ସୃଷ୍ଟି ହେଲେ ସେମାନ-ଙ୍କର ପର୍ଯ୍ୟାପ୍ତ ଉନ୍ନତିର ପ୍ରକୃତ ଦ୍ୱାର ଉନ୍ମୁକ୍ତ ହେବ ।

Reference

1, Practical suggestions for the learing of an Afican language in the field,

2, Short quide to the recording of African langnages,

3. Practical phonetics for stu-duents of African languages
Ida. c, ward

4. Africa view by Julian Huxley

5, The Africa today by prof westermmar

6. The meaning of meaning by Ogder & Richerds

7. Coral gardens and the magic by Malinowski

8, Linguistic survey of India Vol IV

# ତାରିଣୀପଣି ସେବା କେନ୍ଦ୍ରର ବାର୍ଷିକ ରିପୋର୍ଟ, ୧୯୫୭ ମାର୍ଚ୍ଚ

**ଶ୍ରୀମତୀ ମଣିମାଳା ଦେବୀ**
**ଶ୍ରୀମତୀ କମ୍ବୁବତୀ ଦେବୀ**

**କେନ୍ଦ୍ରପରିଚୟ**—ଢେଙ୍କାନାଳ ଜିଲ୍ଲାର ସୌରିକ ବଣଭିତରେ କୋହ୍ଲ (ହୋ), ସାନ୍ତାଳ, ଜୁଆଙ୍ଗ, ଭୂମିଜ, ଗଣ୍ଡମାନଙ୍କର ଅନେକଗୁଡ଼ିଏ ଗାଁ କ୍ରମେ ଗଢ଼ି ଉଠୁଛି । ପାଖକୁ ଲାଗି କେଉଁଝର ଜିଲ୍ଲାର କାଳଆହନ୍ତା ଦଣ୍ଡପାଟ, ଜୁଆଙ୍ଗପୀଢ଼ ଏବଂ କଟକ ଜିଲ୍ଲାର ସୁକିନ୍ଦା ଅଞ୍ଚଳଟି ସହିତ ଆମ ସୌରିକ ଅରଣ୍ୟ ଅଞ୍ଚଳର ଘନିଷ୍ଠତା ଖୁବ ବେଶୀ । ଏପରିକି—ଏ ସମସ୍ତ ଅଞ୍ଚଳଟି

ଗୋଟିଏ ଅଞ୍ଚଳ ପରି ମନେହୁଏ । ମାତ୍ର ରାଜନୈତିକ କାରଣରୁ ଏ ଅଞ୍ଚଳ ଭିତରେ ଥିବାରୁ ଲୋକ ସମ୍ପର୍କରେ ବାଧା ଘଟୁଛି ।

ଢେଙ୍କାନାଳ ସୌରିକ ଭିତରେ ଗଲା ୧୯୫୦ ଠାରୁ ତାରଣୀପଣିକୁ କେନ୍ଦ୍ର କରି ୩୦ ଖଣ୍ଡି ଗାଁର ଆର୍ଥିକ, ନୈତିକ ତଥା ସାଂସ୍କୃତିକ ବିକାଶ ଦିଗରେ କାମ ଆରମ୍ଭ କରାଯାଇଥିଲା । କ୍ରମେ ଆମ ମଙ୍ଗଳା ବୋର୍ଡ଼ର କର୍ମୀମାନେ ଏହି ଅଞ୍ଚଳରେ ୧୯୫୨ ମସିହାରୁ ଆଉ ଦୁଇଟି ଉପକେନ୍ଦ୍ର ଗଢ଼ି କାମ ଆରମ୍ଭ କରିଛନ୍ତି । ଗୋଟିଏ କଳସପୁର ଓ ଅନ୍ୟଟି ଖରଖରି । ତା'ପରେ ତାରଣୀପଣି କର୍ମୀ ଶ୍ରୀମାନ୍ ପ୍ରଫୁଲ୍ଲକୁମାର ସାହୁ ଢେଙ୍କାନାଳ ଜିଲ୍ଲାର ଭୂଦାନ କାମରେ ବ୍ୟସ୍ତ ରହିଥିବାରୁ, ମତେ ତାଙ୍କ କେନ୍ଦ୍ରରେ କାମ କରିବାକୁ ପଡ଼ୁଛି । ମୋର ସାଥିରେ କଚ୍ଛୁଦ୍ଦନ ପାଇଁ ମାଲଞ୍ଚ ଅପା ଓ ସୌଦାମିନୀ ଅପା ସହଯୋଗ କରିଥିଲେ ଏବଂ ଗତ ଦୁଇ ବର୍ଷ ଧରି ଜମ୍ମୁ ଅପାଙ୍କ ସହିତ ବେଶ୍ ଖୁସିରେ କାମ କରି ଚାଲିଛୁ ।

**ପାହାଡ଼ି କୃଷୀମଣ୍ଡଳ**—ଆଗରୁ କୁହାଯାଇଅଛି ଯେ, ଏ ସୌରିକ ରିଜର୍ଭ ଜଙ୍ଗଲ ଭିତରେ ୩୦ ଖଣ୍ଡ ଗାଁରେ ୪୦୦୦ ଲୋକ ଜମିଜମା କରି ବସବାସ କରୁଅଛନ୍ତି । ଢେଙ୍କାନାଳ ରାଜା ଏମାନଙ୍କୁ ମୟୂରଭଞ୍ଜ, କେଉଁଝର ଓ ସିଂହଭୂମ ଅଞ୍ଚଳରୁ ଡକାଇ ପ୍ରଜାସ୍ୱତ୍ୱ ଦେଇଥିଲେ । ମାତ୍ର ପ୍ରଜାମଣ୍ଡଳ ଆନ୍ଦୋଳନ ଘଟିବାରୁ ଏହି ପ୍ରଜାମାନଙ୍କର ଜମିଜମାର ବନ୍ଦୋବସ୍ତ କରାଯାଇ ପାରିଲା ନାହିଁ । ଏ ଆଶ୍ରୟପ୍ରାର୍ଥୀ ଅଧିବାସୀମାନେ, ଏହି ଜିଲ୍ଲାସହିତ ଅପରିଚିତ ହୋଇଥିବାରୁ, ସ୍ଥାନୀୟ ପ୍ରତାରକ ବ୍ୟକ୍ତିମାନେ ସେମାନଙ୍କର ଜମିଜମା ବନ୍ଦୋବସ୍ତ କରାଇଦେବା ନାମରେ ଶହ ଶହ ଟଙ୍କା, ଛେଳି ଓ କୁକୁଡ଼ା, ରବି ଫସଲ ଓ ବେଠି ଆକାରରେ ଶୋଷଣ କରିବାକୁ ଲାଗିଗଲେ । ମିଶ୍ରଣ ପରେ ପରେ ଓଡ଼ିଶା ସରକାରଙ୍କ ବଣ ବିଭାଗ ଏହି ଗ୍ରାମଗୁଡ଼ିକ ଭାଙ୍ଗିଦେବା ପାଇଁ ଧମକ ଦେବାକୁ ଆରମ୍ଭ କରି ଦେଲେ । ଲୋକମାନେ ନିରାଶ୍ରୟ ହୋଇଯାଇଥିଲେ । ଏତିକବେଳେ ଅର୍ଥାତ୍ ୧୯୫୧ ମସିହାରେ—'ନବଜୀବନ ମଣ୍ଡଳ'ର କର୍ମୀମାନେ ଏହି ଅଞ୍ଚଳରେ ପ୍ରବେଶ କରି ସବୁଲୋକଙ୍କୁ ସଂଗଠିତ କରି "ପାହାଡ଼ୀ କୃଷୀମଣ୍ଡଳ" ଗଢ଼ି ସର୍ବୋଦୟ ବିଚାର ଅନୁସାରେ ସ୍ୱାବଲମ୍ବୀ ସାମ୍ୟଯୋଗୀ ଗାଁ ଗଢ଼ିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଲେ । ସରକାରୀ ବେସରକାରୀ ସହଯୋଗରେ କାମ କ୍ରମେ ଆଗେଇଲା ।

**ତାରଣୀପଣି କେନ୍ଦ୍ରର କାର୍ଯ୍ୟକ୍ରମ—**

**(କ) ଜମିବଣ୍ଟନ**—ଢେଙ୍କାନାଳ ଉଦ୍ଭିଜନରେ ବଣବିଭାଗ ସ୍ଥିର କଲେ ଯେ, ଏ ଅଞ୍ଚଳର ୨୦ ଖଣ୍ଡି ଗ୍ରାମକୁ ବଣଗ୍ରାମରୂପେ ସେମାନଙ୍କର ବିଭାଗ ଅଧୀନରେ ରଖିବେ । ସେମାନଙ୍କୁ ମାଗଣାରେ ଜମି ଦେବେ, ଘର କରିବା ପାଇଁ କାଠ ବାଉଁଶ ଦେବେ, ପାଣିର ବ୍ୟବସ୍ଥା କରିବେ, ରାସ୍ତା ଓ ନୂତନ ଜଙ୍ଗଲ କରିବେ ଏବଂ ସେମାନଙ୍କଠାରୁ ଉଚିତ ମଜୁରି ଦେଇ ଶ୍ରମ

ନେବେ । ଏହି ପ୍ରସ୍ତାବରେ ପାହାଡ଼ ଚାଷୀମଣ୍ଡଳ ସମ୍ମତ ହୋଇ ଥଇଥାନ ହେଲେ । ଭୂଦାନ ଯଜ୍ଞର ବାର୍ତ୍ତା ଲୋକମାନଙ୍କୁ ଶୁଣାଇ ସେମାନଙ୍କ ଭିତରେ ନୂଆ ସମାଜର ନୂଆ ଭାବ ଅଣାଯାଇ ସମାନ ଭାବରେ ଜମିବଣ୍ଟନ କରାଗଲା । ଯେଉଁମାନଙ୍କ ହାତରେ ହକ୍‌ଠାରୁ ଅଧିକ ଜମି ଥିଲା, ସେମାନେ ଖୁସିରେ ବଳକା ଜମିତକ କୋଠକୁ ଛାଡ଼ିଦେଲେ । ଯେଉଁମାନଙ୍କ ନିକଟରେ ଆଦୌ ଜମି ନଥିଲା ସେମାନଙ୍କୁ ଜମି ଦିଆଗଲା । ମୁଣ୍ଡପିଛା ପ୍ରାୟ ଏକ ଏକର ଜମି ଓ ଘରପାଇଁ ଏକ ଏକର (ପରିବାର ପିଛା) ଦିଆ ଯାଇଛି । ପ୍ରତି ଗ୍ରାମରେ ପ୍ରାୟ ଦଶ ଏକର ଜମି ସହଯୋଗ ସମିତି ହାତରେ ରହିଛି । ତଦ୍ଦ୍ୱାରା ଗ୍ରାମର ସାମୂହିକ ସହଯୋଗ କାର୍ଯ୍ୟରେ ସାହାଯ୍ୟ ହେବ ।

(ଖ) **ପାନୀୟ ଜଳ:**—ଏହି ଅଞ୍ଚଳରେ ଲୋକମାନେ ଏ ପର୍ଯ୍ୟନ୍ତ ପ୍ରକୃତି ଉପରେ ନିର୍ଭର କରି ବଞ୍ଚିରହିଛନ୍ତି । ବୃଷ୍ଟିଜଳ ଉପରେ ନିର୍ଭର କରି, କୃଷିକାର୍ଯ୍ୟ ଓ ସ୍ନାନ ପାନ କରନ୍ତି । ଅନାବୃଷ୍ଟି ଓ ଅତିବୃଷ୍ଟି ଯୋଗୁଁ ପ୍ରାୟ ପ୍ରତିବର୍ଷ ଫସଲହାନି ଘଟୁଛି । ଖରାଦିନେ ଦୂର ଝରଣାରୁ ପାଣି ଆଣି ସ୍ନାନ ପାନ କରନ୍ତି । ଏ ପର୍ଯ୍ୟନ୍ତ ଏ ଅଭାବ ଦୂର ହୋଇ ପାରିନାହିଁ ।

(ଗ) **ଖାଦ୍ୟ ଓ ବସ୍ତ୍ର:**—ଲୋକମାନେ ସାଧାରଣତଃ କୃଷିଜୀବୀ । ଧାନ, ମୁଗ, ମକା, ସୋରିଷ, କୋଳଥ ଓ ଚଣା ପ୍ରଭୃତି ରବିଫସଲ ଏବଂ ଆଳୁ, କନ୍ଦମୂଳ, ବାଇଗଣ, ଲଙ୍କା, ଭେଣ୍ଡି, କଖାରୁ, ଜହ୍ନି, ବିଲାତିବାଇଗଣ ପ୍ରଭୃତି ପନିପରିବା ଉତ୍ପାଦନ କରି ବ୍ୟବହାର କରନ୍ତି । ମାତ୍ର ସାରା ବର୍ଷପାଇଁ ଏହା ନିଅଣ୍ଟ ହୁଏ । ସେଥିପାଇଁ ବଣ ଫଳମୂଳ, ଶାଗ, ମାଂସ, ନଦୀରୁ ମାଛ ସଂଗ୍ରହ କରି ବଡ଼ ଅଭାବରେ ଜୀବନ ଯାପନ କରନ୍ତି । ଅଧିକାଂଶ ଲୋକ ଆବହମାନ କାଳରୁ ବସ୍ତ୍ର ବିଷୟରେ ସ୍ୱାବଲମ୍ବୀ ଅଟନ୍ତି । ନିଜେ ଭିଣି ଦେଶୀ ଚରଖାରେ ସୂତା କାଟନ୍ତି । ନିଜେ କମ୍ବା ତନ୍ତୀ ଦ୍ୱାରା ଛୋଟ ଛୋଟ ଲୁଗା ବୁଣାଇକରି ସ୍ତ୍ରୀ ପୁରୁଷ ଉଭୟ ପିନ୍ଧନ୍ତି । ଚରଖା ତନ୍ତ, ସୂତା ରଙ୍ଗାଇବା ସବୁ ନିଜର ପଦ୍ଧତିରେ ଚାଲୁଛି । ଏ ସବୁର ଉନ୍ନତି ନିହାତି ଦରକାର । ସେଥିପାଇଁ କେତେଖଣ୍ଡି 'କିସାନ୍' ଚରଖା ଓ ତିନୋଟି ଭଲ ତନ୍ତ ଦିଆଯାଇଅଛି । ମାତ୍ର ଆବଶ୍ୟକତା ବହୁତ ବେଶୀ ।

(ଘ) **ଗ୍ରାମ ଉଦ୍ୟୋଗ:**—ସାଧାରଣ ଖଟାକାମ ଛଡ଼ା, ଲୁହାର କାମ, କୁମ୍ଭାର କାମ, ବଢ଼େଇ କାମ, ଖଜୁରି ଚଟ, ପନାସୀ ଦୌଡ଼ିର ଖଟ, ମାଟି ପ୍ରଭୃତି ଗୃହ ସାମଗ୍ରୀମାନ ନିଜ ନିଜ ହାତରେ ପ୍ରସ୍ତୁତ କରନ୍ତି । ରାଶି, ସୋରିଷ, ନିମ୍ବ, ଟୋଲ, କୁସୁମ ପ୍ରଭୃତି ତୈଳବୀଜରୁ ଚପା ସାହାଯ୍ୟରେ ତେଲ ପ୍ରସ୍ତୁତ କରନ୍ତି । ତେଲ ଘଣା ଅପେକ୍ଷା ଏହି ଚପା ଅଧିକ ସୁବିଧାଜନକ ହେଲେ ମଧ୍ୟ ତେଲ କମ୍ ବାହାରେ । ମୋଟ ଉପରେ କହିବାକୁ ଗଲେ ଏହି ଲୋକମାନେ ଜୀବନଯାପନରେ ସର୍ବନିମ୍ନ ଆବଶ୍ୟକତା ପାଇଁ ଆତ୍ମନିର୍ଭରଶୀଳ ଅଟନ୍ତି । ସ୍ଥଳ ବିଶେଷରେ,

ସେମାନଙ୍କର ସ୍ୱାବଲମ୍ବନ ମନୋବୃତ୍ତି ଉପରେ ଶୋଷକବର୍ଗଙ୍କର ଅତ୍ୟାଚାର ଓ କୌଶଳ ବାଧା ସୃଷ୍ଟି କରୁଛି । ତେଣୁ ମାଟିଖୋଲା ଓ କାଠକଠା ପଇସାରେ, ବଜାରରୁ ମିଲ୍ ଲୁଗା, ଜାମା, ସାବୁନ, ଆଲୁମିନିୟମ ବାସନ ପ୍ରଭୃତି ଓ ଲଣ୍ଠନ ଆଦି କିଣିବାର ଅଭ୍ୟାସ ବଢ଼ିଛି ।

**(ଙ) ସ୍ୱାସ୍ଥ୍ୟ ଓ ସଫାଇ:**—ଏମାନଙ୍କର ଜୀବନ ପ୍ରକୃତି ଭିତରେ ଗଢ଼ା । ପିଲାଦିନରୁ ଖରା, ପାଣି, ପବନ, ମାଟି, ନିଆଁ ସହିତ ଏମାନେ ପୂର୍ଣ୍ଣ ମାତ୍ରାରେ ପରିଚିତ । ଖରା ଓ ବର୍ଷାରୁ ନିଜକୁ ରକ୍ଷା କରିବା ପାଇଁ ଶିଆଳି ପତ୍ରର ଟୋପି ପଖିଆ ବ୍ୟବହାର କରନ୍ତି ଏବଂ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ପାଖ ଲୋଡ଼ନ୍ତି । ଲୁଗାପଟା ଖୁବ୍ କମ୍ ବ୍ୟବହାର କରନ୍ତି । ନିଆଁ ହିଁ ତାଙ୍କର ଶୀତବସ୍ତ୍ର । ଖରାବର୍ଷାରେ କଠିନ ପରିଶ୍ରମ କରିବା ଏମାନଙ୍କର ଜୀବନର ବ୍ରତ ଅଟେ । ସେଥିପାଇଁ ଶାରୀରିକ ସ୍ୱାସ୍ଥ୍ୟ ସାଧାରଣତଃ ଭଲ ଓ ଚର୍ମ କୃଷ୍ଣବର୍ଣ୍ଣ ହେଲେ ମଧ୍ୟ ଖୁବ୍ ଚିକ୍କଣ ଓ ସୁନ୍ଦର । କେବଳ ଖାଦ୍ୟ ଓ ପାନୀୟ ଜଳର ଅଭାବ ଏବଂ ମଶକ ଦଂଶନ ଯୋଗୁ, ମାଲେରିଆ, ପ୍ଲୀହା ପ୍ରଭୃତି ରୋଗରେ ସାଧାରଣତଃ ପୀଡ଼ିତ ହୁଅନ୍ତି । ଏହି ରୋଗମାନଙ୍କରୁ ରକ୍ଷା କରିବା ପାଇଁ ଆମମାନଙ୍କର ଶକ୍ତି ସୁବିଧାନୁସାରେ, ସେମାନଙ୍କୁ ଔଷଧ ପତ୍ର ଦେଇ ପ୍ରାଥମିକ ଚିକିତ୍ସା କରି କିମ୍ବା ନିକଟବର୍ତ୍ତୀ କାମାକ୍ଷାନଗର ଡାକ୍ତରଖାନାକୁ ଆରୋଗ୍ୟଲାଭ କରିବାକୁ ପଠାଇବାକୁ ହୁଏ । ବର୍ତ୍ତମାନ ଲୋକମାନଙ୍କର ଚିକିତ୍ସାପାଇଁ ଚେତନା ବଢ଼ିଛି । ମାତ୍ର ଯଥେଷ୍ଟ ଔଷଧପତ୍ର ଓ ଚିକିତ୍ସା-ଗୃହର ଅଭାବରୁ ଏ ସମସ୍ୟା ସମାଧାନ ହୋଇପାରୁ ନାହିଁ । ଏହି ଲୋକମାନଙ୍କର ସଫାଇଜ୍ଞାନ ବହୁ ଶିକ୍ଷିତ ସହରବାସୀଙ୍କ ତୁଳନାରେ ଯଥେଷ୍ଟ ବେଶୀ । ତାଙ୍କର ଛୋଟ ଘର ଖଣ୍ଡିମାନ, ମୂଲ୍ୟବାନ ନ ହେଲେ ମଧ୍ୟ କଳା ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ରୁଚିକର । ଛୋଟ ଛୋଟ ଲୁଗାଖଣ୍ଡିମାନ ସାପ୍ତାହିକ ଥରେ ଅଶନ ଓ ଧଉରା ଖାରରେ ବଗପକ୍ଷୀପରି ଧୋବ କରିଥା'ନ୍ତି । କଂସା ବାସନପତ୍ର ଗୁଡ଼ିକ ରୂପାପରି ଚକ୍‌ଚକ୍ କରୁଥାଏ । ଗୃହପାଳିତ ଗୋରୁ ମେଣ୍ଢା ପ୍ରଭୃତିଙ୍କ ପାଇଁ ମଣିଷ ରହିଲା ପରି ଘର କରନ୍ତି । ଅନ୍ୟାନ୍ୟ କାମ ଧନ୍ଦାରେ ଓ ବାଡ଼ି ବଗିଚାରେ ସ୍ୱଚ୍ଛତା ଦେଖିବାକୁ ମିଳେ । ପାଣି ମାଠିଆକୁ ଉଚ୍ଚା ଜାଗାରେ ରଖନ୍ତି ଏବଂ ଲାଉ ଡଙ୍କା ଦ୍ୱାରା ପାଣି ବାହାର କରନ୍ତି । ଗାଧୁଆ ଓ ପାଣି ତୋଠରେ ଦାନ୍ତ କାଠି ପତ୍ର ଅସନା ଜିନିଷ ଫୋପାଡ଼ନ୍ତି ନାହିଁ । ଶୌଚବେଳେ ପତ୍ର ବ୍ୟବହାର କରୁଥିଲେ, ମାତ୍ର ଏବେ ପାଣି ବ୍ୟବହାର କରିବାର ଅଭ୍ୟାସ କଲେଣି ।

ଏହି ସୌରିକ ଅଞ୍ଚଳର ଅଧିକାଂଶ ସ୍ଥାନରେ ବହୁତ ପ୍ରକାର ଖଣିଜ ଦ୍ରବ୍ୟ ଅର୍ଥାତ୍—କୋଇଲା, ଲୁହା, ତମ୍ବା, ଅଭ୍ର, କ୍ରୋମାଇଡ୍ ମିଳୁଛି । ଏହି ଅଞ୍ଚଳକୁ ଖଣିଜ ସମ୍ପଦ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଏହି ଖଣିଜ ଭଣ୍ଡାରକୁ ବଡ଼ ବଡ଼ କମ୍ପାନୀ କିଣି ନେଇ ନିଜର ସୁବିଧାରେ ଲୋକମାନଙ୍କୁ

ମଞ୍ଜୁଷି ଦେଇ କଞ୍ଚାମାଲ ରପ୍ତାନି କରି କଳ-କାରଖାନାକୁ ବଞ୍ଚାଉଛନ୍ତି । ଏହି ଅଧିବାସୀମାନଙ୍କର ଅଗାଧ ସମ୍ପତ୍ତି ରହିଲେ ମଧ୍ୟ ମାଲିକତା ନାହିଁ ଓ ଖାଦାନରେ କାମ କରି ଯାବତୀୟ କଠିନ ରୋଗରେ ପଡ଼ିସଡ଼ା ହୋଇ ସ୍ୱାସ୍ଥ୍ୟର ହାନି ଘଟି ଆୟୁଷ ମଧ୍ୟ କମି ଯାଉଛି ।

(ଚ) **ଶିକ୍ଷା:**—ଏ ଅଞ୍ଚଳରେ ପ୍ରାୟ ସବୁ ଲୋକେ ନିରକ୍ଷର ଥିଲେ । ସେମାନଙ୍କର ଶିକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । ଏବେ ବଡ଼ ମନୁଷ୍ୟମାନଙ୍କ ମଧ୍ୟରୁ ଅନେକ ଆମ କେନ୍ଦ୍ରମାନଙ୍କ ଜରିଆରେ ଓଡ଼ିଆରେ ସାମାନ୍ୟ ଲେଖିପଢ଼ି ଜାଣିଲେଣି । ଛୋଟ ପିଲା-ମାନେ ଓଡ଼ିଆରେ ପ୍ରାଥମିକ ଶିକ୍ଷା ଲାଭ କରି କପିଳାସ ଆଶ୍ରମ ସ୍କୁଲ ଓ ବାଜିରାଉତ ଛାତ୍ରା-ବାସକୁ ଉଚ୍ଚଶିକ୍ଷା ପାଇଁ ଦଶ ଜଣ ଛାତ୍ରଛାତ୍ରୀ ପ୍ରେରିତ ହୋଇଅଛନ୍ତି । ଲୋକମାନଙ୍କ ଭିତରେ ଶିକ୍ଷା ପାଇଁ ଆଗ୍ରହ ବଢ଼ୁଛି । ମାତ୍ର ଉତ୍କଟ ଦାରିଦ୍ର୍ୟ ଓ ସ୍ଥାନୀୟ ଶିକ୍ଷାନୁଷ୍ଠାନର ଅଭାବ ଯୋଗୁଁ ଏମାନଙ୍କର ଶିକ୍ଷାର ପ୍ରଗତି ହୋଇପାରୁ ନାହିଁ । ଧନ୍ଦା ମାଧ୍ୟମରେ ଶିକ୍ଷା ଏମାନଙ୍କର ଖୁବ୍ ଉପଯୋଗୀ ଅଟେ । ମୋଟ ପ୍ରି. ବେସିକ୍ ପିଲାଙ୍କ ସଂଖ୍ୟା ୩୭ ଜଣ, ନୈଶବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ୫୧ ଜଣ । ପ୍ରୌଢ଼ଶିକ୍ଷା ପାଇଁ ଯଥେଷ୍ଟ ବହିପତ୍ର, ସ୍ଲେଟ,ଘର, ଆଲୋକ ଆଦିର ଅଭାବରୁ କାମ ଆଗେଇ ପାରୁନାହିଁ । ଆମ୍ଭେ-ମାନେ ପ୍ରତି ଶୁକ୍ରବାର ଗାଁ ଲୋକଙ୍କୁ ନେଇ ସାମୂହିକ ପ୍ରାର୍ଥନା କରୁ; ପୁରାଣ କଥା, ଭୂଦାନ କଥା, ସର୍ବୋଦୟ କଥା ଶୁଣାଉଁ ।

(ଛ) **ନିଶାନିବାରଣ:**—ପରଂପରା ଓ ଅଭ୍ୟାସ ଦୋଷରୁ ଏ ଲୋକମାନେ ନିଜ ହାତରେ ଗୁଡ଼ଲରୁ ହାଣ୍ଡିଆ ଏବଂ ଜଙ୍ଗଲୀ ମହୁଲରୁ ମଦ ପ୍ରସ୍ତୁତ କରି ପର୍ବପର୍ବାଣି ଓ ଭୋଜି ଭାତରେ ସମସ୍ତେ ଖାଆନ୍ତି । ମାତ୍ର ଅଧିକ ହେଲେ ମାତାଲ ହୁଅନ୍ତି ଓ ଆପଣା ଭିତରେ କଳିକଜିଆ କରନ୍ତି । ମାତ୍ର ପାହାଡ଼ କୃଷୀମଣ୍ଡଳ ସଂଗଠନ ଦିନରୁ ମଣ୍ଡଳର ସଭ୍ୟମାନେ, ଯୁବକ-ମାନେ ଏବଂ ଛୋଟ ପିଲାମାନେ ହାଣ୍ଡିଆ ବର୍ଜନ କରୁଛନ୍ତି । ପର୍ବପର୍ବାଣିରେ ହାଣ୍ଡିଆ ମାତ୍ରା କମିଛି । କେବଳ ବୁଢ଼ାବୁଢ଼ୀମାନେ ପୂଜା (ବଙ୍ଗା) ନାମରେ ହାଣ୍ଡିଆ ଛାଡ଼ି ପାରୁ ନାହାନ୍ତି । ତେବେ ହାଣ୍ଡିଆ ପ୍ରତି ଘୃଣାଭାବ ଆସି ଯାଇଛି । ଆଇନ ବଳରେ ପୂର୍ଣ୍ଣ ନିଶାନିବାରଣ ସମ୍ଭବ ହୋଇପାରେ ।

(ଜ) **ସହଯୋଗ ସମିତି:**—ଗାଁ ମାନଙ୍କରେ କୌଣସି ବ୍ୟକ୍ତି ବିଶେଷର ଘର ତିଆରି, ମାଟି ଖୋଳିବା, ହଳ କରିବା, ବନ୍ଧ ବାନ୍ଧିବା ଓ ଶୁଭାଶୁଭ କାର୍ଯ୍ୟରେ ଗାଁର ସବୁଲୋକ ପରସ୍ପରକୁ ସାହାଯ୍ୟ କରିଥା'ନ୍ତି । ଏହି ମନୋବୃତ୍ତିର ବିକାଶ କରିବାକୁ ଯାଇ ଏହି ଗାଁରେ ଗୋଟିଏ ସହଯୋଗ ସମିତି ଗଢ଼ିବାର ଚେଷ୍ଟା କରୁଅଛୁ । ଗ୍ରାମର ପ୍ରତ୍ୟେକ ଗୃହସ୍ଥ ଏହାର ସଭ୍ୟ ଅଟନ୍ତି ଓ ଶସ୍ୟଭଣ୍ଡାର ପାଇଁ ଖଣ୍ଡିକରୁ ଚଉଠି ପର୍ଯ୍ୟନ୍ତ ଅଂଶ ଦେଇ କୋଡ଼ିଏ ପୌଟି ଧାନ ସଂଗ୍ରହ କରି ସଭ୍ୟମାନଙ୍କୁ ଋଣ ଦେଉଛନ୍ତି । ଏହି ଅଞ୍ଚଳର ଗ୍ରାମପଞ୍ଚାୟତ ଗୁଡ଼ିକ ସହିତ ଆମର

ଏ ଗାଁ ଗୁଡ଼ିକ ପାଦ ମିଳାଇ ଚାଲିପାରୁ ନାହାନ୍ତି । ତେଣୁ ବହୁତ ପଛରେ ପଡ଼ିଯାଇଛନ୍ତି । ପଞ୍ଚାୟତ ଅଧୀନରେ ଥିବା ଅଣଆଦିବାସୀ ଗାଁ ଗୁଡ଼ିକ ଋଣ, ଉନ୍ନୟନ ଆଦି ସବୁ ସରକାରୀ ସୁବିଧା ଉପଭୋଗ କରୁଛନ୍ତି । ଏଣୁ ୩୦ ଖଣ୍ଡି ଗାଁ ପାଇଁ ସ୍ୱତନ୍ତ୍ର ଭାବରେ ଗୋଟିଏ ଗ୍ରାମପଞ୍ଚାୟତ ଓ ଗୋଟିଏ ଅଦାଲତ ପଞ୍ଚାୟତ ତାରଣୀପଣି-ଠାରେ ଗଢ଼ା ଗଲେ ବହୁତ ସୁବିଧା ହୁଅନ୍ତା ।

(ଝ) **ମେଳା ମଉଚ୍ଛବ**—ପାହାଡ଼ ଚାଷୀ ମଣ୍ଡଳ ତରଫରୁ ବାର୍ଷିକ ଥରେ ତାରଣୀପଣି-ଠାରେ ମକର ପାଖାପାଖି ସବୁ ଲୋକଙ୍କର ସ୍ଥାନୀୟ କ୍ରୀଡ଼ା ପ୍ରତିଯୋଗିତା କରାଯାଏ । ଯତ୍ସାମାନ୍ୟ ପୁରସ୍କାର ଦେଇ ଲୋକମାନଙ୍କ ମନରେ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରାଯାଏ । ସ୍ଥାନୀୟ କୃଷି, ଶିଳ୍ପ, କଳା ଓ ଗୃହପାଳିତ ପଶୁ ପକ୍ଷୀମାନଙ୍କର ଗୋଟିଏ କ୍ଷୁଦ୍ର ପ୍ରଦର୍ଶନୀ ହୁଏ । ଲୋକମାନଙ୍କ ଭିତରେ ଉତ୍ପାଦନର ଆଗ୍ରହ ଓ ପ୍ରବୃତ୍ତି ସୃଷ୍ଟି କରାଯାଏ । ଓଡ଼ିଶାର ମନ୍ତ୍ରୀମାନଙ୍କ ମଧ୍ୟରୁ କେହି ଜଣେ ଓ ସରକାରୀ ବେସରକାରୀ ଅନେକ କର୍ମକର୍ତ୍ତା ଏଥିରେ ଯୋଗଦିଅନ୍ତି । ଭାଷା, ଭାବ ଓ ସହଯୋଗର ଆଦାନପ୍ରଦାନ ହୁଏ । ଏହି ବର୍ଷ ଫେବୃୟାରୀ ୨୧ ତାରିଖରେ ଆମର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କର ପୌରୋହିତ୍ୟରେ ଏହି ବାର୍ଷିକ ମେଳା, ପ୍ରଦର୍ଶନୀ ଓ କ୍ରୀଡ଼ା ପ୍ରତି-ଯୋଗିତା ଚିତ୍ତାକର୍ଷକ ଭାବରେ ସମ୍ପନ୍ନ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କୁ ଜାତୀୟ ସଙ୍ଗୀତ ଦ୍ୱାରା ଜାତୀୟ ପ୍ରଥାନୁସାରେ ସ୍ୱାଗତ କରିଥିଲେ । ଖୁସି ହୋଇ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ଘରେ ସାମାନ୍ୟ ଜଳଯୋଗ ଦ୍ୱାରା ଲୋକମାନଙ୍କୁ ମିତ୍ରତାର ଭାବ ଜଣାଇଥିଲେ । ପ୍ରତିଦାନ ସ୍ୱରୂପ ପାହାଡ଼ ଚାଷୀମଣ୍ଡଳ ତରଫ ତିନି ଦଳ ଛଉ-ନାଚ ଦେଖାଇଥିଲେ । ମୁଖ୍ୟମନ୍ତ୍ରୀ ତିନିଦଳକୁ ଟ ୧୫୦୯ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

(ଞ) **ମନ୍ତବ୍ୟ**—ଓଡ଼ିଶା ସରକାରଙ୍କର ବଣ ପ୍ରଜାହିସାବରେ ଏବଂ ଅନୁନ୍ନତ ଆଦିବାସୀ ହିସା-ବରେ ଯାବତୀୟ ଉନ୍ନୟନ କାର୍ଯ୍ୟ ଏଠାରେ କରାଯିବାର କଥା । କାମକରିବାପାଇଁ ଉପଯୁକ୍ତ କ୍ଷେତ୍ର ଓ ଆଗ୍ରହ ସହଯୋଗ ଯଥେଷ୍ଟ ପରି-ମାଣରେ ମିଳିବାର ସମ୍ଭାବନା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଶେଷ କିଛି ହୋଇପାରି ନାହିଁ । ବରଂ ବିଅଁ ଗଢ଼ୁ ଗଢ଼ୁ ମାଙ୍କଡ଼ ହୋଇଛି । ରାସ୍ତା ତିଆରି ହେଲା, ବଙ୍ଗଳା ତିଆରି ହେଲା, କୂଅ ଖୋଳା ଗଲା, ଦୋକାନ (ସରକାରୀ) ଖୋଲାଗଲା । ସବୁଥିରେ ବାହାରର ଲୋକ ଆସି କାମ କଲେ । ତେବେ ଏ ଲୋକଙ୍କର ରୁଚି, ଶିକ୍ଷା, ସହଯୋଗିତା ବଢ଼ିବାର ବାଟ କାହିଁ ? ଖୋଲଟା କର୍ମଚାରୀମାନଙ୍କର ଅଭିଯୋଗ ଲୋକ-ଗୁଡ଼ାକ କିଛି ଜାଣନ୍ତି ନାହିଁ, ସହଯୋଗ କରନ୍ତି ନାହିଁ । ଏଗୁଡ଼ାକ ବଣର ପଶୁ, ମଦୁଆ । ଏମାନଙ୍କର କିଛି ମଙ୍ଗଳ ହେବନାହିଁ । ଏସବୁ କଥା ଶୁଣିଲେ ଆମକୁ ବଡ଼ ଚିଡ଼ ମାଡ଼େ । ଚାଲି ନ ଜାଣି ଅଗଣାର ଦୋଷପରି ଏମାନଙ୍କର ଅଭିଯୋଗ ଜଣାପଡ଼େ । ତେଣୁ ଗଠନମୂଳକ ମନୋଭାବ ଓ ସହାନୁଭୂତି ନ ନେଇ ଏ ଦୁଃସ୍ଥ

ଆଦିବାସୀଙ୍କର ନାମରେ ସରକାର ଯେତେ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ସବୁ ବିଫଳ ପ୍ରମାଣିତ ହେବ । ଅନ୍ୟ ଦିଗରେ ବେସରକାରୀ ଗଠନ-ମୂଳକ କର୍ମୀମାନଙ୍କ ପ୍ରତି ଅସହଯୋଗ ଭାବ ସରକାରୀ କଳର ରହିଲେ ଗ୍ରାମ ନିର୍ମାଣ କାମରେ ବହୁତ ବାଧା ଘଟିବ ଏବଂ ଆମ କର୍ମୀ-ମାନଙ୍କର ଶକ୍ତିର ଅପଚୟ ହେବ । ତେଣୁ ଏହି ଗୁରୁତର ସମସ୍ୟାର ସମାଧାନ ଉପରେ ଜାତିର ନିର୍ମାଣ ବିଶେଷ କରି ଅନ୍ତ୍ୟୋଦୟ ନିର୍ଭର କରୁଅଛି ।

---

# ଓଡ଼ିଶା କୃଷ୍ଟିକୁ ଆଦିବାସୀମାନଙ୍କ ଦାନ

## ଶ୍ରୀ ଗଣନାଥ ଦାସ

କୃଷ୍ଟି କହିଲେ ମୋଟାମୋଟି ଭାବରେ କୌଣସି ଜାତିର ଲୋକଙ୍କ ଜୀବନଯାପନର ରୀତିକୁ ବୁଝାଏ । ଓଡ଼ିଶାରେ ଶବର, ଭୂୟାଁ, କନ୍ଧ ଓ ଅନ୍ୟାନ୍ୟ ବହୁ ଆଦିବାସୀ ଜାତି ଶତାବ୍ଦୀ ଶତାବ୍ଦୀ ଧରି ବାସକରି ରହିଅଛନ୍ତି । ପ୍ରକୃତ ପକ୍ଷରେ ଏହି ଜାତିମାନଙ୍କ ମଧ୍ୟରୁ କେତେକେ ଏ ଦେଶର ଆଦିମ ଅଧିବାସୀ ଥିଲେ । କାଳକ୍ରମେ ଏଦେଶରେ ବାସ କରିବାକୁ ଆସିଥିବା ଦ୍ରାବିଡ଼ ଓ ଆର୍ଯ୍ୟମାନେ ସେମାନଙ୍କୁ ସମତଳ ଭୂମିରୁ ବଣଜଙ୍ଗଲ ଓ ପାହାଡ଼ ପର୍ବତକୁ ତଡ଼ି ଦେଇଥିଲେ ।

ପରବର୍ତ୍ତୀ ଶତାବ୍ଦୀମାନଙ୍କରେ ପାରସ୍ପରିକ ସମ୍ପର୍କ ଓ କୃଷ୍ଟିର ଆଦାନପ୍ରଦାନ ଚାଲିଲା ଏବଂ ତଦ୍ୱାରା ସେମାନଙ୍କ କୃଷ୍ଟିର ବିକାଶ ଓ ବର୍ଦ୍ଧନ ହେଲା । ସବୁ ଆଦିବାସୀ ବଣଜଙ୍ଗଲ ବା ପାହାଡ଼ ପର୍ବତକୁ ପଳାଇ ନ ଥିଲେ । ବହୁ ସଂଖ୍ୟକ ଶବର ଆର୍ଯ୍ୟମାନଙ୍କ ନିକଟାନିକଟି ରହିଥିଲେ ଏବଂ କଟକ ଓ ପୁରୀ ଜିଲ୍ଲାରେ ସବର୍ଣ୍ଣ ହିନ୍ଦୁଙ୍କ ଗ୍ରାମ ନିକଟରେ ସେମାନଙ୍କ ଗ୍ରାମମାନ ଦେଖାଯାଏ । ପୁରାଣ ଓ ମହାକାବ୍ୟ ମାନଙ୍କରେ ଶବରମାନଙ୍କର ଅତି ମାର୍ଜ୍ଜିତ କୃଷ୍ଟି ଓ ସଭ୍ୟତା ଥିଲା ବୋଲି ଉଲ୍ଲେଖ ରହିଅଛି । ଆଜି ଅବଶ୍ୟ ସେମାନେ ଦରିଦ୍ର ଓ ନିରକ୍ଷର; କିନ୍ତୁ ଅତୀତରେ ସେମାନେ ଏପରି ଦୁର୍ଦ୍ଦଶାଗ୍ରସ୍ତ ନ ଥିଲେ । ଭାଷାତତ୍ତ୍ୱବିତ୍‌ମାନେ ଭାଷା ଓ ଉପଭାଷାମାନଙ୍କର ଗଭୀର ଅଧ୍ୟୟନପରେ ମତ ପ୍ରକାଶ କରିଛନ୍ତି ଯେ, ଓଡ଼ିଆ ଭାଷା ଶବର-ମାନଙ୍କ ଭାଷାରୁ ଅନେକ ଶବ୍ଦସମ୍ଭାର ଲାଭକରି ଉନ୍ନତ ହୋଇଅଛି । ଶବରମାନଙ୍କ ସମାଜପତି ବା ନେତାମାନଙ୍କର ନ୍ୟାୟ ଓ ଧର୍ମଜ୍ଞାନ ଯଥେଷ୍ଟ ଥିଲା ଏବଂ ସେମାନେ ଶବରମାନଙ୍କ ପାଇଁ ଉନ୍ନତ ସାମାଜିକ ପ୍ରଥା ଓ ଆଇନ-କାନୁନ ଉଦ୍‌ଭାବନ କରିଥିଲେ ।

ଭାରତ ଇତିହାସରୁ ସ୍ପଷ୍ଟ ଜଣାଯାଏ ଯେ, ଆର୍ଯ୍ୟମାନେ ନୂତନ କୌଣସି ଦେଶକୁ ବାସ-କରିବାକୁ ଆସିଲେ ଉକ୍ତ ଦେଶର ପ୍ରଚଳିତ କୃଷ୍ଟି ବା ସଭ୍ୟତାକୁ ଲୋପ କରୁ ନ ଥିଲେ। ସେମାନେ ଯେଉଁ ଜାତିଭେଦ ପ୍ରଥା ଉଦ୍‌ଭାବନ କରିଥିଲେ ତାହାର ଉଦ୍ଦେଶ୍ୟ ଥିଲା ଆର୍ଯ୍ୟେତର ପ୍ରଥା ଓ କୃଷ୍ଟି, ବିଭିନ୍ନ ଭାଷା ଓ ଧର୍ମ ବିଶ୍ୱାସ ବିଶିଷ୍ଟ ଲୋକଙ୍କୁ ସେମାନଙ୍କ ବିକାଶପାଇଁ ସୁବିଧା ଦେବା ଓ ସେମାନଙ୍କୁ ନିଜ ପରିବେଷ୍ଟନୀ ମଧ୍ୟକୁ ଆଣି ଗ୍ରହଣ କରିନେବା।

ଆର୍ଯ୍ୟ ମହାକାବ୍ୟ ଓ ପୁରାଣମାନଙ୍କରେ ଅନେକ ଆଦିବାସୀ ରାଜାଙ୍କର ଉଲ୍ଲେଖ ରହିଛି। ସେମାନେ ସମୃଦ୍ଧିଶାଳୀ, ଅତିଥିପରାୟଣ, ସାହସୀ ଓ ଆର୍ଯ୍ୟମାନଙ୍କ ପ୍ରତି ବନ୍ଧୁତାସମ୍ପନ୍ନ ଥିଲେ। ଏ ସବୁ ସାହିତ୍ୟରୁ ଜଣାପଡ଼େ ଯେ ଆର୍ଯ୍ୟ ନରପତିମାନେ ସେମାନଙ୍କ ସାହାଯ୍ୟ ଲୋଡ଼ୁଥିଲେ ଏବଂ ସେମାନଙ୍କ କନ୍ୟାମାନଙ୍କୁ ବିବାହ କରିବାକୁ ଲୋଡ଼ୁଥିଲେ। ରାମାୟଣରେ ବର୍ଣ୍ଣିତ ମାଣ୍ଡୁକ୍ୟ ଉପାଖ୍ୟାନରୁ ଜଣାପଡ଼େ ଯେ, ମାଣ୍ଡୁକ୍ୟ ନାମକ ଜଣେ ଋଷି ଆତ୍ମଶୋଧନ ନିମନ୍ତେ କଠୋର ତପସ୍ୟା କରୁଥିଲେ। ଥରେ ତାଙ୍କ ବାଲ୍ୟବନ୍ଧୁ ଭଗବାନ ଶ୍ରୀକୃଷ୍ଣ ତାଙ୍କ ଆଶ୍ରମରେ ଆସି ଉପସ୍ଥିତ ହେଲେ। ମାଣ୍ଡୁକ୍ୟ ବନରେ ଜଳ ଦୁଷ୍ପ୍ରାପ୍ୟ ବୋଲି ତାଙ୍କୁ ଜଣାଇଲେ। ଶ୍ରୀକୃଷ୍ଣ ଜଳାଭାବ ଦୂର କରିବାକୁ ଇନ୍ଦ୍ରଙ୍କୁ ବନକୁ ପଠାଇଲେ। ଇନ୍ଦ୍ର ଶିକାର କରିଥିବା ଗୋଟିଏ ହରିଣ ଧରି ଶବର ବେଶରେ ମାଣ୍ଡୁକ୍ୟଙ୍କ ନିକଟରେ ଉପସ୍ଥିତ ହେଲେ। ଇନ୍ଦ୍ର ଶୁଣିଲେ ଯେ ମାଣ୍ଡୁକ୍ୟ ନିଜେ ତୃଷାରେ ଆତୁର ଏବଂ ତାଙ୍କର ଯେଉଁ ଶିଷ୍ୟ-ମାନେ ଜଳ ଆହରଣ କରିବାକୁ ଯାଇଥିଲେ ସେମାନେ ମଧ୍ୟ ଫେରି ନାହାନ୍ତି। ତହୁଁ ସେ ତାଙ୍କ ବାଉଁଶ ନଳୀ ମଧ୍ୟରେ ଥିବା ଜଳ ତାଙ୍କୁ ପିଇବାକୁ ଯାଚିଲେ। ମାଣ୍ଡୁକ୍ୟ ଘାତକ (ଅସ୍ପୃଶ୍ୟ) ନିକଟରୁ ଜଳ ଗ୍ରହଣ କରିବାକୁ ଅନିଚ୍ଛୁକ ହେଲେ। ଇନ୍ଦ୍ର ଛଦ୍ମବେଶ ତ୍ୟାଗ କରି ନିଜ ରୂପ ଦେଖାଇ ମାଣ୍ଡୁକ୍ୟଙ୍କୁ ବୁଝାଇ ଦେଲେ ଯେ, ତାଙ୍କ ଭଳି ଜଣେ ବିଖ୍ୟାତ ଋଷିଙ୍କର ଏପରି ଧାରଣା କରିବା ନିତାନ୍ତ ଅସ୍ପୃହଣୀୟ, କାରଣ ଭଗବାନ ସଂସାରର ସବୁଠି ଓ ସବୁ ଜୀବଙ୍କଠାରେ ବିଦ୍ୟମାନ ରହିଅଛନ୍ତି। ଏସବୁଥିରୁ ଜଣାଯାଏ ଆର୍ଯ୍ୟ ସମାଗମ କାଳରେ ସମସ୍ତଙ୍କ ପ୍ରତି ସହନଶୀଳତା ଆଦର୍ଶ ରୂପେ ବିବେଚିତ ହୋଇଥିଲା ଏବଂ ଆର୍ଯ୍ୟଜାତି ଓ ଆଦିବାସୀମାନଙ୍କ ମଧ୍ୟରେ ଆଦାନପ୍ରଦାନ ଫଳରେ ଉଭୟଙ୍କ କୃଷ୍ଟି ସମୃଦ୍ଧିମନ୍ତ ହୋଇଥିଲା।

ଓଡ଼ିଶାରେ ଏଥିର ବହୁ ଦୃଷ୍ଟାନ୍ତ ଦେଖା-ଯାଏ। ଓଡ଼ିଶାର ହିନ୍ଦୁ ଗ୍ରାମମାନଙ୍କରେ ଗ୍ରାମ ଦେବତୀ ପୂଜା ସବୁଠି ଦେଖାଯାଏ। କଟକ ଭଳି ନଗରମାନଙ୍କରେ ମଧ୍ୟ ଏ ଦେବୀଙ୍କର ଅନ୍ୟାନ୍ୟ ଦେବଦେବୀଙ୍କ ମଧ୍ୟରେ ପ୍ରତିଷ୍ଠା ଖୁବ୍ ଉଚ୍ଚ। କଟକର ବୁଢ଼ୀ ଠାକୁରାଣୀ ଏଥିର ଗୋଟିଏ

ଜ୍ୱଳନ୍ତ ଦୃଷ୍ଟାନ୍ତ । ପ୍ରତ୍ୟେକ ଗ୍ରାମରେ ଆମ୍ଭେମାନେ ସିନ୍ଦୂରବୋଳା ପଥରମାନ ଉଚ୍ଚ ସ୍ଥାନମାନଙ୍କରେ ଥୁଆ ହୋଇ ସିନ୍ଦୂର, ହଳଦୀ ଓ ଭୋଗରାଗରେ ପୂଜା ପାଉଥିବାର ଦେଖୁଁ । ଏ ଗ୍ରାମଦେବତା ଆଦିବାସୀମାନଙ୍କ ଦେବୀ, ସେମାନଙ୍କଠାରୁ ହିନ୍ଦୁମାନେ ଏହାଙ୍କୁ ଗ୍ରହଣ କରିଅଛୁ । ଭୂୟାଁମାନେ ଏହାଙ୍କୁ "ଗାଇଶିରି" ବୋଲି କହିଥାନ୍ତି । ଏ ଦେବୀଙ୍କ ନିକଟରେ ସେମାନେ କୁକୁଡ଼ା ଅଣ୍ଡା ଓ ଛେଳି ବଳି ଦିଅନ୍ତି । ସମୟେ ସମୟେ ଦେବୀଙ୍କ ରାତି ଭ୍ରମଣପାଇଁ ସେମାନେ ତାଙ୍କୁ ମାଟିଗଢ଼ା ଘୋଡ଼ା ଓ ହାତୀ ଅର୍ପଣ କରିଥାନ୍ତି । କେବଳ କୁକୁଡ଼ା ଓ ଅଣ୍ଡା ବଳୀ ଦେବାଛଡ଼ା ହିନ୍ଦୁମାନେ ଗ୍ରାମଦେବତୀଙ୍କୁ ଆଦିବାସୀମାନଙ୍କ ପରି ଅନ୍ୟାନ୍ୟ ଉପଚାର ମାନଙ୍କରେ ପୂଜା କରିଥାନ୍ତି ।

ଓଡ଼ିଶାର ସଂସ୍କୃତି ଜଗନ୍ନାଥ ସଂସ୍କୃତି ସହିତ ଅବିଚ୍ଛିନ୍ନ ଭାବରେ ଜଡ଼ିତ । ଜଗନ୍ନାଥ ସଂସ୍କୃତି କିପରି ଶବରମାନଙ୍କଠାରୁ ଉଦ୍ଭବ ହୋଇଥିଲା ପ୍ରଚଳିତ ଗଳ୍ପରୁ ଆମ୍ଭେମାନେ ତାହା ଅବଗତ ହୋଇଥାଉଁ । ଶିକାରୀ ଶବରରାଜ ବିଶ୍ୱାବସୁ ବଣ ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ପୂଜା କରୁଥିଲେ ଏବଂ ତେତେବେଳେ ଶ୍ରୀଜଗନ୍ନାଥଙ୍କ ନାମ ଥିଲା ନୀଳମାଧବ । ଓଡ଼ିଶାର ହିନ୍ଦୁ ରାଜା ଜାଣି ପାରିଲେ ଯେ ବିଶ୍ୱାବସୁ ଜଣେ ପରାକ୍ରମୀ ନରପତି । ଗୁପ୍ତରେ ନୀଳମାଧବଙ୍କ ପୂଜା ରୀତି ବୁଝି ଆସିବାକୁ ସେ ତାଙ୍କ ପୁରୋହିତଙ୍କୁ ପଠାଇଲେ । ପରେ ନୀଳମାଧବଙ୍କୁ ଲାଭକରିବା ତାଙ୍କ ପକ୍ଷରେ ସମ୍ଭବ ହେଲା ଏବଂ ସେ ତାଙ୍କୁ ପୁରୀମନ୍ଦିରରେ ଶ୍ରୀଜଗନ୍ନାଥ ନାମ ଦେଇ ବସାଇ ପୂଜା କରିବାକୁ ଲାଗିଲେ । ଶ୍ରୀଜଗନ୍ନାଥ ସେହିକାଳରୁ ପୂଜିତ ହୋଇ ଆସୁଅଛନ୍ତି । ଶ୍ରୀଜଗନ୍ନାଥ ଯେ କେବଳ ଓଡ଼ିଶାରେ ପୂଜିତ ତାହା ନୁହେ—ଭାରତର ସବୁ ଅଂଶରୁ ଯାତ୍ରୀମାନେ ଆସି ଶ୍ରୀ ଜଗନ୍ନାଥଙ୍କୁ ପୂଜା କରନ୍ତି । ଜଗନ୍ନାଥ ସଂସ୍କୃତି ଓଡ଼ିଶାର ଜାତୀୟ ଜୀବନକୁ ଯୁଗ ଯୁଗ ଧରି କିପରି ପ୍ରଭାବିତ କରିଛି ଏହା ସର୍ବଜନବିଦିତ । ଏ ସଂସ୍କୃତି ଦ୍ୱାରା ଓଡ଼ିଶାର ସମାଜ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବରେ ପ୍ରଭାବିତ ହୋଇଛି ।

କେତେକ ପଣ୍ଡିତ ମତ ପ୍ରକାଶ କରିଅଛନ୍ତି ଯେ, ବିଶ୍ୱାବସୁ ଯେଉଁ ରୀତିରେ ନୀଳମାଧବଙ୍କ ପୂଜା କରୁଥିଲେ ସେ ରୀତି ଏ ପର୍ଯ୍ୟନ୍ତ ଅବ୍ୟାହତ ଭାବରେ ନାହିଁ । ଅନ୍ୟାନ୍ୟ କେତେକେ ଏ ମତକୁ ସ୍ୱୀକାର କରନ୍ତି ନାହିଁ । ଶ୍ରୀ ଜଗନ୍ନାଥଙ୍କ ପୂଜା ରୀତି ପର୍ଯ୍ୟବେକ୍ଷଣ କଲେ ପରବର୍ତ୍ତୀ ମତ ଠିକ୍ ବୋଲି ମନେ ହୁଏ । ଶ୍ରୀ ଜଗନ୍ନାଥ ମହାପ୍ରସାଦ ଭକ୍ଷଣରେ ଜାତିଭେଦ ବା ଛୁଆଁ ଅଛୁଆଁ ବିଚାର ନାହିଁ । ଦାସିଆ ବାଉରୀ ନାମକ ଅସ୍ପୃଶ୍ୟର ପ୍ରଦତ୍ତ ଭୋଗ ଶ୍ରୀ ଜଗନ୍ନାଥ ଆନନ୍ଦରେ ଗ୍ରହଣ କରିଥିଲେ । ଓଡ଼ିଶାର ଅନ୍ୟାନ୍ୟ ଦେବମନ୍ଦିରମାନଙ୍କରେ ଏ ପ୍ରଥା ଦୃଶ୍ୟ ହୁଏ ନାହିଁ । ଆଦିବାସୀମାନେ ଜାତିଭେଦ କଅଣ ଜାଣନ୍ତି ନାହିଁ । ଶ୍ରୀ ଜଗନ୍ନାଥ ମନ୍ଦିରରୁ ଜାତିଭେଦ ଲୋପ ହୋଇଥିବା ଦେଖି ଧାରଣା ହୁଏ ଯେ

ଏହା ଆଦିବାସୀ ଶବରମାନଙ୍କଠାରୁ ଗୃହୀତ । ଓଡ଼ିଶାର କୃଷିକୁ ଏହାହିଁ ଆଦିବାସୀଙ୍କ ସର୍ବଶ୍ରେଷ୍ଠ ଦାନ ।

ଆଦିବାସୀମାନଙ୍କ ମଧ୍ୟରେ ଗାଁର ଗୁଣିଆ ଅତି ସମ୍ମାନିତ । ଶବରମାନେ ଗୁଣିଆକୁ "ସମନ" ଓ କନ୍ଧମାନେ "ଦିଶାରି" ବୋଲି କହନ୍ତି । ଫସଲ ନ ହେଲେ, ରୋଗ ବିରାଗ ହେଲେ ଓ ଅନ୍ୟାନ୍ୟ ଆପଦ ବିପଦ ପଡ଼ିଲେ ଗୁଣିଆକୁ ତହିଁର ପ୍ରତିକାର କରିବାକୁ ପଡ଼େ । ହିନ୍ଦୁ ଗ୍ରାମମାନଙ୍କରେ ମଧ୍ୟ ଗୁଣିଆ ଅଛନ୍ତି । ଏମାନେ ବସନ୍ତ ପ୍ରଭୃତି ରୋଗ ଭଲ କରନ୍ତି; ଛୋଟ ଛୋଟ ଚୋର ଧରାଇ ଦିଅନ୍ତି ଇତ୍ୟାଦି । ଶବର ସମାଜରେ ଗୁଣିଆମାନଙ୍କୁ କାନ୍ଥରେ ଲେଖାଯାଉଥିବା ଚିତାମାନଙ୍କର ଗୁଣ ଜଣା । ଏ ସବୁ ଚିତାଦ୍ୱାରା ଗୃହସ୍ଥର ରୋଗ ଦୂର ହୁଏ । ଏବଂ ଏ ସବୁ ଚିତା ଦେବତାମାନଙ୍କ ଉଦ୍ଦେଶ୍ୟରେ ଲେଖା ଯାଇଥାଏ । ଓଡ଼ିଶାର ପଲ୍ଲୀମାନଙ୍କରେ ଏପରି ସବୁ ଚିତା ଲେଖା ହୋଇଥିବାର ଦେଖାଯାଏ । ଏ ସବୁ ଆଦିବାସୀଙ୍କ ଅନୁକରଣ । ବିବାହ ସମୟରେ ଯେଉଁ ସବୁ ଚିତା ଲେଖାଯାଏ ସେ ସବୁ ପ୍ରଜାପତିଙ୍କ ଉଦ୍ଦେଶ୍ୟରେ ଉତ୍ସୃଷ୍ଟ । ସେ ବିବାହର ଦେବତା । ବିବାହର ଭଲ ମନ୍ଦ ତାଙ୍କ ଉପରେ ନ୍ୟସ୍ତ । ବିବାହବେଳର ଏ ଚିତା ଲେଖାପ୍ରଥା ହିନ୍ଦୁମାନେ ଆଦିବାସୀମାନଙ୍କଠାରୁ ଶିଖିଛନ୍ତି ।

ହିନ୍ଦୁସମାଜରେ ସମୂହ ସାମାଜିକ ଜୀବନର ଆଉ ସେତେ ଜୋର ନାହିଁ; କିନ୍ତୁ ଅଧିକାଂଶ ଆଦିବାସୀ ଗ୍ରାମରେ ସମୂହ ସାମାଜିକ ଜୀବନ ପ୍ରଥା ଏବେ ମଧ୍ୟ ବଳବତ୍ତର ରହିଅଛି । ଗ୍ରାମଭିତରକୁ ଜଣେ ଅତିଥି ଆସିଲେ ସେ ସମଗ୍ର ଗ୍ରାମର ଅତିଥି ବୋଲି ବିବେଚିତ ହୁଏ । ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତ ଗ୍ରାମବାସୀ ଅତିଥିସତ୍କାର କରନ୍ତି । ଗ୍ରାମମାନଙ୍କରେ ଘର ସବୁ ପରସ୍ପରକୁ ଲଗାଲଗି ହୋଇ ତୋଳାହୋଇ ଥାଏ । ତେଣୁ ବିଭିନ୍ନ ପରିବାରର ଲୋକ ପରସ୍ପରର ସୁଖ ଦୁଃଖ ବୁଝି ତହିଁରେ ଭାଗୀ ହେବାର ସୁବିଧା ପାଆନ୍ତି । ଗ୍ରାମର ସବୁ ଲୋକ ଗୋଟିଏ ପରିବାରର ଲୋକଭଳି ଗ୍ରାମପ୍ରଧାନଙ୍କ ଆଦେଶ ମାନି ଚଳନ୍ତି । ଗ୍ରାମପ୍ରଧାନ ନିଜର ବୟସ ଓ ପରିପକ୍ୱ ଅଭିଜ୍ଞତା ଯୋଗୁଁ ଗ୍ରାମର ସ୍ୱାଭାବିକ ନେତା । ଯେଉଁମାନେ ବିଗତ ଶହେ ବା ପଚିଶ ବର୍ଷ ତଳର ହିନ୍ଦୁ ଗ୍ରାମଜୀବନ ଲକ୍ଷ୍ୟ କରିଥିବେ ସେମାନେ ଅବଶ୍ୟ ଜାଣିଥିବେ ଏ ବିଷୟରେ ଆଦିବାସୀମାନଙ୍କ ଜୀବନ ସହିତ ଆମ୍ଭମାନଙ୍କ ଜୀବନର କିପରି ସାମ୍ୟ ରହିଥିଲା । ଆଧୁନିକ ସଭ୍ୟତାର ପ୍ରଭାବରେ ଏ ପ୍ରାଚୀନ ରୀତିନୀତି ଅବଶ୍ୟ ଲୋପ ପାଇବା ଉପରେ ଅଛି ଏବଂ ସମଷ୍ଟିଗତ ଜୀବନର ପ୍ରାଧାନ୍ୟ ଲୋପ ପାଇ ବ୍ୟକ୍ତିଗତ ଜୀବନର ପ୍ରାଧାନ୍ୟ ପ୍ରତିଷ୍ଠିତ ହେବାକୁ ଯାଉଅଛି । ସମୂହ ସାମାଜିକ ଜୀବନ ବା ସମଷ୍ଟିଗତ ଜୀବନର ଆଦର୍ଶ

ଅନେକ ଚିନ୍ତାଶୀଳ ଲୋକଙ୍କ ମନକୁ ପାଇଅଛି । ସମାଜର ଅପେକ୍ଷାକୃତ ଦୁର୍ବଳ ଲୋକଙ୍କୁ ନିଜ ନିଜ ଭାଗ୍ୟକୁ ଆଦରିବାକୁ ପଡ଼ୁଅଛି ଏବଂ ସେମାନଙ୍କ ଦୁର୍ଦ୍ଦଶାରେ ଏବେ ଆଉ ସେମାନଙ୍କର କେହି ସାହା ଭରସା ହେଉ-ନାହିଁ । ପାଶ୍ଚାତ୍ୟ ଖଣ୍ଡରେ ଇଂଲଣ୍ଡ ଓ ଫ୍ରାନସ ଭଳି ଦେଶମାନଙ୍କରେ ଲୋକେ ଆଧୁନିକ ସଭ୍ୟତାର ସମାଜ କ୍ଷେତ୍ରରେ ଏହି ଦୁର୍ଗୁଣ ଉପଲବ୍ଧି କରିଲେଣି ଏବଂ ସମଷ୍ଟିଗତ ଭାବରେ ସାମାଜିକ ଜୀବନ ଯାପନ ହୋଇ ପାରିବା ଭଳି ସମାଜର ପୁନର୍ଗଠନ ପାଇଁ ସମାଜସଂସ୍କାରକମାନେ ଉଦ୍ୟମ କରିବାରେ ଲାଗିଲେଣି । ଏହି ସମଷ୍ଟିଗତ ଜୀବନ ଏବଂ ଏହାର ଫଳସ୍ୱରୂପ ସାମାଜିକ ନିରାପତ୍ତା ନିକଟ ଅତୀତରେ ଓଡ଼ିଶାର ପଲ୍ଲୀଜୀବନରେ ଆମ୍ଭେମାନେ ଦେଖିବାକୁ ପାଉଥିଲେଁ । ଓଡ଼ିଶାର ପ୍ରତିଗ୍ରାମରେ ପୂର୍ବେ ଭାଗବତ ଟୁଙ୍ଗିମାନ ରହିଥିଲା । ବର୍ତ୍ତମାନ ମଧ୍ୟ ଠାଏ ଠାଏ ଭାଗବତ ଟୁଙ୍ଗିମାନ ଅଛି । ଏ ସବୁରେ ଲୋକେ ସାମାଜିକ ଶିକ୍ଷା ଲାଭ କରୁଥିଲେ ଏବଂ ଆମୋଦପ୍ରମୋଦ କରୁଥିଲେ । ଏ ସବୁ ଭାଗବତ ଟୁଙ୍ଗି ଓଡ଼ିଶାର ଜୁଆଙ୍ଗମାନଙ୍କ 'ମଣ୍ଡଘର' ଓ ଭୂୟାଁ ମାନଙ୍କ 'ଦରବାର' ସହିତ ତୁଳନୀୟ । ଆଦିବାସୀମାନଙ୍କର ଓଡ଼ିଶାର ସାମାଜିକ କ୍ଷେତ୍ରକୁ ଦାନ ଅତୁଳନୀୟ ଅଟେ ।

ବର୍ତ୍ତମାନ ଓଡ଼ିଶାରୁ ଦେହରେ ଚିତା-କୁଟେଇବା ପ୍ରଥା ଆସ୍ତେ ଆସ୍ତେ ଲୁପ୍ତ ହୋଇ-ଆସୁଛି । ଅଳ୍ପଦିନ ତଳେ ଓଡ଼ିଶାରେ ଉଚ୍ଚ ଜାତିର ସ୍ତ୍ରୀଲୋକମାନେ ମଧ୍ୟ ଦେହରେ ଚିତା କୁଟାଉଥିଲେ । ଆଜି ମଧ୍ୟ ଶବର ଓ କନ୍ଧ ବାଳିକା-ମାନେ ସେମାନଙ୍କ ମୁହଁରେ ନାନା ପ୍ରକାର ଚିତା କୁଟାନ୍ତି । ସେମାନଙ୍କ ମଧ୍ୟରେ ଏ ପ୍ରଥା ଲୋପ ପାଇ ଆସୁଛି । ପଣ୍ଡିତମାନେ ମତ ଦିଅନ୍ତି ଯେ ଆଦିବାସୀ ରମଣୀମାନେ ଅଳଙ୍କାର ଉଦ୍ଦେଶ୍ୟରେ ଦେହରେ ଚିତା କୁଟାଉଥିଲେ । ଅଳଙ୍କାର ଲଗାଇବାର ରୁଚି ସେମାନେ ସେମାନଙ୍କ ଅଣଆଦିବାସୀ ଭଉଣୀମାନଙ୍କଠାରୁ ଶିକ୍ଷା କରିଥିଲେ । ଅନ୍ୟ କେତେକ ପଣ୍ଡିତଙ୍କ ମତ ଯେ ପରଲୋକରେ ଚିହ୍ନଟ ହେବା ପାଇଁ ସେମାନେ ଦେହରେ ଚିତା କୁଟାଉଥିଲେ । କିନ୍ତୁ କେବଳ ସ୍ତ୍ରୀଲୋକମାନେ ଚିତା କୁଟାଉଥିବାରୁ ଏ ମତ ଗ୍ରହଣୀୟ ବୋଲି ବିବେଚିତ ହୋଇନାହିଁ ।

ଆଦିବାସୀମାନେ ଫସଲ ଉତାରିବା ପାଇଁ କେତେକ ଉତ୍ସବ ପାଳନ କରନ୍ତି । ପୂର୍ବେ ଭୂମାତାଙ୍କୁ ପ୍ରସନ୍ନକରିବାକୁ ସେମାନେ ନରବଳି ମଧ୍ୟ ପକାଉଥିଲେ । ଫୁଲବାଣୀର କନ୍ଧମାନେ ଏବେ ସୁଦ୍ଧା ଏ ଉଦ୍ଦେଶ୍ୟରେ ମଇଁଷି ବଳି ଦେଉ ଅଛନ୍ତି ଏବଂ ଏ ବଳିକି ସେମାନଙ୍କ ଭାଷାରେ ଜୁରେ କୁହାଯାଉଛି । ଶବରମାନେ ଏବେ ମଧ୍ୟ ହଳଦାଗ ଭୂମାତାଙ୍କୁ ହେଉଥିବା କଷ୍ଟର ପ୍ରାୟଶ୍ଚିତ୍ତ ସ୍ୱରୂପ ଓ ଭୂମାତାଙ୍କ ଅନୁଗ୍ରହ ଅର୍ଜନ କରିବା ପାଇଁ କୁକୁଡ଼ା ଓ ଘୁଷୁରି ବଳି ଦେଉଅଛନ୍ତି । ହିନ୍ଦୁମାନେ ମଧ୍ୟ

ଆଦିବାସୀମାନଙ୍କ ଅନୁକରଣରେ ଭୂମାତାଙ୍କ ପ୍ରୀତ୍ୟର୍ଥେ ଉତ୍ସବ ପାଳନ କରୁଅଛନ୍ତି । ଅଗ୍ନି-ପୂର୍ଣ୍ଣିମା ରାତିରେ ପ୍ରତି ହିନ୍ଦୁଗ୍ରାମରେ ଅଗ୍ନି ଜଳାଯାଏ । କୃଷୀମାନେ ଉକ୍ତ ନିଆଁର ପାଉଁଶ ସଂଗ୍ରହକରି ଯତ୍ନସହିତ ତାହାକୁ ରଖନ୍ତି । ଯେଉଁ ଦିନ ଜମିରେ ପ୍ରଥମ କରି ହଳ ବୁଲାଯାଏ ସେଦିନ ଉକ୍ତ ପାଉଁଶ ପବିତ୍ର ଜ୍ଞାନରେ ଜମିରେ ବିଞ୍ଚା ହୁଏ ।

ଆଦିବାସୀମାନଙ୍କ ଦ୍ୱାରା ଓଡ଼ିଶାର କୃଷ୍ଟି ଯେ ପ୍ରଭାବିତ ହୋଇଛି ତାହା ଅନ୍ୟ ଗୋଟିଏ ଉଦାହରଣରୁ ମଧ୍ୟ ପ୍ରତିପନ୍ନ ହୁଏ । ବଣାଇ, କେନ୍ଦୁଝର ଓ ସଢ଼େଇକଳାର ରାଜାମାନେ ଅଭିଷେକ ହେଲାବେଳେ ସିଂହାସନରେ ପ୍ରଥମେ ଉକ୍ତ ଗଡ଼ଜାତମାନଙ୍କରେ ଭୂୟାଁ ଜାତିର ଅଗ୍ରଣୀ ବସୁଥିଲେ । ଦିନେ ଓଡ଼ିଶାର ପାର୍ବତ୍ୟ ଅଞ୍ଚଳରେ ଏହି ଭୂୟାଁମାନେ ରାଜାଥିଲେ । ଆଜି ଏହିପରି ପ୍ରତୀକ ଆକାରରେ ସେମାନଙ୍କ ପୂର୍ବ କ୍ଷମତା ଓ ଅଧିକାରକୁ ସ୍ମରଣ କରାଯାଉଅଛି ।

ଆମ୍ଭେମାନେ ଯଦି ଗଭୀର ଅନୁଶୀଳନ କରୁଁ ତାହାହେଲେ ହିନ୍ଦୁସମାଜର ଅନେକ ପ୍ରତିଷ୍ଠିତ ଚିରାଚରିତ ପ୍ରଥା ଯେ ଆଦିବାସୀ-ସମାଜ ଅନୁକରଣରେ ପ୍ରବର୍ତ୍ତିତ ହୋଇଅଛି ତାହା ବୁଝା ପଡ଼ିବ । କୃଷ୍ଟି କ୍ଷେତ୍ରରେ ଓଡ଼ିଶାର ହିନ୍ଦୁସମାଜ କେତେପରିମାଣରେ ଯେ ଆଦିବାସୀ-ସମାଜଠାରେ ଋଣୀ ଏହା ଏ ପର୍ଯ୍ୟନ୍ତ ପୂର୍ଣ୍ଣ ଉପଲବ୍ଧି କରାଯାଇନାହିଁ । ଆଶା କରାଯାଏ ଯେ ଦିନେ ସମାଜତତ୍ତ୍ୱବିତ୍ ପଣ୍ଡିତମାନେ ଏ ଦିଗରେ ଗବେଷଣା କରିବେ ଓ ଯଥେଷ୍ଟ ପରିମାଣରେ ମନୋଯୋଗ ଓ ସମୟ ବିନିଯୋଗ କରିବେ ।

---

## ସଉରା ଜନନୀ

### ମିସ. ଏ. ସି. ମନରୋ

ସଉରା ଜନନୀମାନଙ୍କୁ ମୁଁ ସମ୍ମାନ କରେ । ସେମାନଙ୍କ ପ୍ରତି ମୋର ମହାନ ଶ୍ରଦ୍ଧା ମଧ୍ୟ ରହିଛି । ସେମାନଙ୍କ ମଧ୍ୟରେ ମୁଁ ଦୀର୍ଘ ବା୩୫ର୍ଷ କାଳ ବାସ କରି ଆସିଲି । ସେମାନଙ୍କ ସନ୍ତାନ ସ୍ନେହ ଦେଖିଲେ ଅତି ଆନନ୍ଦ ଲାଗେ । ସଉରା ଜନନୀ ତାର ସନ୍ତାନକୁ ପ୍ରହାର କରୁଥିବା ବା କଟୁକଥା କହୁଥିବା ମୁଁ ଥରେ ହେଲେ ଦେଖିନାହିଁ । ପିତାମାତା ହିସାବରେ ସଉରା ଜନକ ଓ ଜନନୀ ଉପଲକ୍ଷ୍ୟ ଯୋଗ୍ୟ ବୋଲି ମୁଁ ମନେ କରେ । ସେମାନେ ତାଙ୍କ ସନ୍ତାନଙ୍କୁ ଶୃଙ୍ଖଳିତ କରନ୍ତି ନାହିଁ । ଶୃଙ୍ଖଳାର ମଧ୍ୟ କୌଣସି ଆବଶ୍ୟକତା ନଥାଏ । କାରଣ ସେମାନେ କୌଣସି ନା କୌଣସି ଉପାୟରେ ସେମାନଙ୍କ ସନ୍ତାନମାନଙ୍କୁ ଅତି ଶୈଶବରୁ ଏପରି ଭାବରେ

ବଢ଼ାଇବାକୁ ସକ୍ଷମ ହୁଅନ୍ତି ଯେ ଗୃହର ସୁଖ ସମ୍ପଦ ସମସ୍ତଙ୍କ ସ୍ୱତଃ ସହଯୋଗ ଉପରେ ନିର୍ଭର କରୁଛି, ଏ କଥା ବୁଝିପାରି ଶିଶୁମାନେ ମଧ୍ୟ ସେମାନଙ୍କର ଦାୟିତ୍ୱ ସ୍ୱଇଚ୍ଛାରେ ଗ୍ରହଣ କରନ୍ତି ।

ସଉରା ଗ୍ରାମରେ ମୁଁ ରାତି କଟାଇଛି । ଅତି ପ୍ରତ୍ୟୁଷରୁ ପ୍ରାତଃ ଭୋଜନ ଓ ଗ୍ରାମଠାରୁ ଦୂରସ୍ଥ ପାହାଡ଼ ବା ଉପତ୍ୟକାକୁ ସାରାଦିନର ପରିଶ୍ରମ ନିମନ୍ତେ ସଙ୍ଗରେ ନେବାକୁ ଖାଦ୍ୟ ପ୍ରସ୍ତୁତ କରିବାପାଇଁ ଗୃଉଳ କୁଟିବାରେ ବା ଶସ୍ୟ ପେଷଣ କରିବାରେ ରତଥିବା ଜନନୀଙ୍କ ସହିତ କ୍ଷୁଦ୍ର ସଉରା ଶିଶୁମାନଙ୍କ ପକ୍ଷୀର କଳରବ ତୁଲ୍ୟ ମଧୁର କଥୋପକଥନ ସେମାନଙ୍କ କୋଠରୀରୁ ମୋ କୋଠରୀକୁ ଭାସି ଆସି ସୂର୍ଯ୍ୟୋଦୟର ବହୁ ପୂର୍ବରୁ ମୋର ନିଦ୍ରା ଭଙ୍ଗ କରେ । ପକ୍ଷୀର କୂଜନ ଏହାଠାରୁ ମଧୁରତର କଦାପି ହୋଇନ-ପାରେ । ଆଳସ୍ୟରତ ମୁଁ ସେତେବେଳେ ଠିକ୍ ନିଶ୍ଚଳ ଭାବରେ ଶୋଇ ରହିବାକୁ ସୁଖପାଏ ଏବଂ ସୂର୍ଯ୍ୟ ନ ଉଠିବା ପର୍ଯ୍ୟନ୍ତ ଶୁଣୁଥାଏ ।

ତତ୍ପରେ ଜନନୀମାନେ ବହୁଦୂରରୁ ଜଳ ଆଣିବାକୁ ବାହାରିଲେ ଶିଶୁମାନେ ମଧ୍ୟ ସ୍ୱାଙ୍ଗଂଙ୍କ (ଜନନୀ) ସାହାଯ୍ୟ ପାଇଁ ଛୋଟ ମାଟିପାତ୍ର ବା ତୁମ୍ବା ପୂର୍ଣ୍ଣକରି ପାଣି ଆଣିବାକୁ ସଙ୍ଗେ ସଙ୍ଗେ ଦୌଡ଼ନ୍ତି ।

ସଉରା ଘର ଗୁଡ଼ିକ ଉଜ୍ଜ୍ୱଳ ବୋଦାନ୍ (ଗୃହ ସ୍ତ୍ରୀ) ପ୍ରଭାତରେ ଗୃହତ୍ୟାଗ କରିବା ପୂର୍ବରୁ ପରିଷ୍କାର ରୂପେ ଝାଡ଼ୁ ଦିଆଯାଏ ଏବଂ ସଜାସଜି କରି ରଖା ହୁଏ । ଏତଦ ଗୃହକର୍ମ ନ ଛିଣ୍ଡାଇ ସେମାନେ ବାହାରି ଯାଆନ୍ତି ନାହିଁ ।

ବାସନ କୁସନ ଓ ଯନ୍ତ୍ରପାତି ଗୁଡ଼ିକ ଅସାବଧାନ ଭାବରେ କଦାପି ଏଠି ସେଠି ପକାଇ ଦିଆ ହୁଏନା । ପ୍ରତ୍ୟେକ ଜିନିଷ ରଖିବା ପାଇଁ ଉପଯୁକ୍ତ ସ୍ଥାନ ଥାଏ ଏବଂ ସେହି ଜିନିଷ ଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଏ । ଏତାଦୃଶ ଶୃଙ୍ଖଳା ବୋଧ ଓ ସମୟ ହାନିର ନାନା କାରଣ ଦୂରୀଭୂତ କରିବାରେ ବହୁ ସାହାଯ୍ୟ କରେ ଏବଂ ଅଭ୍ୟାସ ଗଠନ ଦିଗରେ ଏହା ଶିଶୁମାନଙ୍କ ଉପରେ ପ୍ରଭାବ ପକାଇଥାଏ ।


କୌଣସି ପଦାର୍ଥ ନଷ୍ଟ କରାଯାଏ ନାହିଁ । ସଉରା ଜନନୀମାନେ ପ୍ରତିଟି ଶସ୍ୟ ତୋଳି ରଖନ୍ତି । ଅତି ସାମାନ୍ୟ ଅଂଶ ପର୍ଯ୍ୟନ୍ତ ନଷ୍ଟ କରନ୍ତି ନାହିଁ । କୌଣସି ପଦାର୍ଥ ଫୋପଡ଼ା ଯାଏ ନା । କ୍ଷୁଦ୍ର ଶିଶୁମାନେ ଏହି ଯତ୍ନଶୀଳତା କ୍ରମେ ବୁଝି ପାରନ୍ତି ।

ସାରାଦିନର କାର୍ଯ୍ୟ ଯଥା—ଗାଈ ଜଗା, ଜଙ୍ଗଲ ସଫେଇ, ଗଛଲଗା, ଜଙ୍ଗଲ ଫଳ ବା କୋଳି ତୋଳାରୁ ଫେରି (ଜନନୀମାନେ କ୍ଷେତ, ପାହାଡ଼ ଓ ଅନ୍ୟାନ୍ୟ ସାମ୍ପ୍ରଦାୟିକ କାର୍ଯ୍ୟରେ ଅଂଶ ଗ୍ରହଣ କରନ୍ତି) ସେମାନେ ସନ୍ଧ୍ୟାପାଇଁ ନାନା ରନ୍ଧନ ସାମଗ୍ରୀ—କାଠ, ପତ୍ର ବା ଚେରମୂଳ-ଆଣନ୍ତି । ଶିଶୁମାନେ ମଧ୍ୟ ମାତାର ଆଦର୍ଶକୁ ଅନୁକରଣ କରି ସେହିପରି କରନ୍ତି ।

ଏହି ପ୍ରବନ୍ଧରେ ସେହି ଜନନୀମାନଙ୍କ ମଧ୍ୟରୁ ଜଣକୁ ସମ୍ମାନିତ କରିବାକୁ ମୋର



ସଉରା ଜନନୀର
ମମତା



ଆଦର୍ଶ ସଉରା ଜନନୀ
ମାଙ୍ଗାରଡ଼





ପୋଡୁ କ୍ଷେତ୍ରରେ ବିଶ୍ରାମରତ
ବଣ୍ଡା ଯୁବକ



ଜଙ୍ଗଲରୁ ଆମ୍ବ ସଂଗ୍ରହକରି ଫେରିବା
ପଥରେ ବଣ୍ଡା ରମଣୀ


ବଣ୍ଡା ରମଣୀ





ବଣ୍ଡାମାନଙ୍କର
ଗ୍ରାମ ଦେବତୀ
( ହୁଣ୍ଡୀ ଦେବୀ )

# ବଣ୍ଡା ବାସସ୍ଥାନର ମାନଚିତ୍ର




Scale : 1 inch = 1 mile

ଆକାଂକ୍ଷା । ତାର ଚରିତ୍ର ମଧ୍ୟ ଏଠି ଦେଉଛି । ବନ୍ୟା ସମୟରେ ଗୋଟିଏ ଯୋର ପାରି ହେବାକୁ ଚେଷ୍ଟାକରି ତାର ସ୍ୱାମୀ ବୁଡ଼ି ମରିବାରୁ ସେ ବିଧବା ହେଲା । ସେତେବେଳେ ତାର ଛଅଟି ସନ୍ତାନଙ୍କର କିଶୋର ଅବସ୍ଥା । ତାର ସନ୍ତାନମାନଙ୍କର ବିବାହପରେ ମୋତେ ସାହାଯ୍ୟ କରିବାକୁ ମୁଁ ତାକୁ ନିଯୁକ୍ତ କଲି । କାରଣ ଯେଉଁ ସଉରା ଶିଶୁମାନଙ୍କର ଜନନୀଗଣ ପ୍ରସବ ପରେ ମୃତ୍ୟୁ ମୁଖରେ ପଡ଼ୁଥିଲେ, ସେମାନେ ଲାଳନ ପାଳନ ପାଇଁ ମୋ ନିକଟକୁ ଅଣା ହେଉଥିଲେ । ମାଙ୍ଗାରଡ଼ି (ଉକ୍ତ ସ୍ତ୍ରୀ ଲୋକର ନାମ) ସେ କ୍ଷୁଦ୍ର ଶିଶୁଗଣଙ୍କୁ ନିଜ ସନ୍ତାନ ପରି ସ୍ନେହ କରୁଥିଲା । ଆମ୍ଭେମାନେ ଏକତ୍ର କାର୍ଯ୍ୟ କରୁ । କ୍ଷୁଦ୍ର ଶିଶୁଗଣଙ୍କୁ ଏକତ୍ର ଦେଖାଶୁଣା କଲାବେଳେ ବୋଧହୁଏ ଯେପରି ସେ ମୋର ମାତା ଏବଂ ମୁଁ ତାର କନ୍ୟା । ତାର ସ୍ନେହ ରଶ୍ମି ଜାଲରେ ଯେପରି ମୁଁ ଆଲୋକିତ ହୋଇ ଉଠେ । ସେମାନଙ୍କୁ ଖୁଆଇ ପକାଇବା ବେଳେ ସେ ଅନେକ କୌତୁକିଆ ସଉରା ଶିଶୁ ଗୀତ ଗାଏ । ସେମାନଙ୍କୁ ସେ କେତେ କାହାଣୀ କହି ଖୁସି କରାଏ । ତା ସଙ୍ଗରେ ଥାଇ ସେମାନେ ସମସ୍ତ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତି ଏବଂ ପକ୍ଷୀ ମାନଙ୍କର ଗାନ ଶୁଣନ୍ତି ଓ ଅନୁକରଣ କରନ୍ତି । ଆମ୍ଭେମାନେ ତାକୁ କେତେ ଭଲ ପାଉ ନ ଥିଲୁ ? କେବେଠାରୁ ସେ ଆମକୁ ଛାଡ଼ି ପୁଣ୍ୟମୟ ଧାମକୁ ଚାଲିଗଲାଣି ସତ, କିନ୍ତୁ ଆମ୍ଭେମାନେ ତାକୁ କଦାପି ଭୁଲି ପାରିବୁ ନାହିଁ ।

---

# କୋରାପୁଟର ପାହାଡ଼ି ବଣ୍ଡା (ବଣ୍ଡା ପରଜ)

**ଗଣନାଥ ଦାସ**

କୋରାପୁଟ ଜିଲ୍ଲାରେ କନ୍ଧ, ସଉରା, ପରଜା ବଣ୍ଡା, ଗାଦବା ଓ କୋୟା ପ୍ରଭୃତି ନାନା ଗୋଷ୍ଠୀର ଆଦିବାସୀ ଦେଖାଯାନ୍ତି । ଏମାନଙ୍କ ମଧ୍ୟରେ ବଣ୍ଡାମାନେ ଗୋଟିଏ ବିଶିଷ୍ଟ ସମ୍ପ୍ରଦାୟ । ବଣ୍ଡାମାନଙ୍କ ବିଷୟରେ ଅତି କମ କଥା ବାହାର ଲୋକଙ୍କୁ ଜଣା । ତାର କାରଣ ବଣ୍ଡାମାନେ ଗୋଟିଏ ଦୁର୍ଗମ ମାଳଭୂମି ଉପରେ ହଜାର ହଜାର ବର୍ଷଧରି ରହି ଅଛନ୍ତି । ସେ ମାଳଭୂମି ଉପରକୁ ପାଦଚଲା ବାଟଛଡ଼ା ଅନ୍ୟ ବାଟ ନାହିଁ । ପୁଣି ଭୀଷଣ ଜଙ୍ଗଲ ଓ ଦୁର୍ଗମ ପାହାଡ଼ ଅତିକ୍ରମ କଲେ ଏହି ମାଳଭୂମି ଉପରକୁ ଯିବାକୁ ପଡ଼େ ।

ଅନ୍ୟତ୍ର ଏହି ବଣ୍ଡା ଅଞ୍ଚଳର ଗୋଟିଏ ମାନଚିତ୍ର ଦିଆଯାଇଛି । ତହିଁରୁ ଦେଖାଯିବ ଯେ ଓଡ଼ିଶା ଓ ଆନ୍ଧ୍ର ଦେଶର ସୀମା ନିର୍ଦ୍ଦେଶ କରି ମାଛକୁଣ୍ଡ ନଦୀ ଯେଉଁଠି ବହି ଯାଉଛି ତହିଁର

ଉତ୍ତର ପଶ୍ଚିମକୁ ଏହି ମାଳଭୂମି ଅବସ୍ଥିତ । ଏହାର ଆକାର ପ୍ରାୟ ତିନି ଶହ ବର୍ଗ ମାଇଲ । ଦକ୍ଷିଣ ଓ ପଶ୍ଚିମରେ ମାଲକାନଗିରିର ବିସ୍ତୀର୍ଣ୍ଣ ସମତଳ ପ୍ରଦେଶ । ଉପରକୁ ଜୟପୁର ଅଞ୍ଚଳର ସମତଳ ବିଭାଗ ଓ ପୂର୍ବକୁ ମାଛକୁଣ୍ଡ ନଦୀର ଅପର ପାର୍ଶ୍ୱରେ ଆନ୍ଧ୍ର ଦେଶ ।

। ଜୟପୁରଠାରୁ ମାଲକାନଗିରି ପକ୍କା ସଡ଼କରେ ୩୪ ମାଇଲ ଗଲେ ଗୋବିନ୍ଦ ପଲ୍ଲୀ ପଡ଼େ । ଏହାହିଁ ବଣ୍ଡା ଅଞ୍ଚଳର ଉତ୍ତର ପଶ୍ଚିମ ଦୁର୍ଗ ଦ୍ୱାର କହିଲେ ଚଳେ । ଗୋବିନ୍ଦ ପଲ୍ଲୀରୁ ବାଲିମେଲା ରାସ୍ତାରେ ଖଏରପୁଟ ଏହାର ଦକ୍ଷିଣ ପଶ୍ଚିମ ଦୁର୍ଗ ଦ୍ୱାର । ବଣ୍ଡା ମାଳଭୂମି ଉପରକୁ ତିନୋଟି ଭିନ୍ନ ଜଣାଶୁଣା ବାଟ । ପ୍ରଥମଟି ଗୋବିନ୍ଦପଲ୍ଲୀଠାରୁ କଦମଗୁଡ଼ା ଓ ସେମିଲିଗୁଡ଼ା ଦେଇ । ଅପରଟି ଖଏରପୁଟରୁ କମାରପୁଟ ଓ ଯୋଡ଼ିଗୁଡ଼ା ଦେଇ । ଶେଷଟି ମାଛକୁଣ୍ଡ ନଦୀ ପଟୁ କେନ୍ଦୁଗୁଡ଼ା ବାଟ ଦେଇ । ଗତ ମଇ ମାସରେ କେତେକ ବନ୍ଧୁଙ୍କ ସହ ପ୍ରଥମୋକ୍ତ ବାଟ ଦେଇ ବଣ୍ଡା ମାଳଭୂମି ଉପରକୁ ମୁଁ ଯାଇଥିଲି ଓ ଦୁଇ ତିନିଦିନ ରହଣି ପରେ ଦ୍ୱିତୀୟ ବାଟ ଦେଇ ଫେରି ଆସିଲି । ତୃତୀୟ ବାଟଟି ଦେଖିବାର ସୁଯୋଗ ଏ ପର୍ଯ୍ୟନ୍ତ ନ ମିଳି ଥିଲେ ମଧ୍ୟ ଡକ୍ଟର ଏଲୱିନଙ୍କ ବହିରୁ ଜଣାପଡ଼େ ତାହା ସବୁଠାରୁ କଷ୍ଟସାଧ୍ୟ । ପ୍ରଥମ ଦୁଇଟି ବାଟ ମଧ୍ୟରେ ପ୍ରଥମଟି ହିଁ ସହଜସାଧ୍ୟ ।

। ଗତ ୧୯୪୧ ମସିହାରେ ବଣ୍ଡାମାନଙ୍କର ସଂଖ୍ୟା ପ୍ରାୟ ଆଠ ହଜାର ଥିଲା । ତହିଁରୁ ପ୍ରାୟ ଅଧେ ଏହି ତିନି ହଜାର ଫୁଟ ମାଳଭୂମି ଉପରେ ପଚିଶ, ଷାଠିଏ ଖଣ୍ଡ ଗାଁରେ ରହି ଅଛନ୍ତି । ବାକି ଅଧିକ ମାଳଭୂମି ପାଦଦେଶରେ ଗାଦବା ଦିଦାୟୀ ପ୍ରଭୃତି ଆଦିବାସୀ ଓ ଡମ, ଗଉଡ଼, କମାର ପ୍ରଭୃତି ଅଣଆଦିବାସୀମାନଙ୍କ ଭିତରେ ବସବାସ କରିଅଛନ୍ତି । ମାଳଭୂମି ଉପରେ କିନ୍ତୁ କେବଳ ବଣ୍ଡାମାନେହିଁ ଦେଖାଯାନ୍ତି । ପ୍ରତି ବଣ୍ଡା ଗାଁରେ ଦୁଇ ଚାରି ଘର ଡମ, କେଉଁଠି କପରି ଘରେ ଅଧେ ଗଉଡ଼ ବା ଦିଦାୟୀ ଦେଖାଯାନ୍ତି ।

। ମାଳଭୂମିର ଚାରିପଟେ ପାହାଡ଼ ତଳି ୩୦ । ୪୦ ଖଣ୍ଡ ଗାଁରେ ମଧ୍ୟ ବଣ୍ଡାମାନେ ଦେଖାଯାନ୍ତି । ମାଳଭୂମି ଉପରକୁ ଉଠିବା ପୂର୍ବରୁ ଓ ସେମିଲିଗୁଡ଼ାରେ ପୁଣି ଫେରିବା ବାଟରେ କମାରପୁଟରେ ଆମ୍ଭେମାନେ କେତେକ ବଣ୍ଡା ଅଧିବାସୀଙ୍କୁ ଦେଖିଲୁ । ଅନ୍ୟାନ୍ୟ ଜାତିଙ୍କ ସହିତ ଏକା ଗାଁରେ ରହୁଥିଲେ ମଧ୍ୟ ବଣ୍ଡାମାନେ ସାଧାରଣତଃ ଅଲଗା ସାହିରେ ରହୁଛନ୍ତି । ଡମ, କମାର ବା ଗଉଡ଼ମାନଙ୍କଠାରୁ ଏବେ ମଧ୍ୟ ସେମାନଙ୍କର ବେଶଭୂଷା, ଘରର ଗଠନ ଓ ପରିପାଟୀ ପୃଥକ୍ । କଦମଗୁଡ଼ାରେ ଦେଖିଲୁ ଦୁଇଟି ବଣ୍ଡା ଝିଅ ମୁଣ୍ଡରେ ବାଳ ରଖିବାକୁ ଆରମ୍ଭ କରିଛନ୍ତି ଓ ଡମ ଝିଅଙ୍କ ପରି ଶାଢ଼ୀ ପିନ୍ଧିବା ମଧ୍ୟ ଶିଖିଛନ୍ତି । କିନ୍ତୁ ପୁଣି ସେଇଠି ଦେଖିବାକୁ ମିଳିଲା କେତେକ ପରିବାରର ତହିଁରୁ ସାନଝିଅ ମୁଣ୍ଡ ଲଣ୍ଡା ହେଉଛନ୍ତି । କୌପୁନି ପରି ସାନ ଲୁଗା ଖଣ୍ଡିଏମାନ ବେଢ଼ାଇ

ହୋଇଛନ୍ତି । ଉମ ସ୍ତ୍ରୀ ଲୋକମାନେ ଦେହ ମୁହଁରେ ଚିତା କୁଟାଉଥିଲେ ମଧ୍ୟ ବଣ୍ଡା ସ୍ତ୍ରୀ ଲୋକେ ତାହା କରୁନାହାନ୍ତି । ମାଳଭୂମି ଉପରର ବଣ୍ଡାମାନଙ୍କ ସହିତ ଏମାନଙ୍କର ଏବେ ସୁଦ୍ଧା ବୈବାହିକ ଓ ଅନ୍ୟାନ୍ୟ ସାମାଜିକ ସମ୍ବନ୍ଧ ଅଛି । ତେବେ କ୍ରମଶଃ ଏହା କ୍ଷୀଣ ହୋଇ ଆସୁଛି ବୋଲି ଜଣା ପଡ଼ିଲା ।

ମାଳଭୂମି ଉପରକୁ ଅନ୍ତତଃ ଦୁଇ ହଜାର ଫୁଟ ଉଠିଗଲାପରେ ଉପରୁ ସମତଳ ପ୍ରଦେଶର ରମଣୀୟ ଦୃଶ୍ୟ ଦେଖିବାକୁ ମିଳେ । ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ଘନ ଅରଣ୍ୟର ଶୋଭା ଚମତ୍କାର ଦେଖାଯାଏ । ମାଳଭୂମି ଉପରେ ତେତେ ଘନ ଜଙ୍ଗଲ ଦେଖିବାକୁ ମିଳେ ନାହିଁ; କିନ୍ତୁ ଅସଂଖ୍ୟ କ୍ଷୁଦ୍ର ଝରଣାର ଦୃଶ୍ୟ ଓ ଶୀତଳ ହାଓ୍ୱାର ପରଶ ବେଶ୍ ଆରାମଦାୟକ ମନେ ହୁଏ । ପ୍ରକୃତିର ବିଚିତ୍ର ଶୋଭା-ଭଣ୍ଡାର ମଝିରେ ବଣ୍ଡାମାନଙ୍କର ବାସ-ସ୍ଥାନ । ଏ ଅଞ୍ଚଳରେ ପହଞ୍ଚିଲା ପରେ କ୍ଷଣକ ପାଇଁ ମନେହୁଏ ଏ ସ୍ୱର୍ଗ ଛାଡ଼ି କିଏ କାହିଁକି ଯିବାକୁ ଚାହିଁବ ? ପଥଶ୍ରାନ୍ତି ମନରୁ ପାଶୋର ହୋଇଯାଏ ।

ବଣ୍ଡାମାନେ ତାଙ୍କ ନିଜ ଭାଷାରେ ନିଜକୁ "ରେମୋ" ବୋଲି କହିଥାନ୍ତି । ରେମୋ ଶବ୍ଦର ଅର୍ଥ ମନୁଷ୍ୟ । ତାଙ୍କ ମତରେ ତାଙ୍କ ଛଡ଼ା ଅନ୍ୟମାନେ ମନୁଷ୍ୟ ପଦବାଚ୍ୟ ନୁହନ୍ତି । ଏହି ପ୍ରଥା ଅନ୍ୟାନ୍ୟ ଅନେକ ଆଦିବାସୀଙ୍କ ମଧ୍ୟରେ ପ୍ରଚଳିତ । ମନେହୁଏ ଏଥିପାଇଁ ଆଦିମ କାଳର ହିନ୍ଦୁ ସମାଜ ଦାୟୀ । ତାଙ୍କର ନିର୍ଯ୍ୟାତନା ଫଳରେ ହିଁ ଆଦିବାସୀମାନେ ବଣଜଙ୍ଗଲରେ ଆଶ୍ରୟ ନେଲେ । କାଳକ୍ରମେ ନିଜକୁ ଯେତେ-ବେଳେ ପ୍ରତିଷ୍ଠିତ କରିପାରିଲେ କେବଳ ନିଜ ନିଜର ସମାଜକୁ ହିଁ ମନୁଷ୍ୟ ସମାଜ ବୋଲି ଆଖ୍ୟା ଦେଲେ କିମ୍ବା ବଣଜଙ୍ଗଲରେ ଅନ୍ୟ ସମାଜ ସଙ୍ଗେ ସମ୍ପର୍କ ରଖି ନ ପାରିବାରୁ କେବଳ ନିଜେହିଁ ଗୋଟିଏ ମନୁଷ୍ୟ ସମାଜ ବୋଲିଭାବିଥିଲେ । ସେ ଯାହାହେଉ ବଣ୍ଡା ସମାଜ ଯେ ଗୋଟିଏ ସ୍ୱାଧୀନଚେତା ସମାଜ ତାହା ବଣ୍ଡା ଅଞ୍ଚଳରେ ପହଞ୍ଚିଲା ମାତ୍ରେ ଜଣାପଡ଼େ । ଓଡ଼ିଶାର ଅନ୍ୟାନ୍ୟ ଅଧିକାଂଶ ଆଦିବାସୀଙ୍କ ଗାଁରେ ସାହାଲି ସାହାଲି ଘର, କିନ୍ତୁ ବଣ୍ଡା-ମାନଙ୍କର ଭିନ୍ନ । ଗୋଟିଏ ପରିବାରର ଗୋଟିଏ ସ୍ୱତନ୍ତ୍ର ଘର ଡିହ ଓ ଘର । ପାହାଡ଼ର ଢାଲୁରେ ତଳ ଉପର ହୋଇ ଘରଗୁଡ଼ିକ । ଗାଁ ଦାଣ୍ଡ ବୋଲି ସେପରି କିଛି ନାହିଁ ।

ବଣ୍ଡା ଅଞ୍ଚଳରେ ପହଞ୍ଚିଲା ପରେ ପ୍ରଥମ କରି ନଜର ପଡ଼େ ଦଳ ଦଳ ହୋଇ ସ୍ତ୍ରୀ ପୁରୁଷ ପାହାଡ଼ ତାଡ଼ି ପୋଡ଼ି ଚାଷ କରିବାରେ ଲାଗିଛନ୍ତି । ଏଣୁ ସେଠାକାର ଅଧିକାଂଶ ପାହାଡ଼ରେ ଘନ ଜଙ୍ଗଲ ବା ବଡ଼ ବଡ଼ ଗଛ ଦେଖାଯାଏ ନାହିଁ । ଯେତେ ସବୁ ପାହାଡ଼ ନାଳ ଅଛି ତାହା ସଉରା ବା ଗାଦବା ଅଞ୍ଚଳ ପରି ଧାନ ବିଲରେ ପରିଣତ ହୋଇଅଛି । ନାଳର ପାଣିକୁ ଧୀରେ ଧୀରେ କ୍ଷେତରେ ମଡ଼ାଇବାରେ ବଣ୍ଡାମାନେ ଧୁରନ୍ଧର । ଗୋଟିଏ ଜାଗାରେ

ଦେଖିଲୁ ନାଳରେ ବନ୍ଧ ପକାଇ ବିଲରେ ପାଣି ମଡ଼ାଇବାର ବ୍ୟବସ୍ଥା ସୁନ୍ଦର ଭାବରେ କରା-ହୋଇଅଛି । ପୁଣି ବିଲରେ ମାଡ଼ ସାରିଲା ପରେ ସଳପ ଗଛର ନୋଧା ସାହାଯ୍ୟରେ ପାଣିକୁ ସେହି ନାଳ ଉପର ଦେଇ ନାଳ ଆରପଟେ ଥିବା ଜମିକୁ ନିଆ ଯାଇଅଛି ।

ବଣ୍ଡା ଗାଁ ପାଖେଇ ଆସିଲେ ସେମାନଙ୍କର ଗୋରୁପଲ ଦେଖାଯାନ୍ତି । ବଡ଼ ବଡ଼ ନହେଲେ ମଧ୍ୟ ସୁନ୍ଦର ହୃଷ୍ଟପୁଷ୍ଟ ଗାଈ-ଗୋରୁ । କିନ୍ତୁ କୋୟାମାନଙ୍କ ପରି ବଣ୍ଡାମାନେ ଗାଈଦୁହିଁ ଘିଅ ତିଆରି କରନ୍ତି ନାହିଁ । ସମତଳ ବା କମ ଢାଲୁ ଜମି ଚାଷ କରିବାକୁ ଓ ଗୋବର ଖତ ପାଇଁ ସେମାନେ ଗାଈଗୋରୁ ପାଳିଥାଆନ୍ତି । ହଡ଼ା ବଳଦ, ଭୋଜି ଭାତରେ ଖାଇବା ପାଇଁ ଓ କନ୍ୟା ସୁନା ହିସାବ କାମରେ ଲାଗିଥାଏ । ବଣ୍ଡାମାନେ ଯଦିଓ ଘୁଷୁରି, କୁକୁଡ଼ା ଓ ଛେଳି ମେଣ୍ଢା ପୋଷନ୍ତି ସେଗୁଡ଼ିକ ତେତେ ଭଲ ବୋଲି ଦେଖି ପାରିଲୁ ନାହିଁ । କିନ୍ତୁ ଅସଂଖ୍ୟ ପୂଜାକାମରେ ପଶୁପକ୍ଷୀ ଦରକାର । ଛୁଆର ଦେହ ଖରାପ ହେଲେ, ଫସଲ ହାନି ଘଟିଲେ, ବାଟରେ ଯାଉଁ ଯାଉଁ ଝୁଣ୍ଟିଲେ କେତେ ଦେବଦେବୀଙ୍କୁ ମନାଇବାକୁ ପଡ଼େ ଘୁଷୁରି, କୁକୁଡ଼ା ବଳି ଦେଇ ।

ମାଲ ଅଞ୍ଚଳର ପ୍ରଥମ ବଣ୍ଡା ଗାଁ ଆମେ ଦେଖିଲୁ ଭୁଲାଗୁରମ୍ । ଆମ୍ଭେମାନେ ପହଞ୍ଚିଲା ବେଳକୁ ପ୍ରାୟ ମଧ୍ୟାହ୍ନ । ଗାଁରେ ବୁଢ଼ୀ ଦୁଇ ଚାରିଜଣଙ୍କୁ ଛାଡ଼ିଦେଲେ ପୁରୁଷ ସ୍ତ୍ରୀ, ବୁଢ଼ା ପିଲା କେହି ନଥାନ୍ତି । ସମସ୍ତେ ଯାଇଥାନ୍ତି ବିଲକୁ ବା ବଣକୁ କାମକରି । କିଛି ସମୟ ଅପେକ୍ଷା କଲା ପରେ ଗାଁର ନାଇକ ଓ ଦୁଇଜଣ ପିଲା ଆସି ପହଞ୍ଚିଲେ । ନାଇକଙ୍କ ସଙ୍ଗେ ଏକପତ୍ରରୁ ଖାଇ ମହାପ୍ରସାଦ ବନ୍ଧୁତା ମୁଁ ସ୍ଥାପନ କରିଥିଲି । ତା ପରେ କେତେକଙ୍କ ଘରଦ୍ୱାର ବୁଲି ଦେଖିଲୁଁ । ନାଇକଙ୍କର ମା ମୋତେ କହିଲେ "ତମେ ମୋ ପୁଅର ବନ୍ଧୁ, ତେଣୁ ମୋର ପୁଅ ।" ମୋର ସହଯାତ୍ରୀମାନେ ଭୁଲାଗୁରମରୁ ଅନ୍ୟଆଡ଼େ ନ ଯାଇ ସିଧା ସଲଖ ମୁଣ୍ଡୁଲିପଡ଼ା ଯିବାକୁ ଲଗାଇଲେ । କାରଣ ମୁଣ୍ଡୁଲିପଡ଼ାରେ ପୁଲିସ ଫାଣ୍ଡି ଅଛି, ରହିବା ପାଇଁ ବଖରାଏ ଘର ମଧ୍ୟ ଅଛି । ମୁଁ କିନ୍ତୁ ଜିଦ୍ କଲି ବାଟରେ ବଡ଼ପଡ଼ାରେ ରହିବାକୁ । ଶେଷରେ ତାହାହିଁ ହେଲା । ଗାଁର ସର୍ବସାଧାରଣ ସଭାସ୍ଥଳୀକୁ ବଣ୍ଡା ଅଞ୍ଚଳରେ 'ସିନ୍ଧିବୋର' କୁହାଯାଏ । ଆମ୍ଭେ-ମାନେ ସେଠାରେ ଯାଇ ପହଞ୍ଚିଲୁ । କ୍ରମେ ଗାଁଟିଯାକର ପିଲା ବୁଢ଼ା ସମସ୍ତେ ଠୁଳ ହେଲେ । ଥଟ୍ଟା ପରିହାସରେ ଯୋଗ ଦେବାକୁ କେହି ପଶ୍ଚାଦପଦ ନ ଥାନ୍ତି । ବୁଝିବାକୁ ଡେରିହେଲା ନାହିଁ ଯେ ବଣ୍ଡାମାନେ ନୃଶଂସ ପ୍ରକୃତିର ଲୋକ ବୋଲି ଯେଉଁ ଅପବାଦ ଅଛି ତାହା ଏକାବେଳକେ ଭ୍ରମପୂର୍ଣ୍ଣ । ସେ ଗାଁରେ ମଧ୍ୟ ମୁଁ ଓ ମୋର ବନ୍ଧୁମାନେ କେତେକ ବଣ୍ଡାଙ୍କ ସହିତ ମହାପ୍ରସାଦ ବନ୍ଧୁତ୍ୱରେ ଆବଦ୍ଧ ହେଲୁ । ରାତିଟି ସେଠାରେ କଟାଇବାକୁ ଗାଁ ଲୋକଙ୍କ ପକ୍ଷରୁହିଁ ପ୍ରସ୍ତାବ

ଆସିଲି । ନାଇକଙ୍କ ପିଣ୍ଡାରେ ଆମ୍ଭେମାନେ ରାତିଟି କଟାଇଲୁ ।

କୋରାପୁଟରେ ବଣ୍ଡାମାନଙ୍କୁ 'ବଣ୍ଡା ପରଜା' ବୋଲି କେତେକ କହନ୍ତି । ପରଜା ଗୋଷ୍ଠୀର ଏକ ଭିନ୍ନ ଆଦିବାସୀ ମଧ୍ୟ ଅଛନ୍ତି । ସେମାନଙ୍କର ଗାଁ ବଣ୍ଡା ଗାଁ ଠାରୁ ଢେର ତଫାତ୍ । ପରଜା ଗାଁରେ ଘରଗୁଡ଼ିକ ସାହାଲି ସାହାଲି ହୋଇଥାଏ । କିନ୍ତୁ ବଣ୍ଡାମାନଙ୍କର ଘର ଗୋଟି ଗୋଟିକିଆ । ସାଧାରଣତଃ ପାହାଡ଼-ତଳ ଢାଲୁରେ ତଳ ଉପରି କରି ଘରଗୁଡ଼ିକ କରିଥାନ୍ତି । ସିଧା ସଳଖ ଗାଁ ଦାଣ୍ଡ ବୋଲି କିଛି ନାହିଁ । ଦାଣ୍ଡରେ ଏଣେତେଣେ ଗୋବର ଓ ଅଳିଆ ଗଦା ହୋଇଥାଏ । ଘର ଗୁଡ଼ିକରେ ଝରକା ବୋଲି କିଛି ନାହିଁ । ସାଧାରଣ ଓ ବ୍ୟକ୍ତିଗତ ଦିଗରେ ବଣ୍ଡାମାନେ ଆଦୌ ପରିଷ୍କାର ପରିଚ୍ଛନ୍ନ ନୁହନ୍ତି । ଅବଶ୍ୟ ବଣ୍ଡା ଅଞ୍ଚଳରେ ପାଣିର ଘୋର ଅଭାବ । ପିଲାମାନେ ପ୍ରାୟ ସର୍ବଦା ଅପରିଷ୍କାର ଥାଆନ୍ତି । ଏପରିକି ବୟସ୍କା ସ୍ତ୍ରୀ ଲୋକମାନେ ମଧ୍ୟ ପରିଷ୍କାର ପରିଚ୍ଛନ୍ନ ରହନ୍ତି ନାହିଁ ।

ବଣ୍ଡାମାନେ ଭୀଷଣ ଗରିବ । ନାଲି ଜମିରୁ ପୂର୍ବପୁରୁଷାନୁକ୍ରମେ କାହାର କେଉଁଠି ଖଣ୍ଡେ ଚେନାଏ ଅଛି । ନଚେତ୍ ସମସ୍ତେ ପୋଡ଼ୁ ଚାଷ ଉପରେ, ବଣଜଙ୍ଗଲର ଫଳମୂଳ ଉପରେ ଓ ଜଙ୍ଗଲର ଜନ୍ତୁ ଶିକାର ଉପରେ ନିର୍ଭର କରନ୍ତି । କାହାରି ଘରେ କଂସା ବାସନ ଖଣ୍ଡେ ନାହିଁ । ଲାଉ ତୁମ୍ବା ଓ ଶିଆଳି ପତର ସେମାନଙ୍କର ବାସନ କାମ ଚଳାଇ ଥାଏ । ଲୁଗାପଟାରେ ମଧ୍ୟ ତଦ୍ରୂପ । ସ୍ତ୍ରୀ ଲୋକମାନେ କେବଳ ଅଣ୍ଟାଠାରୁ ଜଙ୍ଘ ପର୍ଯ୍ୟନ୍ତ ଦେଢ଼ହାତ ଖଣ୍ଡ ଚଉଡ଼ାର ଖଣ୍ଡେ କନା ଘେରେଇ ହୋଇଥାନ୍ତି । ବାକି ସବୁ ଅନାବୃତ । ସେମାନଙ୍କର ବିଶ୍ୱାସ କେଉଁ ଆଦିମଯୁଗରେ ସୀତା ଦେବୀ ମୁଣ୍ଡିଲପଡ଼ା ନାଳରେ ଉଲଗ୍ନ ହୋଇ ସ୍ନାନ କରୁଥିଲାବେଳେ କେତେକ ବଣ୍ଡା ରମଣୀ ତାଙ୍କୁ ସେପରି ଅବସ୍ଥାରେ ଦେଖି ପରିହାସ କରି ହସିଥିଲେ । ସୀତା ଦେବୀ ଅଭିଶାପ ଦେଲେ, "ତମେମାନେ ଚିରଦିନ ଲଙ୍ଗଳା ହୋଇ ରହିବ, ମୁଣ୍ଡ ଲଣ୍ଡା କରିବ, ଗୁଡ଼ି ଫୁଙ୍ଗୁଲା ରଖିବ । କେବଳ ଲଜ୍ଜା ନିବାରଣ ପାଇଁ କଉପୁନି ଖଣ୍ଡେ ପିନ୍ଧିବ । ଅନ୍ୟଥା କଲେ ତୁମର ସର୍ବନାଶ ହେବ ।" ମାଳଭୂମି ଉପରର ବଣ୍ଡା ରମଣୀ ଏବେ ସୁଦ୍ଧା ଅକ୍ଷରେ ଅକ୍ଷରେ ଏହା ପାଳୁଅଛି । ସୂତା ତିଆରି ବଜାର ଲୁଗା ଯାହାକୁ ସେମାନେ "ଡମ୍ ଲୁଗା" ବୋଲି କହନ୍ତି ତାହା ପିନ୍ଧିବା ମନା । ନିଜେ କେରଙ୍ଗ ବା କୁହେରଇ ଗଛରୁ ସୂତା ବାହାର କରି ସ୍ୱାମୀସ୍ତ୍ରୀ ଏକ ପ୍ରକାର ତନ୍ତରେ ନିଜେ ବୁଣି, ନିଜର ପିନ୍ଧିବା "ବେଡ଼ା" ତିଆରି କରନ୍ତି । ଗାଦବାମାନଙ୍କ ପରି ସୁନ୍ଦର ଭାବରେ ସୂତା ରଙ୍ଗ କରି ବିଭିନ୍ନ ରଙ୍ଗରେ ପଟାପଟି କରି ତିଆରି ଥାନ୍ତି । ବଣ୍ଡା ଶବ୍ଦର ଅର୍ଥ ଲଙ୍ଗଳା । ଏମାନଙ୍କର ସ୍ତ୍ରୀ ପୁରୁଷମାନେ ପ୍ରାୟ ଲଙ୍ଗଳା ହୋଇ ରହୁଥିବାରୁ ଏମାନଙ୍କୁ ବଣ୍ଡା କୁହାଯାଏ । କେତେକ କହନ୍ତି ଯେ ଘୋର ବଣ

ଭିତରେ ରହୁଥିବାରୁ ଏମାନଙ୍କୁ ବଣ୍ଡା ଆଖ୍ୟା ଦିଆଯାଇଛି । ସ୍ତ୍ରୀ ଲୋକମାନେ ଗୁଣ୍ଡି ଉପରେ କାଚ ଓ ଶନାମାଟିର ଅସଂଖ୍ୟ ମାଳ ଲମ୍ବାଇ ଥାନ୍ତି । ବେକ ପାଖରେ ପିତଳ ବା ରସର ହଂସୁଲି, ହାତ ଓ ଗୋଡ଼ରେ ପିତଳର ଅସଂଖ୍ୟ ମୁଦି ଓ ବଳା । ଏଥିପାଇଁ ଦରିଦ୍ର ବଣ୍ଡାକୁ ବହୁ ଅର୍ଥ ବ୍ୟୟ କରିବାକୁ ପଡ଼େ । ଡମ ଜାତିର ବ୍ୟବସାୟୀମାନେ ଏହା ସବୁ ଯୋଗାଇ ଦେଇ ବଣ୍ଡାମାନଙ୍କୁ ବହୁ ପରିମାଣରେ ଶୋଷଣ କରିଥାନ୍ତି । ପୁରୁଷମାନଙ୍କର ସାମାନ୍ୟ ଖଣ୍ଡେ ଲେଙ୍ଗୁଟି ବା କାଛା ଦରକାର । ଏହା ଡମମାନେ ଅତିରିକ୍ତ ମୂଲ୍ୟରେ ବଣ୍ଡାମାନଙ୍କୁ ଯୋଗାଇ ଦିଅନ୍ତି । କିଶୋର ଓ ଯୁବକ ବୟସରେ ବଣ୍ଡାମାନେ ନାନା ଉପାଦାନରେ କେଶବିନ୍ୟାସ କରିଥାନ୍ତି ଓ ବେକରେ ପିତଳର ମାଳୀ,ହାତରେ ଓ ବାହୁରେ ପିତଳର ବା ରସର ଖଡୁ ବା ତାବିଜ ପିନ୍ଧିଥାନ୍ତି । ଏବେ କେହି କେହି ମୁଣ୍ଡା ସାନ୍ତାଳଙ୍କପରି ମୁଣ୍ଡରେ ଖଣ୍ଡିଏ ଖଣ୍ଡିଏ ପାନିଆ ଖୋଷିବା ଦେଖା ଯାଉଛି ।

ବଣ୍ଡା ଅଞ୍ଚଳରେ ଶିକ୍ଷାର ପ୍ରସାର ଆଦୌ ନାହିଁ । ଗୋଟିଏ ବୋଲି ସ୍କୁଲ ନାହିଁ । ସମସ୍ତେ ନିରକ୍ଷର । କେତେକ ବଣ୍ଡା ଯୁବକ ଆସାମ ଚା ବଗିଚାକୁ କାମ କରିବାକୁ ଯାନ୍ତି । ଅଧିକାଂଶ ଯାଇଥାନ୍ତି ବିବାହ ପାଇଁ କିଛି ଅର୍ଥ ସଂଗ୍ରହ କରିବାକୁ । ଦୁଇତିନ ବର୍ଷରୁ ଅଧିକ କେହି ରହିବାର ଜଣାଯାଇ ନାହିଁ । କେତେଜଣ ଆସାମ ଫେରନ୍ତା ଲୋକଙ୍କୁ ଆମ୍ଭେମାନେ ଦେଖିଲୁ । ଦୁଇ ଚାରି ପଦ ହିନ୍ଦୀ ବା ବଙ୍ଗଳା ଭାଷା ଛଡ଼ା ଏବଂ ଖଣ୍ଡେ ଦୁଇଖଣ୍ଡ ଛିଣ୍ଡା ପେଣ୍ଟ ବା କୁରୁତା ଛଡ଼ା ବାହାର ସଭ୍ୟତାରୁ କିଛି ସେମାନେ ଗ୍ରହଣ କରିଥିବାର ଜଣା ପଡ଼ିଲା ନାହିଁ । ତେବେ ପୁରୁଷମାନେ ସମସ୍ତେ ଓଡ଼ିଆ ବୁଝନ୍ତି ଓ କହନ୍ତି । ସ୍ତ୍ରୀମାନେ ତେତେ ଭଲ ବୁଝି ପାରନ୍ତି ନାହିଁ ବା କହି ପାରନ୍ତି ନାହିଁ । ବଣ୍ଡା ଭାଷାରୁ କେତେ ଶବ୍ଦ ସଂଗ୍ରହ କରିବାର ସୁଯୋଗ ମିଳିଥିଲା । ସେଗୁଡ଼ିକ ମୁଣ୍ଡାରି ପ୍ରତିଶବ୍ଦ ସଙ୍ଗେ ବହୁ ପରିମାଣରେ ମିଳି ଯାଉଛି । ନିମ୍ନଲିଖିତ କେତେକ ଉଦାହରଣରୁ ଏହା ପରିଷ୍କାର ଭାବରେ ଜଣା ପଡ଼ିବ ।

| ବଣ୍ଡା | ମୁଣ୍ଡା | ଓଡ଼ିଆ ଅର୍ଥ |
|---|---|---|
| ଡ଼ା | ଦା | ପାଣି |
| ଲୁତୁର | ଲୁତୁର | କାନ |
| ମଁଅ | ମେଡ଼୍ | ଆଖି |
| ଲେଆଁ | ଲେଏ | ଜିଭ |
| ତିତି | ତି | ହାତ |
| ନିଂ | ଆଇଁ | ମୁଁ |
| ଯୁ | ଆଏ | ସେ |
| ସୁବୁ | ସିବିଲ | ମିଠା |
| କୁକୁସା | କୁଲ | ବାଘ |
| ଉଲି | ଉଲି | ଆମ୍ବ |
| ସୁଉ | ସୁନୁମ୍ | ତେଲ |
| ସାଙ୍ଗସାଙ୍ଗ | ସାସାଙ୍ଗ | ହଳଦି |
| ବିତି | ବୁଲୁଂ | ଲୁଣ |

| | | |
|---|---|---|
| ଓନ୍ | ହୋନ୍ | ପୁଅ |
| ମିଣ୍ଡା | ମିସୁନ୍ | ଗୋଟିଏ |
| ଉକ୍‌ବ୍‌ବ | ଉବ | ବାଳ |
| ଗଏଗା | ଗଏସାନା | ମଡ଼ଗଲ(ମୃତ) |
| ସୁମ | ଜୋମ | ଖାଇବା |

ତେଣୁ ଅନୁମାନ ହୁଏ, ବଣ୍ଡାମାନେ ମୁଣ୍ଡାରୀ ଶ୍ରେଣୀସ୍ଥ ଆଦିବାସୀ ।

ନିରକ୍ଷର ହେଲେ ହେଁ ବଣ୍ଡାମାନେ ବୁଦ୍ଧିମାନ ବୋଲି ମନେ ହେଲା । ଅନ୍ତତଃ ଯୁଆଙ୍ଗ ଓ ଭୂୟାଁଙ୍କଠାରୁ ଏମାନେ ବେଶୀ ଚାଲାକ ଚତୁର ଜଣାପଡ଼ନ୍ତି । ସେମାନଙ୍କ ପରି ବଣ୍ଡାମାନେ ଅଳସୁଆ ବା ପରିଶ୍ରମକାତର ନୁହନ୍ତି । ବଣ୍ଡା ସମାଜରେ ଗଣତାନ୍ତ୍ରିକ ବ୍ୟବସ୍ଥା ବହୁ ପରିମାଣରେ ପରିଲକ୍ଷିତ ହୁଏ । ଏମାନଙ୍କର ନାଇକ ଅଛି ଯେ କି ଖଜଣା ଅସୁଲ କରି 'ରିବଣି' ବା ସରକାରକୁ ଦିଏ । ଦିଶାରୀ ବା ପୂଜାରୀ ଅଛି, ଯେ ଠାକୁରପୂଜା କରେ । ବେଜୁଣୀ ଭୂତ ପ୍ରେତ କଥା ବୁଝେ । କିନ୍ତୁ କାହାରି-ଠାରେ ଏମାନେ ମୁଣ୍ଡ ନୁଆଁଇଁ ଦିଅନ୍ତି ନାହିଁ । ନାଇକ ଗାଁ ଭାଇଙ୍କୁ ନ ପଚାରି ତାଙ୍କ ଉପରେ କିଛି ନିଦ ଦେଇପାରେ ନାହିଁ । ଦିଶାରୀ ବା ପୂଜାରୀ କାମ ଦଶବାର ବର୍ଷର ସାନ ପିଲାଟିଏ ମଧ୍ୟ ଚଳାଇବାର ଦେଖିଲି । ମୋଟ ଉପରେ ସମାଜରେ ସମସ୍ତଙ୍କର ସ୍ୱାଧୀନ ମତ ବ୍ୟକ୍ତ କରିବାର ପୂରା ଅଧିକାର ଅଛି । କିଶୋର ବୟସର ପିଲାଏ, ଯୁବକମାନେ ଓ ସ୍ତ୍ରୀଲୋକ-ମାନେ ସମସ୍ତେ ବୟସ୍କ ଲୋକଙ୍କ ସଙ୍ଗେ ସମାନସ୍କନ୍ଧ ଭାବରେ ଯେ କୌଣସି କଥାବାର୍ତ୍ତାରେ ବା ବିଚାରଣାରେ ଯୋଗ ଦେଉଥିବାର ଲକ୍ଷ୍ୟ କଲି । ଆମ ସଭ୍ୟ ସମାଜରେ ଏହା ଯେପରି ନାନା ଭାବରେ କ୍ଷୁର୍ଣ୍ଣ ହେଉଅଛି, ସେଠି ତାହା ନାହିଁ ।

ବଣ୍ଡାମାନେ ସଲପ ମଦ ଖାଇବାକୁ ଅତ୍ୟନ୍ତ ଭଲପାନ୍ତି । ବଣ୍ଡା ଅଞ୍ଚଳର କେନ୍ଦ୍ରସ୍ଥଳୀ ମୁଣ୍ଡାଲିପଡ଼ାଠାରେ ଗୋଟିଏ ପୁଲିସ୍ ଫାଣ୍ଡି ଏଇ କେତେକ ବର୍ଷ ହେବ ସ୍ଥାପିତ ହୋଇଅଛି । ସେଠାରୁ ବୁଝିଲି ବଣ୍ଡାମାନଙ୍କ ଭିତରେ ଚୋରି ଡକାୟିତି ପ୍ରଭୃତି ପ୍ରାୟ ନାହିଁ ; ଅଛି ହଣା କଟା ନରହତ୍ୟା । ମଦ ଖାଇ ମାତାଲ ହେଲେ ସାମାନ୍ୟ ସାମାନ୍ୟ କଥାରୁ ଏହା ହୋଇଥାଏ । ସାଧାରଣତଃ କାହା ଜମି କିଏ ବଳଜ୍ବାରରେ ଅଧିକାର କଲା, କାହା ସଲପ ଗଛରୁ କିଏ ମଦ ନେଇଗଲା ଓ କାହା ସ୍ତ୍ରୀକୁ କିଏ ଭୁଲାଇ ନେଇ ଚାଲିଗଲା, ଏଇଥିରୁ ହଣାହଣି ବା ନରହତ୍ୟା ପର୍ଯ୍ୟନ୍ତ ଯାଏ ।

ବଣ୍ଡାମାନେ ଦଳଦଳ ହୋଇ ତଳମାଳର ଗୋବିନ୍ଦପଲ୍ଲୀ ଓ ମୁଣ୍ଡାଗୋଡ଼ାରେ ଥିବା ହାଟକୁ ବେଳେ ବେଳେ ଯାଆନ୍ତି । ଯୁବକ ଯୁବତୀମାନେ ଅନ୍ୟାନ୍ୟ ଗାଁର ବଣ୍ଡାମାନଙ୍କ ସଙ୍ଗେ ଭେଟା-ଭେଟି ହେବାର ସୁଯୋଗ ମିଳେ । ବେଶୀକରି ମଦ ଟିକେ ଖାଇବାର ସୁବିଧା ମିଳିଥାଏ । କେବେ କପାର ଫୁଲ ଗୁଞ୍ଜୁଣୀ ବା ପାଚିଲା ପଣସ ବିକିବା ପାଇଁ ନେଇଥାନ୍ତି । ଯାହା ପଇସା ମିଳେ ତହିଁରେ ପୁରୁଷମାନଙ୍କର କାଛା, ସ୍ତ୍ରୀ-ଲୋକଙ୍କର ଗହଣା ବା ଶୁଖୁଆ, ଧୂଆଁ ପତ୍ର, ହାଣ୍ଡି

ଅଥବା ଲଙ୍ଗଲଲୁହା ପ୍ରଭୃତି କିଣି ଥାଆନ୍ତି । ବେଳବେଳେ ଦୋକାନୀମାନଙ୍କ ସଙ୍ଗେ ଦରଦାମ ନେଇ କଳିଗୋଳ ହୁଏ । ନିଶା ଜୋରରେ ବଣ୍ଡାମାନେ କେତେବେଳେବେ ଜିନିଷପତ୍ର ଛଡ଼ାଇ ନେଇଯାଆନ୍ତି । ଫୋପଡ଼ା ଫୋପଡ଼ି କରି ଦିଅନ୍ତି । କେତେ ବର୍ଷ ତଳେ ମୁଣ୍ଡାଗଡ଼ା ହାଟକୁ ଏହି କାରଣରୁ ଲୁଗା ବ୍ୟବସାୟୀ ଡମମାନେ ଯିବା ଆସିବା ବନ୍ଦ କରି ଦେଇଥିଲେ । ବଣ୍ଡାମାନଙ୍କ ଅତ୍ୟାଚାରର ଫଳରେ ହାଟ ବନ୍ଦ ହୋଇଗଲା ବୋଲି ଶୁଣି ପଡ଼ିଥିଲା । ବଣ୍ଡାମାନଙ୍କ ସଙ୍ଗେ ମିଶିବା ଓ ଯତ୍ ସାମାନ୍ୟ ଅନୁସନ୍ଧାନରୁ ଯାହା ଜାଣିବାକୁ ସକ୍ଷମ ହୋଇଛି, ମୋର ମତ ଯେ ବଣ୍ଡାମାନେ ସ୍ୱଭାବତଃ ମାରମୁହାଁ ବୋଲି ଯେଉଁ ଅପବାଦ ଅଛି ତାହା ସମ୍ପୂର୍ଣ୍ଣ ଅମୂଳକ । ଆଗରୁ ବିଚାର କରି ଠୁଳ ହୋଇ ଅତ୍ୟାଚାର କରିବାକୁ ଉଦ୍ୟମ କରିବା ତାଙ୍କର ସହଜାତ ପ୍ରକୃତି ବୋଲି ମୋତେ ମନେ ହେଲା ନାହିଁ । ହୁଏ ତ ନିଶା ଫଳରେ ସେମାନେ ଉପରୋକ୍ତ ପ୍ରକାର ଗଣ୍ଡଗୋଳ କରିଥିଲେ । ତେବେ ବଣ୍ଡା ଚରିତ୍ରର କେତେଗୁଡ଼ିଏ ବିଶିଷ୍ଟ ଗୁଣ ଅଛି । ସେମାନେ ବିଶେଷ ସ୍ୱାଧୀନତା ପ୍ରିୟ । ଗାଁର ପ୍ରଧାନ ହେଲେ ମଧ୍ୟ ତା ର ନିଜ ମତ ଅନ୍ୟ ଉପରେ ଚାପିଦେବା ସମ୍ଭବପର ହୁଏ ନାହିଁ । ଗାଁର ପିଲାଏ ବଡ଼ଙ୍କ ସଙ୍ଗେ ମିଶି ସବୁ କଥାରେ ନିଜର ସ୍ୱାଧୀନ ମତ ପ୍ରକାଶ କରିବାରେ କେହି ବାଧା ଦିଏ ନାହିଁ । ଅନ୍ୟ ଆଦିବାସୀଙ୍କ ପରି ଏମାନଙ୍କ ଘର ସାହାଲି ସାହାଲି ନୁହେଁ, ଗୋଟିଗୋଟିକିଆ । ଏ ସବୁ ସତ୍ତ୍ୱେ ସେମାନେ ହୃଦୟବାନ୍ ଓ ବେଶ୍ ମେଳାପୀ । କେବଳ ଅନ୍ୟ ଲୋକଙ୍କ ସଙ୍ଗେ ମିଶିବାର ସୁବିଧା ନ ଥିବାରୁ ସବୁବେଳେ ହୁଏ ତ ତାଙ୍କ ଚାଲିଚଳଣ, ତାଙ୍କ ଢଙ୍ଗଢାଙ୍ଗ, ତାଙ୍କ କଥାବାର୍ତ୍ତା ପୂରା ନ ବୁଝିପାରି ଉତ୍ତେଜିତ ହୋଇ ଉଠି ଥାଆନ୍ତି । ଏଥିପାଇଁ ଆମ୍ଭେମାନେ ଯେପରି ତାଙ୍କୁ ଭୁଲ ନ ବୁଝୁଁ ।

ବଣ୍ଡାମାନେ ନାନା ଦେବାଦେବୀ ମାନନ୍ତି । ସୁଦ୍ଧା ଅନ୍ୟାନ୍ୟ କେତେକ ଆଦିବାସୀଙ୍କ ପରି ଏତେ ଧର୍ମଭୀରୁ ନୁହନ୍ତି । ମୁଣ୍ଡୁଲିପଡ଼ାରେ ବଣ୍ଡାମାନଙ୍କର ସର୍ବଶ୍ରେଷ୍ଠ ଦେବତା ପାଟଖଣ୍ଡା ମହାପ୍ରଭୁ ବିରାଜିତ । କେଉଁ କାଳର ଏକ ପୁରୁଣା ବରଗଛ ଗହ୍ୱରରେ ଗୋଟିଏ ଖଣ୍ଡା ଅଛି । ତାହା ବର୍ଷରେ କେବଳ ଦିନେ ସମସ୍ତଙ୍କର ଦୃଷ୍ଟି-ଗୋଚର ହୁଏ । ଅନ୍ୟ ଦିନେ ସେ ପାଖକୁ ଯିବା ନିଷେଧ; କିନ୍ତୁ ଏଥିରେ ତେତେ ଦୃଢ଼ତା ଥିଲା ଭଳି ଜଣା ପଡ଼ିଲା ନାହିଁ । ପ୍ରତି ଗାଁରେ ଗ୍ରାମଦେବତୀ ଅଛନ୍ତି । ଗ୍ରାମ ସଭାସ୍ଥଳୀ ସିନ୍ଧି-ବୋରକୁ ଲାଗି ବା ଗ୍ରାମର ପ୍ରାନ୍ତରେ କେତେ-ଗୁଡ଼ିଏ ପଥର ଏକତ୍ରିତ କରା ହୋଇଥାଏ । ଏହାହିଁ ଗ୍ରାମଦେବତୀ ବା ହୁଣ୍ଡୀ ଦେବୀଙ୍କ ପୀଠ ସ୍ଥଳୀ । ସାଧାରଣ ଆପଦ ବିପଦ ପଡ଼ିଲେ ବଣ୍ଡା-ମାନେ ହୁଣ୍ଡି ଦେବୀଙ୍କୁ ସନ୍ତୁଷ୍ଟ କରିବାରେ ଲାଗି ପଡ଼ନ୍ତି । ପିଲାକୁ ରୋଗହେଲେ କେହି ଭୂତ ପ୍ରେତ ତା ଦେହରେ ଠାବ କରିଛି ବୋଲି ବଣ୍ଡାଙ୍କର ବିଶ୍ୱାସ । ବିଭିନ୍ନ ପ୍ରକାର ବେମାର ଲାଗି, ଫସଲ ଭଲ ହେବାପାଇଁ, ଭଲ ଶିକାର

ମିଳିବା ଉଦ୍ଦେଶ୍ୟରେ ବିଭିନ୍ନ ଦେବଦେବୀଙ୍କର ଉପାସନା ମଧ୍ୟ ରହିଛି ।

ବଣ୍ଡାମାନଙ୍କ ମଧ୍ୟରେ ସାଧାରଣତଃ ଦୁଇ ପ୍ରକାର ବିବାହ ପ୍ରଥା ଦେଖଯାଏ । ପ୍ରତି ବଣ୍ଡା ଗ୍ରାମରେ ଅବିବାହିତ ଯୁବକ ଓ ଅବିବାହିତ ଯୁବତୀମାନଙ୍କର ଶୋଇବାପାଇଁ ବିଭିନ୍ନସ୍ଥାନ ନିର୍ଦ୍ଦିଷ୍ଟ କରା ହୋଇଥାଏ । ଗୋଟିଏ ଗ୍ରାମରେ ସାଧାରଣତଃ ଗୋଟିଏ ଜାତି ବା ଗୋଷ୍ଠୀର ବଣ୍ଡାମାନେ ରହନ୍ତି । ନିଜ ଗୋଷ୍ଠୀ ବା କୁଦା ଭିତରେ ବିବାହ କରିବା ମନା । ମୁଣ୍ଡୁଲୀ,ଗୃଲିନ୍, ଶିଷା, ବଡ଼ନାଏକ ପ୍ରଭୃତି ବିଭିନ୍ନ କୁଦାର ବଣ୍ଡା ଭିନ୍ନ ଭିନ୍ନ ଗାଁରେ ବା ଏକ ଗାଁର ଭିନ୍ନ ଭିନ୍ନ ପଡ଼ାରେ ରହିଥାନ୍ତି । ଗୋଟିଏ ଗାଁର ଯୁବକମାନେ ବାଦ୍ୟ ଯନ୍ତ୍ର ଧରି ରାତି ଖିଆପିଆ ପରେ ଅନ୍ୟ ଗାଁର ଯୁବତୀମାନଙ୍କ ଶୋଇବା ଘରକୁ ଆସନ୍ତି । ନାଚ ଗୀତ ହୁଏ । ଆଳାପ ପରିଚୟ ହୁଏ । ତହିଁରୁ ଯୁବକ, ଯୁବତୀ ବିବାହ ପାଇଁ ସାଥୀ ବାଛି ନିଅନ୍ତି ଓ ବିବାହ ହୋଇ-ଥାଏ । ଦୁଇ ପ୍ରକାର ବିବାହ ମଧ୍ୟରେ ପ୍ରଥମଟିରେ ପୁଅ ଓ ଝିଅର ମନ ମିଳିଲା ପରେ ସେମା-ନଙ୍କର ବାପ, ମା ମାନଙ୍କର କର୍ତ୍ତବ୍ୟ ଆରମ୍ଭ ହୁଏ । ପୁଅର ବାପ ଝିଅ ଘରକୁ ଯାଇ କନ୍ୟା-ସୁନା ସ୍ୱରୂପ ପୋଢ଼, ମଦ ପ୍ରଭୃତି ଦେବା ପରେ ବିବାହ ସ୍ଥିର ହୋଇଥାଏ । ଅନ୍ୟଟିରେ ଯୁବକ ନିଜେ ସାଙ୍ଗ ସାଥିଙ୍କୁ ଧରି ମନୋମତ ଝିଅଙ୍କୁ ଜବରଦସ୍ତି ନେଇଆସି ବିଭା ହୁଏ । ଏଥିରେ ମଧ୍ୟ ବିବାହ ପୂର୍ବରୁ କନ୍ୟାସୁନା ଦେବାକୁ ପଡ଼ିଥାଏ । ମାତ୍ର ପ୍ରଥମ ପ୍ରକାରଠାରୁ ଖର୍ଚ୍ଚ କମ ।

ବଣ୍ଡାମାନେ କାର୍ଯ୍ୟ ଦକ୍ଷ ଓ ବୁଦ୍ଧିମାନ କିନ୍ତୁ ସେମାନଙ୍କୁ କୌଣସି ସୁଯୋଗ ଏ ପର୍ଯ୍ୟନ୍ତ ମିଳିନାହିଁ । ଲଟାପତ୍ର, କାଠ, ବାଉଁଶ ପ୍ରଭୃତି ଯାହା ସେମାନେ ନିଜ ଅଞ୍ଚଳରେ ପାଆନ୍ତି ତହିଁରୁ ହାତ ତିଆରି ଘର କରଣା ଜିନିଷ, ଗୃହୋପ-କରଣ ପ୍ରଭୃତି ନାନାଦି ଦ୍ରବ୍ୟ ସୁନ୍ଦର ଭାବରେ ତିଆରି କରନ୍ତି । ସେମାନେ ବେଶ୍ ସ୍ୱାସ୍ଥ୍ୟବାନ । ବିଶେଷକରି ଯୁବକମାନଙ୍କ ଗଠନ ଖୁବ୍ ସୁନ୍ଦର । ବିଶେଷ ରୋଗ ବୈରାଗ ନାହିଁ । ସାଧାରଣତଃ ପେଟ ବେମାରି, ଆଖିବେମାରି, ଓ ଛେଚି ଖଣ୍ଡିଆ ଘା ପ୍ରଭୃତି ଛାଡ଼ିଦେଲେ ଅନ୍ୟ ବିଷମ ରୋଗର ପ୍ରାଦୁର୍ଭାବ ସଂହାମକ ଭାବରେ ଦେଖା-ଯାଏ ନାହିଁ । ତେବେ ବଣ୍ଡା ଅଞ୍ଚଳରେ ବୁଢ଼ା ବୁଢ଼ୀଙ୍କର ସଂଖ୍ୟା କମ୍ ଥିବାର ଲକ୍ଷ୍ୟ କଲି । ମନେ ହୁଏ ପୁଷ୍ଟିକର ଖାଦ୍ୟର ଅଭାବ ହେତୁରୁ ସେମାନେ ଦୀର୍ଘଜୀବୀ ହୋଇ ପାରୁ ନାହାନ୍ତି । ବଣ୍ଡା ଅଞ୍ଚଳକୁ ରାସ୍ତା ଘାଟିର ସୁବିଧା ଦେଇ, ବଣ୍ଡାମାନଙ୍କୁ ଶିକ୍ଷା, ଆର୍ଥିକ ଓ ସାମାଜିକ ଉନ୍ନ-ତିର ସୁଯୋଗ ଦେଲେ ସେମାନେ ଆମ ଦେଶର ଗୋଟିଏ ବିଶିଷ୍ଟ ଅଙ୍ଗ ରୂପେ ଗଢ଼ି ଉଠିବେ, ଏଥିରେ ମୋର କୌଣସି ସନ୍ଦେହ ନାହିଁ ।

# ଦିନକର ଅନୁଭୂତ

**ଶ୍ରୀ ସୁନାରାମ ସରେନ୍**, ବି. ଏ.,ବି.ଏଲ.
(ମନ୍ତ୍ରୀ, ଆଦିବାସୀ, ଗ୍ରାମମଙ୍ଗଳ, ଶ୍ରମ ଓ ବାଣିଜ୍ୟ)

ତିନି ଚାରିଦିନ ପୂର୍ବରୁ ମୋତେ ପିତ୍ତଜନିତ ମୁଣ୍ଡବ୍ୟଥା ଜ୍ୱର ହୋଇଥିଲା—ଏଣେ ପେଟ ମଧ୍ୟ ଖରାପ ହୋଇ ବଦ ହଜମି ହୋଇଥିଲା। (ତା ୧।୯।୫୬ ରିଖରୁ ତା ୩।୯।୫୬ ରିଖ ପର୍ଯ୍ୟନ୍ତ)।

ତା ୩।୯।୫୬ ରିଖରୁ ତା ୬।୯।୫୬ ରିଖ ଭିତରେ ବହୁ ସମୟ ଧରି କେବିନେଟ ମିଟିଂ—ଏଣେ ଗୁରୁତ୍ୱପୂର୍ଣ୍ଣ ଦଳ ବୈଠକ ଓ ଆସେମ୍ବ୍ଲିକୁ ଆସୁଥିବା ଶ୍ରମିକ ସମ୍ପର୍କୀୟ ବିଲ୍ ସମ୍ବନ୍ଧରେ ଚନାଘନା—ବଡ଼ବିଲ ଶ୍ରମିକଙ୍କ ଉପରେ ଗୁଳି ଇତ୍ୟାଦି ବିଷୟରେ ମନ ବିଶେଷ ଉଦ୍‌ବେଗ ଓ ଚିନ୍ତିତ ଥିଲା। ଖାଦ୍ୟ ଭଲରୂପେ ରୁଚୁ **ନ** ଥିଲା—ପେଟ ଖରାପ ହେବା ଭୟରେ ଖୁବ୍ ହୁସିଆର ହୋଇ ଝିଆଟିଆ କରୁଥିଲି— କେବଳ ସାଧା ଧରଣରେ ସିଝା ହୋଇଥିବା ମାଂସ ତରକାରି ଛଡ଼ା ଆଉ ମସଲା—ତେଲ ଆଦି ଦିଆ ତରକାରି ଛାଡ଼ିବା ପାଇଁ ମନସ୍ଥ କଲି—ଦୁଇଦିନ ଏକ୍ସପେରିମେଣ୍ଟ ମଧ୍ୟ ହୋଇ ଗଲଣି। ସିଝା ଧରଣଟି ହେଉଛି—ତରକାରିରେ କେବଳ ପାଣି, ହଳଦି, ଲୁଣ ଓ ଅଦା ଗୁଣ୍ଡ ଛଡ଼ା କିଛି ପଡ଼ିବ ନାହିଁ—କଲେଜ ଛାତ୍ର ଜୀବନରେ ମୋର ସିଝା ତରକାରି ଖାଇବାର ଅଭ୍ୟାସ ଥିବାରୁ ବିଶେଷ ଅରୁଚିକର ମୋତେ ଲାଗୁନାହିଁ। ବରଂଚ ମୋତେ ଭଲ ସ୍ୱାଦ ଲାଗୁଛି।

ତା ୬।୯।୫୬ ସନ୍ଧ୍ୟା ଘ ୫।୩୦ ରେ ଓଡ଼ିଶା ରାଜ୍ୟପାଳଙ୍କୁ ଉତ୍କଳ ନୃତ୍ୟ ନାଟ୍ୟ ସଙ୍ଗୀତ କଳାପରିଷଦରୁ ବିଦାୟ ଉପଲକ୍ଷେ ନାଗରିକ ସଦନରେ ଜଳଯୋଗ ଓ ନୃତ୍ୟ ସଙ୍ଗୀତ ପରି- ବେଷଣର ବ୍ୟବସ୍ଥା ଥିଲା—ସଭା ପ୍ରାୟ ସାଢ଼େ ସାତଟାରେ ଶେଷହେଲା—ପରେ ମୁଁ ବଦହଜମି, ଭଲ ଝାଡ଼ା ହେବା ଓ କ୍ଷୁଧା ଲାଗିବା ପାଇଁ ଔଷଧ କଟକର ଜଣେ କବିରାଜଙ୍କ ଦୋକାନରୁ ଆଣିଲି। କବିରାଜ ମୋତେ ତାଙ୍କ ଦୋକାନର **'ଶତାବରୀ ମୋଦକ'** ଖାଇବାକୁ ଦେଲେ ଓ ୨।୩ ମାତ୍ରା ଅଧିକା ପରେ ବ୍ୟବହାର ପାଇଁ ଦେଲେ। ତା ପରେ ଜିପ୍‌ରେ କଟକରୁ ଫେରିଲି — କଟକରୁ ଘରକୁ ପହଞ୍ଚିବା ପର୍ଯ୍ୟନ୍ତ ଭଲ ଅବସ୍ଥା ଥିଲା। ଘରେ ପହଞ୍ଚିଲା ବେଳକୁ ରାତି ୯ଟା ବାଜି ଯାଇ ଥାଏ।

ଅଧ ଘଣ୍ଟା ଭିତରେ ଝାଡ଼ା ଫେରିଯାଇ ସଡ଼କ କଡ଼ରେ ସାମାନ୍ୟ ହାଓ୍ୱା ସେବନ କଲି।

—ବ୍ରାହ୍ମୀ ଘୃତ ୧ ଛଟାଙ୍କି କ୍ଷୀର ଅନୁପାନରେ ଖାଇଲି—ମୋଦକ ଖାଇବା ପୂର୍ବରୁ ଜଳ ଯୋଗରେ ରସଗୋଲା ୨।୩ ଖିଆ ଯାଇଥିଲା। ଘରେ ବ୍ରାହ୍ମୀଘୃତ ଖାଇସାରିଲି ପରେ ତା-୭।୯।୫୭ ରିଖର ଓଡ଼ିଆ, ଇଂରାଜି ସବୁ ଖବର କାଗଜ ଯାକ ରୁଣ୍ଡେଇ ଅଗଣାରେ ପଢ଼ିବାକୁ ବସିଗଲି। ପ୍ରଥମେ ଅମୃତ ବଜାର ପତ୍ରିକା ପଢ଼ିବାକୁ ଲାଗିଲି।

"Nasser's Hint to Menzies
On Courses to be porposed."

ଏହି ଶୀର୍ଷକ ଲେଖାଟିକୁ ପଢ଼ିବା ପାଇଁ ମୋତେ ଖୁବ ଭଲ ଲାଗିଲି—ତାପରେ Editorial (ସମ୍ପାଦକୀୟ ସ୍ତମ୍ଭ) portion ପଢ଼ିସାରି "Safeguard to Linguistc Minorities Bill (ସଂଖ୍ୟା ଲଘୁ ଭାଷୀର ସଂରକ୍ଷଣ ବ୍ୟବସ୍ଥା" ସମ୍ବନ୍ଧରେ ପ୍ରକାଶିତ ବିଷୟବସ୍ତୁ ପ୍ରତି ମୋର ତୀକ୍ଷ୍ଣ ଦୃଷ୍ଟି ପଡ଼ିଲା। କେନ୍ଦ୍ର ଘରୋଇ ମନ୍ତ୍ରୀ ଶ୍ରୀ ପନ୍ଥଜୀଙ୍କର ଉତ୍ତର ପ୍ରତି ବିଶେଷ ଆକୃଷ୍ଟ ହୋଇ ତାର Cutting କାଲି ଖବରକାଗଜରୁ କାଟି ରଖିବି ବୋଲି ଭାବି—ନାଲି ପେନ୍‌ସିଲ୍‌ରେ ଗାର ପକାଇ ଖୁବ୍ ମନଯୋଗ ସହକାରେ ପଢ଼ୁଥିଲି—ସେତେବେଳ ପର୍ଯ୍ୟନ୍ତ ନିଶା ଘାରି ନ ଥିଲା—ଅଧଘଣ୍ଟା ପର୍ଯ୍ୟନ୍ତ ଏମିତି ପଢ଼ିଥିଲି। ପରେ ଯେତେବେଳେ ଖବର କାଗଜର ପୃଷ୍ଠା ଲେଉଟାଇ ଦରକାରୀ ବିଷୟମାନ ପଢ଼ିବିବୋଲି ବାଛୁ ବାଛୁ କେତେକ ଲାଇନ୍ ଖୁବ୍ ଧ୍ୟାନ ସହକାରେ ପଢ଼ିଲି— ହଠାତ୍ ଧାରଣା ହେଲା—ଯାହା ପଢ଼ୁଛି—ମନେ ରହୁନାହିଁ ସାଙ୍ଗେ ସାଙ୍ଗେ ଭୁଲି ଯାଉଛି—ଯେତେ ମନେ ରଖିବାକୁ ଚେଷ୍ଟା କରୁଥିଲେ ମଧ୍ୟ ମନରେ ଆଉ କୌଣସି ବିଷୟ ମୋଟେ ରହୁ ନ ଥାଏ, ମନରୁ ଭୁଲିଯିବା ଭାବଟି ପ୍ରବଳ ଭାବରେ ବଢ଼ିଲା—ମୁଣ୍ଡକୁ ଲାଗିଲା, ଏଣେ ଆଖିକୁ ଝାପ୍‌ସା ଦେଖାଗଲା—ଆଖି ଛଳ ଛଳ ହୋଇଗଲା—ଆସ୍ତେ ଆସ୍ତେ ଦୃଷ୍ଟି-ଶକ୍ତି କ୍ଷୀଣ ହେବାକୁ ଲାଗିଲା—ଅତି ଅଳ୍ପ ସମୟ ମଧ୍ୟରେ ଦୃଷ୍ଟି ଶକ୍ତି ଲୋପ ହୋଇଗଲା। ଅନ୍ଧାର ଦେଖାଗଲା—ଏପରି କି ଆଉ ଖବର କାଗଜର କୌଣସି ଅକ୍ଷରଟିଏ ସୁଦ୍ଧା ଦେଖାଗଲା ନାହିଁ। ଏତ ହେଲା ମାନସିକ ଦିଗ—ଶାରୀରିକ ବ୍ୟବସ୍ଥା ସେତେବେଳକୁ ନିସ୍ତେଜ ହେବାକୁ ଲାଗିଲା—ଦେହ ଭାରି ଦୁର୍ବଳ ଓ ଅବଶ ଲାଗୁଥାଏ—ହାତଗୋଡ଼ ଚଳୁ ନାହିଁ—ଉଠିବାକୁ ଇଚ୍ଛା ହେଉଥିଲେ ମଧ୍ୟ ଉଠିବାକୁ ଶକ୍ତି ନଥାଏ ଏଣେ ପୃଥିବୀଟା ଉପରତଳ ହେଉଛି ପରି ଅନୁମାନ ହେଲା—ମନରେ ହେଉଥାଏ ଉପରକୁ ଉଠୁଛି ବସୁଛି ପରି—ମଥା ଘୂରିଯାଇ ମନରେ ନାନା ରକମ—ଅସମ୍ପୃକ୍ତ ଚିନ୍ତାଧାରା ଆସି ଦେଖା ଦେଲା। ସକାଳଠୁଁ ସନ୍ଧ୍ୟା ପର୍ଯ୍ୟନ୍ତ କ'ଣ କଲି, କ'ଣ ଦେଖିଲି—କାହା ସହିତ କ'ଣ କଥାବାର୍ତ୍ତା ହେଲି—ଇତ୍ୟାଦି ଇତ୍ୟାଦି ଛୋଟବଡ଼ ସବୁ ସମ୍ପର୍କୀୟ କଥା ଭାବୁଥାଏ। ଏଟା ସେଟା ବକିବାର ପ୍ରବୃତ୍ତି ବହୁତ ଜୋର ହେବାରୁ ଏଣେ ହାତ ଗୋଡ଼ ବେଶିକି ବେଶି

ନିସ୍ତେଜ ହେବାରୁ—ଅବସ୍ଥା ସାଂଘାତିକ ହୋଇ ପାରେ ଭାବି ମନରେ ବଡ଼ ଶକ୍ ଓ ଚିନ୍ତା ପଶିଲା । ଡ୍ରାଇଭର ମିଶ୍ରଙ୍କଠୁଁ ଶୁଣିଥିଲି ବିରହା ସାହେବଙ୍କ ପାଗଳାମି ଆରମ୍ଭ ହେବାର ପୂର୍ବ ଲକ୍ଷଣ ସବୁ କ'ଣ ଏହିପରିହିଁ ଥିଲା—ଏଣେ ମୋର ମଧ୍ୟ ମସ୍ତିଷ୍କ ବିକୃତ ପାଇଁ କାଙ୍କେ ଡାକ୍ତରଖାନାରେ ରହିବା ଇତ୍ୟାଦି ଚିନ୍ତା ମନକୁ ବିଶେଷ ଅସ୍ଥିର କରି ପକାଇଲା । କାରଣ ପାଗଳାମି ରୋଗଟି ଆହୁରି କ'ଣ ଆରମ୍ଭ ହେବାକୁ ଯାଉଛି ? ମୋର ସବୁ ଭବିଷ୍ୟତ ଗଲା—ମରିଯିବା ଭଲ -- ଇତ୍ୟାଦି, ଭୟ ମିଶ୍ରିତ ଦୁଃଶ୍ଚିନ୍ତା ଖୁବ୍ ଜୋରରେ ମୋତେ ଆକ୍ରମଣ କଲା । ଅବଶ୍ୟ ସେ ପର୍ଯ୍ୟନ୍ତ ମୁଁ ପୂରାପୂରି ବେହୋସ ହୋଇ-- ନାହିଁ । ଯାହା କହୁଛି ତାହା ମଧ୍ୟ ଖେଆଲରେ ଥିଲେ ମଧ୍ୟ ମନରେ ସବୁବେଳେ ଭାବି ଉଠୁଥାଏ 'କ'ଣ କହି ଯାଉଛି । ସେତେବେଳକୁ ଡ୍ରାଇଭର ମିଶ୍ର ହେରିକା ଭାତ ଖାଇ ବସିଥାନ୍ତି । ମିଶ୍ର ଭାତଖାଇ ସାରିବା ଉପରେ ଦେଖିଲାରୁ ମିଶ୍ରଙ୍କୁ ପଠାଇଲି "ଜଲଦି ତୁମେ ଯାଅ Dr. Ghosal ଙ୍କୁ ଧରି ନେଇ ଆସିବ—ମୋର ଅବସ୍ଥା କ'ଣ ସାଂଘାତିକ ହେବାକୁ ବସିଲାଣି ।" ବଡ଼ କୁତୂହଳର ବିଷୟ ଏହି ଯେ ମିଶ୍ର (ଡ୍ରାଇଭର) ମୋ କଥାକୁ ଖାତିର କଲାପରି ଦେଖାଗଲା ନାହିଁ । ସେ ମନେ ମନେ ହସି କେବଳ କହୁଥାଏ—

"ମୋଦକର ମାତ୍ରା ବେଶି ହୋଇଯିବାରୁ ଏପରି ଭ୍ରମ ହୋଇଅଛି, ଶୋଇପଡ଼ିଲେ ସବୁ ସରିଯିବ ।" ମଙ୍ଗୁଲୁ ବୋଲି ଜଣେ କ୍ଲିନର ଏସବୁ ଶୁଣି ଓ ଦେଖି କେବଳ ଠୋ ଠୋ ହସୁଥାଏ । ସେ କହୁଥାଏ ଏପରି ହୁଏ ଆଜ୍ଞା, କିଛି ଚିନ୍ତା ନାହିଁ, ପରେ ଆପେ ଆପେ ଭଲ ହେବ । ଏ ବିଷୟରେ ତାର ପୂରା ଅଭିଜ୍ଞତାର ପରିଚୟ ଦେଉଥାଏ । ମୋର କିନ୍ତୁ ଧୈର୍ଯ୍ୟ ନଥାଏ ଏ ସବୁ ଶୁଣିବାକୁ । କାହାକୁ ଖୁବ୍ ଜୋରରେ ଗାଳିଦେବା, ମାଡ଼ଦେବା ମନୋବୃତ୍ତି ବହୁତ ଜୋରରେ ମନକୁ ଆସୁଥାଏ । କହଲ ଉହୁଲ ଲାଗୁଥାଏ—ବୁଲିବୁଲିବାକୁ ଜୋର ନଥିଲେ ମଧ୍ୟ ଏଆଡ଼େ ବୁଲିବୁଲି ନକଲେ ଭଲ ଲାଗୁନାହିଁ । ହାତଗୋଡ଼ ପିଟିଝାଟି ହେଉଥାଏ— ଭୟ ଓ ଭାବନା ମନରେ ସବୁବେଳେ ଜୀବନକୁ ଅସ୍ଥିର କଲା । ଡ୍ରାଇଭର ଡାକ୍ତରଙ୍କୁ ଡାକିବାକୁ ଗାଡ଼ି ନେଇଗଲା । ମୁଁ ସମ୍ଭାଳି ନପାରି ମୋ ଭାଇ ଲକ୍ଷ୍ମଣ ସରେନ୍‌କୁ ସାଇକେଲରେ ହେଲ୍‌ଥ ଡାଇରେକ୍ଟର ଗନ୍ତାୟତ ସାହେବଙ୍କୁ ଡାକି ଆଣିବାକୁ ପଠାଇଲି । ତଥାପି ମନ ନ ସମ୍ଭାଳିବାରୁ ଅବସ୍ଥା କ'ଣନା କ'ଣ ହୋଇଯିବ, ଅନ୍ତତଃ ଏ ଖବରଟା ପ୍ରଧାନ ମନ୍ତ୍ରୀଙ୍କୁ ଜଣାଇବା ନିହାତି ଉଚିତ ଓ ଜରୁରୀ ଭାବି ଫୋନ୍ ଉଠାଇଲି । ଫୋନ୍ ଧରିଲା ବେଳକୁ ହାତ ଥରୁଥାଏ, ଖବର ଆସିବାରେ ଡେରି ହେଉଥିବାରୁ ଏଣେ ଡାକ୍ତରଙ୍କ ବାଟ ଚାହୁଁଥାଏ ଆକୁଳରେ । କିଛି ସମୟପରେ ମୁଖ୍ୟମନ୍ତ୍ରୀଙ୍କଠୁଁ ଆଓ୍ୱାଜ ଶୁଭିଲା ।

ଫୋନରୁ—"କ'ଣ ହେଲ୍—ଡାକ୍ତର ଯାଇଛନ୍ତିକି ନାହିଁ—ମୁଁ ଯାଉଛି" କହିବାର ମୋର ମନେ ପଡୁଅଛି । ମାତ୍ର ସେତେବେଳକୁ କଥା କହିଲା-ବେଳକୁ ପାଟି ଲାଗି ଯାଉଥାଏ ; ଗୋଟାଏ ବାକ୍ୟ ମଧ୍ୟ ପୂରାପୂରି କହିବାର ଶକ୍ତି ଚାଲି ଯାଇଥାଏ, ନିଦ ମୋଟେ ଆସୁ ନଥାଏ । ଯେତେ ଶୋଇବାକୁ ଚେଷ୍ଟା କରୁଥାଏ ତଥାପି ନିଦ ଆସିଲା ନାହିଁ—ଜିଭ ଶୁଖି ଯାଉଥାଏ, ଜିଭ ଭିତରକୁ ଟାଣି ନେବା ପରି ଲାଗୁଥାଏ । ଏହି ସମୟରେ ପ୍ରଥମେ ଡାକ୍ତର ଗନ୍ତାଏତ ଲୁଙ୍ଗି ପିନ୍ଧି ବାଡ଼ିଧରି ହସି ହସି ଆସି ପହଞ୍ଚିଲେ—"କିଛି ହେବ ନାହିଁ ମୋଦକର ଗୁଣ ତ ସେହି । ମୁଁ ଥରେ ଗୋଟାଏ ଗୁଳର ¼ ଅଂଶ ଖାଇ ପୂରା ଦୁଇଦିନ ଶୋଇଲା ପରେ ଭଲ ହେଲି"; ଶୋଇ ପଡ଼ିଲେ ସବୁ ଭଲ ହୋଇଯିବ । ଏ ବିଷୟଟିକୁ ସେ ଗୁରୁତ୍ୱ ନ ଦେଇ ବାହାରିବାକୁ ବସିବାରୁ ମୁଁ ତାଙ୍କୁ କହିଲି "ଆପଣ ଟିକେ ବସନ୍ତୁ, ପ୍ରଧାନ ମନ୍ତ୍ରୀଙ୍କୁ ଡକାଇଛି—ସେ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ !"—ତା ପରେ ବସିଲେ—

ଏହାପରେ ଡାକ୍ତର ସେନ ଗୁପ୍ତ ଆସିଲେ, ସେ ମଧ୍ୟ ଡାକ୍ତର ଗନ୍ତାଏତଙ୍କ ପରି କହିଲେ—ସେତେବେଳକୁ ଏଣେ ବାନ୍ତି ଉଗୁଳୁଥାଏ, କିନ୍ତୁ ବାନ୍ତି ହେଉ ନଥାଏ, ଶୋଷ ଲାଗୁ ଥାଏ—କିନ୍ତୁ ପାଣି ପିଇବାକୁ ଇଚ୍ଛା ନାହିଁ—ଭୋକ ଲାଗୁ ଥାଏ—କିନ୍ତୁ ଖାଇବାର ପ୍ରବୃତ୍ତି ନାହିଁ—ଶୋଇଲେ ମଧ୍ୟ ଅସ୍ଥିର ଲାଗୁଛି; ଏହି ସମୟରେ ମୁଖ୍ୟ ମନ୍ତ୍ରୀ ପହଞ୍ଚିଲେ ।

ମୁଖ୍ୟ ମନ୍ତ୍ରୀ ବାଟରୁ ଏହାର ବୃତ୍ତାନ୍ତ ଶୁଣି ଅତି ଜୋରରେ ହସିବାର ଭାବ ଦେଖାଇ ଆସି ପହଞ୍ଚିଲେ—"ଏ ମୋଦକ ନିଶା ଧାରି ଯାଇଛି, କିଛି ହେବ ନାହିଁ—ଶୋଇ ପଡ଼ ସବୁ ଭଲ ହେବ" କହି ହସୁଥାନ୍ତି । ବ୍ୟାପାରଟି କ'ଣ ମୋତେ ଭାରି ରହସ୍ୟଜନକ ଲାଗିଲା । କାରଣ ମୁଁ ମୁଖ୍ୟ ମନ୍ତ୍ରୀଙ୍କର ଗୋଟାଏ ସ୍ୱଭାବ ସୁଲଭ ଗୁଣ ଜାଣେ, ଯଦି ସେ ଜାଣିଥାନ୍ତି କୌଣସି ଜିନିଷଟା କିଛି ମାରାତ୍ମକ ନୁହେଁ କିମ୍ବା ଜିନିଷଟି ସାମାନ୍ୟ ଜିନିଷ, ତାହାହେଲେ ସେ ସେ ବିଷୟଟିକୁ କଥାରେ ପ୍ରକାଶ କରି ଜୋରଦେଇ ବୁଝାଇବାର ଦେଖି ନାହିଁ ବରଂ ତାର ଲଘୁତାକୁ ମୁରକି ହସାରେ ଉଡ଼ାଇଥାନ୍ତି । ଏହା ବୋଧହୁଏ ତାଙ୍କ ତୀକ୍ଷ୍ଣ ଧୀଶକ୍ତିର ଗୋଟାଏ ଲକ୍ଷଣ । ମୁଖ୍ୟ ମନ୍ତ୍ରୀଙ୍କ ଏ ରୂପ ମନଭାବ ଦେଖି ମୋର ମଧ୍ୟ ଡର କମିଗଲା । କାରଣ ମୁଁ ଜାଣି ପାରିଲି ଗୁରୁତର ଜିନିଷ ହୋଇଥିଲେ ସମସ୍ତେ ଏହାକୁ ଏତେ ଖାମ୍ ଖିଆଲି ଭାବରେ ମନେ କରନ୍ତେ ନାହିଁ—ଯାହାହେଉ ଡାକ୍ତର ସେନଗୁପ୍ତ ଓ ଗନ୍ତାଏତ ମଧ୍ୟରେ କଥାବାର୍ତ୍ତା ହୋଇ ମୋତେ ବାନ୍ତି କରାଇବାର ଯୋଗାଡ଼ ହେଲା । ନଳ ସାହାଯ୍ୟରେ ମୋତେ ବାନ୍ତି କରାଇଲେ । ବାନ୍ତିରେ ଖାଇଥିବା ଜିନିଷର ଅଂଶ ରସ ଗୋଲାର ଭାଗ

କିଛି ପଡ଼ିଲା । ଲେମ୍ବୁପାଣି, ତେନ୍ତୁଳି ଖଟା ପାଣି ଖାଇବାକୁ ଦିଆ ହୋଇଥାଏ । ଶୋଷ ଖୁବ୍ ଜୋରରେ ଲାଗୁଥାଏ । ବାନ୍ତି ସାଙ୍ଗେ ସାଙ୍ଗେ ହେଲା । ଥଣ୍ଡା ପାଣି ପିଇ ଶୋଇ ପଡ଼ିବାର ଚେଷ୍ଟାରେ ଲାଗିଲି । ହଁ ମୁଖ୍ୟ ମନ୍ତ୍ରୀ କେବଳ କହିଲେ, "ଖଟାଫଟା କ'ଣ ଖାଇବାକୁ ଦିଅ ।" ଏଣେ ଶ୍ରୀମତୀ ସରେନ୍ଙ୍କର ମଧ୍ୟ ସମଦଶା ଦେଖି ମନ ବେଶି କି ବେଶି ଅଥୟ ହେଉଥାଏ ।

ମୁଁ ଖବର କାଗଜ ପଢୁଥିବାବେଳେ ଶ୍ରୀମତୀ ସରେନ ମୋଦକଟି ଦେଖି ପଚାରିଲେ —"ଏ କ'ଣ ଔଷଧ ?" ମୁଁ କହିଲି, ପେଟରୋଗ ଭଲ ହେବା ଓ ଭୋକ ଲାଗିବା ଔଷଧ ଏହା— ଏହା ଶୁଣି ମୁଁ ପାନେ ଖାଉଛି କହି ପାନେ ଖାଇଲେ । ଠିକ୍ ଖାଇ ସାରିଲା ପରେ ଗୃ ପିଇବା ସଙ୍ଗେ ସଙ୍ଗେ ମୁଣ୍ଡ ବୁଲିଲା । ତାଙ୍କୁ ମଧ୍ୟ ମୋତେ ଯେପରି ଲାଗିଲା ସେପରି ଲାଗିଲା । ଠିକ୍ ସେତିକିବେଳେ ଯାଇ ମୋର ଚେତା ପଶୁଛି—ମୋର ଏପରି ହେବାର ଏକମାତ୍ର କାରଣ—ମୋଦକ ଖାଇବା ଛଡ଼ା କିଛି ନୁହେଁ । ମୋର ଗୋଟାଏ ଗୋଲି ଖାଇବା ଯାଗାରେ ଦୁଇଟା ହୋଇଥିବାରୁ ମୋ ପ୍ରକୋପଟି ତାଙ୍କ ପ୍ରକୋପଠୁଁ ଖୁବ୍ ବେଶି । ତାଙ୍କର ମାତ୍ରାଟି ଠିକ୍ ଜଣେ ଲୋକ ମଦ ବା ହାଣ୍ଡିଆ ଖାଇ ନିଶାଘାରି ହେଲା ପରେ ନିଦ ଆସିଯିବା ଅବସ୍ଥାରେ ଥିବାରୁ ସେ ସଙ୍ଗେ ସଙ୍ଗେ ଶୋଇ ପଡ଼ିଲେ ।

ମୋ ମାଲଟି ଜଣେ ଅଭଙ୍ଗ ଲୋକପରି ଦୌଡ଼ିଆସି ହସି ହସି କହିଲା, କିଛି ହେବନାହିଁ ଆଜ୍ଞା, ଖାଲି ତେନ୍ତୁଳି ଖଟା ପାଣି ଟିକେଁ ପିଇ ଦିଅନ୍ତୁ । ତେନ୍ତୁଳି ଖୋଜାହେଲା । ଆମ୍ଭେ ଦୁଇଜଣ ଖୁବ ଖଟାପ୍ରିୟ ଥିବାରୁ ଗତ ମୟୂରଭଞ୍ଜ ଗସ୍ତରୁ ପୁରୁଣା ତେନ୍ତୁଳି ଥୋଡ଼ାଏ ଆସିଥିଲା । ସେଥିରୁ ପାଣିରେ ମିଶାଇ ପିଇବାକୁ ଦିଆଗଲା—ତା ପରେ ଆସ୍ତେ ଆସ୍ତେ ଆରାମ ଲାଗିଲା—ସେନଗୁପ୍ତ ଡାକ୍ତରଙ୍କ ସଙ୍ଗେ Store-keeper ମଧ୍ୟ ମୋର କପରି ବାନ୍ତି ହେବ ଏଥିପାଇଁ ବଡ଼ ହରବର ହେଲେ । ବାନ୍ତି ହେଲାପରେ ଆରାମ ଲାଗିଲା—ନିଦ ଆସିବାର ଉପକ୍ରମ ଦେଖାଦେଲା ଲେମ୍ବୁପାଣି, ସାଦାପାଣି ଶୋଷ ହେଲେ ପିଉଥାଏ । ଗୃହଆଡ଼ି କବାଟ ବନ୍ଦକରି ଲାଇଟ ଲିଭାଇ ଆମ୍ଭେ ଦୁଇଜଣ ଶୋଇ ପଡ଼ିଲୁ ନିଦ ଆସିଗଲା...... ନିଦ ଭାଙ୍ଗିଲା ପରେ ଆସ୍ତେ ଆସ୍ତେ ନିଶା ମଧ୍ୟ ଛାଡୁଥାଏ । ଜଣେ ନିଶାଖାଇ ମାତାଲ ଅବସ୍ଥା ହେଲେ ତାର ମାନସିକ ଓ ଶାରୀରିକ ଅବସ୍ଥା କ'ଣ ହୁଏ—ତାର ପୂର୍ଣ୍ଣ ଅନୁଭୂତିଟାଏ ମୋତେ ମିଳିଲା । ମୁଁ ମନେ ମନେ ଭାବିଲି, ମଣିଷ ସେଇଥିପାଇଁ ବିଶେଷତଃ ଆଦିବାସୀ ମଦ, ସଲ୍ଫ ରସ ବା ହାଣ୍ଡିଆ ଖାଇ ମାତଲ ହୋଇ ବୁଦ୍ଧି ବିବେକ ହରାଇ ଯାହା ତାହା ବକି ଲୋକଙ୍କ ସହିତ ଅଯଥା କଳି, ମାଡ଼ଗୋଳ ସୃଷ୍ଟି କରେ— ମଣିଷକୁ ମଧ୍ୟ ଅକାତରରେ ହାଣିଦିଏ—ମାନ, ସମ୍ମାନ, ଉଚିତ, ଅନୁଚିତ କଥା ସେତେବେଳେ ତାର ବିଚାର ଭିତରେ ନଥାଏ—

ମୋର ମନେ ପଡ଼ିଗଲା ପିଲାବେଳର କଥା — ପ୍ରାୟ ୯।୧୦ ବର୍ଷ ବୟସରେ ଥରେ ହାଣ୍ଡିଆ ଚାଖିବା ବାହାନାରେ ଥୋଡ଼ାଏ ହାଣ୍ଡିଆ ପିଇଲି। ହାଣ୍ଡିଆ ଦୁଇପ୍ରକାର — ଗୋଟାଏ ଖୁବ୍ ପତଳା — ଗୋଟାଏ ଖୁବ୍ ବହଳିଆ। ଖୁବ୍ ପତଳା ହାଣ୍ଡିଆର ରାଗ ବେଶି। ଅଳ୍ପ ଖାଇଲେ ମଧ୍ୟ ନିଶା ଧରିଯାଏ — ଅଳ୍ପ ସମୟ ପରେ ମୁଁ ପୂର୍ଣ୍ଣ ମାତାଲ ହୋଇଗଲି ମତି ଭ୍ରମ ହେଲା ଯାହାକୁ ତାହାକୁ ପିଟିବାକୁ ଗୋଡ଼ାଇଲି — ଏଣୁ ତେଣୁ ବକିଲି — ଇତ୍ୟାଦି ଇତ୍ୟାଦି — ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ଏମିତି ହେଲା — ଗାଧୋଇ ଭାତଖାଇ ସାରିଲା ପରେ ମୋର ପୂର୍ଣ୍ଣ ସଚେତନ ଅବସ୍ଥା ଆସିଲା — ଘରେ ମୋତେ ହସିଦେଲେ ସମସ୍ତେ — "ତମେ ନିଶାଖାଇ ମାତାଲ ହୋଇଥିଲ।" ମୁଁ କହିଲି "ନାଁ ତ" ମାତାଲ ଅବସ୍ଥାରେ କଣ କଲି, ପୂର୍ବାପର ବିଷୟ ଆଉ ମନେ ପଡ଼ୁ ନ ଥାଏ। ଏ ଘଟଣା ମଧ୍ୟ ନିଜ ଘରେ ଘଟି ନଥିଲା। ଦଶହରା ସମୟରେ ଆମର ସାମାଜିକ ପ୍ରଥା ଅନୁସାରେ ଗୋଟିଏ ଗାଁର ଯୁବକମାନେ ଅନ୍ୟ ଗାଁମାନଙ୍କରେ ଧାନ ଚାଉଳ ମାଗିବା ବାହାନାରେ ଗୋଟାଏ "ଦାସାଁୟୀ" ନାଚ କରନ୍ତି। ଏପରି ମଧ୍ୟ ପ୍ରଥା ଅଛି, ଗୋଟିଏ ଗାଁର ଯୁବକମାନେ ବିଭିନ୍ନ ଗାଁମାନଙ୍କରେ ବସା କରି ରହି ଅତିଥି ହୋଇ ରହନ୍ତି। ଜଣେ କେହି ତ ସମସ୍ତଙ୍କୁ ଖାଇବାକୁ ଦେଇ ପାରେ ନାହିଁ। ସେଥିପାଇଁ ସେ ଗାଁର ପଞ୍ଚ (ମଣୋହିକ୍) ପ୍ରତ୍ୟେକଙ୍କୁ ଶକ୍ତି ଅନୁସାରେ ଦିନରାତି ଘରପିଛା ଭାତ ଖାଇବାକୁ ଡାକନ୍ତି। ତହିଁଆରଦିନ ସକାଳୁ ଆଖଡ଼ାରେ ସମସ୍ତେ ଦାନ୍ତ ଘସିଆସି ଜମା ହୁଅନ୍ତି। ତାପରେ ସେ ଗାଁର ପଞ୍ଚ ଗତ ରାତିରେ ଯାହା ଘରରୁ ଯିଏ ଖାଇ ଆସିଅଛି ସେ ତା ଘରକୁ ସେ ଘରର ଲୋକଙ୍କୁ କାମରେ ସାହାଯ୍ୟ କରିବା ପାଇଁ ଦିନ ବାରଟା ପର୍ଯ୍ୟନ୍ତ ପଠାଇ ଦିଅନ୍ତି। ବିଭିନ୍ନ ଘରେ ବିଭିନ୍ନ ଲୋକଙ୍କୁ ବିଭିନ୍ନ କାମର ବରାଦ ହୁଏ — ଧାନ କଟା, ଘାସକଟା ସମୟ ହୋଇଥିବାରୁ ବିଶେଷତଃ ଧାନ କାଟିଦେବା ବା ଘାସ କାଟିଦେବା କାମ ହେଉଛି ମୁଖ୍ୟ। ସକାଳୁ ଯିବା ଆଗରୁ ପଖାଳ ଖାଇ ଯାଇଥାନ୍ତି। ବାରଟା ବେଳେ କାମସାରି ଗାଧୋଇ ଆସି ପ୍ରତ୍ୟେକ ଘର ମାଲିକ ସେମାନଙ୍କୁ ରୁଚିମତ ଖାଇବାକୁ ଦିଅନ୍ତି। ବର୍ତ୍ତମାନ ପଖାଳ ଭାତ ବଦଳରେ ଗରମ ଭାତ। କାହାରି ଭାଗ୍ୟରେ ମାଂସ ତରକାରି — କାହାରି ଭାଗ୍ୟରେ ଡାଲି — କାହାରି ଭାଗ୍ୟରେ ଭେଣ୍ଡି ମିଶା ଶୁଖୁଆ ଝୋଳ ଇତ୍ୟାଦି ପଡ଼େ। ଖାଇ ସାରିଲା ପରେ ଦାସାଁୟୀ ନାଚକୁ ଯୁବକମାନେ ଏକାଠି ରୁଣ୍ଡ ହୋଇ ସେ ଗାଁରୁ ପ୍ରତ୍ୟେକ ଘରେ ନାଚ ଧାନ ଚାଉଳ ମାଗନ୍ତି। ସେ ଗାଁ ସରିଲେ ଅନ୍ୟ ଗାଁକୁ ଯାଆନ୍ତି। ମାଗି ଆଣିଥିବା ଧାନ ଚାଉଳକୁ କେତେକ ଗାଁରେ ଖାଲି ହାଣ୍ଡିଆ କରି ଉଡ଼ାଇ ଦିଅନ୍ତି। କେତେକ ଗାଁରେ ଅଧା ହାଣ୍ଡିଆ ଓ ଆଉ ଅଧା ଗାଁ ପାଣ୍ଠି ହୋଇ ଜମା ରହେ। ଆମ୍ଭ ଗାଁରେ କିରାସିନ

ତେଲ କଣି ଗୁଡ ପଡ଼ାପଡ଼ିରେ ସାଧାରଣତଃ ଖର୍ଚ୍ଚ ହୁଏ ।

ଆମ୍ଭ ଘରେ ମୋ ମାଙ୍କ ବ୍ୟକ୍ତିତ କେହି ହାଣ୍ଡିଆ ଖାଉ ନାହିଁ । ବାପା ମୋଟେ ଖାଆନ୍ତି ନାହିଁ, କିନ୍ତୁ ଘରର ମୁରବୀ ହିସାବରେ ପର୍ବ-ପର୍ବାଣିରେ ଗୃହ ଦେବତାଙ୍କୁ ହାଣ୍ଡିଆରେ ପୂଜାକରି ସନ୍ତୁଷ୍ଟ କରିବାକୁ ପଡ଼େ । ଏଣୁ ବାପା ନିଜେ ପୂଜାକରି ହାଣ୍ଡିଆତକ ନ ପିଇ ହାଣ୍ଡିଆ ଦନାମାନ ତଳକୁ ଗଡ଼େଇ ଦିଅନ୍ତି—ଦେବତାଙ୍କ ନାଁରେ ଏକବାରେ ପୂଜାରେ ଲାଗିଥିବା ହାଣ୍ଡି-ଆରୁ ଅନ୍ତତଃ କିଛି ନ ଖାଇଲେ କାଳେ କିଛି ଅମଙ୍ଗଳ ହେବ—ଏହା ଭାବି ମା ସେଥିରୁ କିଛି ପିଅନ୍ତି । ମା'ଙ୍କର ହାଣ୍ଡିଆ ଖାଇବାର ଏ ଗୋଟାଏ ବିଶେଷ କାରଣ ।

ମୁଁ ଓ ମୋର ସ୍ତ୍ରୀ ଆମେ ଆଦୌ କୌଣସି ନିଶାଦ୍ରବ୍ୟ ବ୍ୟବହାର କରୁନାହିଁ । ତଥାପି ଶ୍ରୀମତୀ ସୋରେନଙ୍କର ଗୁଡ଼ାଖୁରେ ଦାନ୍ତ ଘଷିବା ଓ ଚା ଖାଇବା ଅଭ୍ୟାସ ରହିଛି । ମୋର କିନ୍ତୁ ଯେତେଦୂର ସ୍ମରଣ ହେଉଅଛି ପିଲାବେଳୁ ପାନ, ବିଡ଼ି, ସିଗାରେଟ, ଚା କଫି କିମ୍ବା ହାଣ୍ଡିଆ ମଦ ଖାଇବାର ଅଭ୍ୟାସ ନାହିଁ—ଅବଶ୍ୟ ଥରେ ଅଧେ ଏ ସବୁ ଜିନିଷ ଯେ ନ ଚାଖିଛି ତା ନୁହେଁ । କିନ୍ତୁ ଯେଉଁଦିନୁଁ ମୋର ହୃଦ ବୋଧ ହେଲା, ଏ ଜିନିଷମାନ ଖାଇଲେ ବରଂ ଅପକାର ହେବ । ଉପକାର ତ ନୁହେଁ—କେବଳ ସେତିକି ନୁହେଁ—ମାତ୍ରାଧିକ୍ୟ ହେଲେ ମନୁଷ୍ୟ ବିବେକହୀନ ପଶୁରେ ପରିଣତ ହେବାର ଅବକାଶ ଅଛି—ତା ସଙ୍ଗକୁ ବରାବର ଅଯଥା ଖର୍ଚ୍ଚାନ୍ତ ହୋଇ ଦରିଦ୍ର ହୁଏ—ସେହିଦିନୁଁ ମୁଁ ବରାବର ଚେଷ୍ଟା କରିଅଛି ଏ ସବୁଠୁଁ ଶହେହାତ ଦୂରରେ ରହିବାପାଇଁ ।

ରସିକ ଲୋକ ହୋଇଥିବାରୁ ମୁଁ ନାଚ ଗାନରେ ଯୋଗଦିଏ ପୂର୍ଣ୍ଣ ପ୍ରାଣରେ ଓ ନିସଙ୍କୋଚରେ । ମୁଁ ନାଚେ କୌଣସି ନିଶାର ବଶବର୍ତ୍ତୀ ହୋଇ ନୁହେଁ । ନାଚବାଜା ମୁଁ ମୋର ଜନ୍ମଗତ ପ୍ରବୃତ୍ତି ବୋଲି ମନେକରେ—ଆଦି-ବାସୀ ସଂସ୍କୃତିର ଏ ଗୋଟାଏ ବିଶେଷତ୍ୱ ବୋଲି ମୋ'ର ଦୃଢ଼ ଧାରଣା । ଆଦିବାସୀ ନୃତ୍ୟ ଗୀତ ଓ ରସପ୍ରବଣ ହୋଇ ନଥିଲେ ଏତେ ଦୁଃଖ ଦୁର୍ବିପାକ ଓ ଦାରିଦ୍ର୍ୟରେ ଏପରି ହସିଖେଳି ମନ ଖୁସିରେ ଜୀବନ କଟାଇ ପାରନ୍ତା ନାହିଁ । ମୁଁ ଯେତେବେଳେ ନାଚେ ସେତେବେଳେ ମନରେ ଗୋଟାଏ ପ୍ରକୃତ ଆନନ୍ଦ ଜାଗି ଉଠେ—ନାଚ ମୋର ସ୍ୱତଃ ପ୍ରବୃତ୍ତ ଓ ସ୍ୱାଭାବିକ । ଅନେକଙ୍କର ଧାରଣା ମୁଁ କେବଳ ନିଶା ଖାଉଥିବାରୁ ଏପରି ନାଚୁଛି । ମୋର କିନ୍ତୁ ସେଥିପ୍ରତି କିଛି ଖାତିର ନ ଥାଏ—ମାନ କମିଗଲା ବା ନାଚବାଜା ଖରାପ ଓ ଅସଭ୍ୟ, ଏହା ମୁଁ କେବେ ଭାବେ ନାହିଁ—ନୃତ୍ୟ ସଙ୍ଗୀତ ନାଟକ ଆଦି ଈଶ୍ୱରଦତ୍ତ ବିଶିଷ୍ଟ କଳା ବୋଲି ମୋର ଧାରଣା—କାରଣ ସବୁ-ଠାରୁ ସଭ୍ୟ ଜାତି ଇଂରେଜିତ ଫେର୍ ବଲ୍,, ଡ଼େନ୍ସିଂ” କରୁଅଛି—ଯାହାକି ଦେଖିଲେ

ମନରେ ଘୃଣା ଆସିବା ସ୍ୱାଭାବିକ । ସେ ଫେର୍ ସଭ୍ୟ ଜଗତରେ ପୂର୍ବ ପ୍ରଚଳିତ ଓ ଆଦରଣୀୟ !! ସମ୍ରାଟ, ସାମ୍ରାଜ୍ଞୀ, ପ୍ରଧାନ ମନ୍ତ୍ରୀ ସମସ୍ତେ ପାଶ୍ଚାତ୍ୟ ଜଗତରେ ନାଚ ଗାନରେ ପୂର୍ବ ଭାଗ ନିଅନ୍ତି । ସେମାନଙ୍କୁ କେହି ଅସଭ୍ୟ ବୋଲି ଘୃଣା କରୁ ନାହିଁ । କେବଳ ଆଦିବାସୀମାନେ ନିଜର ମନ ଖୁସିରେ ଗୀତ ଗାଇଲେ ବା ନାଚିଲେ କ'ଣ ହେଲା ନା ଲୋକେ କହନ୍ତି, ଏ ଜଙ୍ଗଲି ଜାତି ଗୁଡ଼ା ନିଶା ଖାଇ ନିଲଜଙ୍କ ଭଳିଆ ନାଚୁଛନ୍ତି—ଅବଶ୍ୟ କେତେକ ଜାଗାରେ ସମସ୍ତେ ନ ହେଲେ ମଧ୍ୟ କେତେକ ନିଶାଖାଇ ମାତାଲ ଅବସ୍ଥାରେ ମଧ୍ୟ ନାଚ କରନ୍ତି । ଏଇଟା ବଡ଼ ଖରାପ ଓ କ୍ଷତିକାରକ; କିନ୍ତୁ ବିନା ନିଶାରେ ସ୍ୱତଃପ୍ରବୃତ୍ତ ହୋଇ ନାଚିବାକୁ ମୁଁ ଖରାପ ବୋଲି କେବେ ଭାବେ ନାହିଁ ।

ଏପରି ନିଶା ଖାଇ ମାତାଲ ହେବା ପରେ ମୋର ସମାଜ ପ୍ରତି ଭୀଷଣ ଘୃଣା ଆସିଲା । ଆମ୍ଭେ ଏହି ନିଶା ରାକ୍ଷସ କବଳରେହିଁ ରସାତଳକୁ ଯାଉଛୁଁ—ଉନ୍ନତି କରିପାରୁ ନାହୁଁ, ଦରିଦ୍ର ହେଉଛୁ । ଏପରିକି ଆମେ ଜାଣୁ, ନିଶାରେ ପାଗଳ ହୋଇ, ଅବାଞ୍ଛନୀୟ, ଅପ୍ରୀତିକର ଓ ଅବୈଧ କାମ ମଧ୍ୟ କରୁ ଅଛୁ । ଏଣୁ ମୋର ପ୍ରିୟ ଆଦିବାସୀ ଭାଇ ଭଉଣୀମାନଙ୍କୁ ମୋର ବିନୀତ ଏବଂ କାତର ନିବେଦନ ଏହି ଯେ---ସେମାନେ ଯଦି ଏ ଦେଶର ସର୍ବାଙ୍ଗୀନ ଉନ୍ନତି କରିବାକୁ ଚାହାନ୍ତି ଓ ମଣିଷପରି ରହି ବଞ୍ଚିବାକୁ ଚାହାନ୍ତି ତାହାହେଲେ ଦିନେ ନା ଦିନେ ନିଶା ଛାଡ଼ିବାକୁ ହେବ । ଯେ ପର୍ଯ୍ୟନ୍ତ ପୂର୍ଣ୍ଣ ନିଶା ନିବାରଣ ନ ହୋଇଛି ସେପର୍ଯ୍ୟନ୍ତ ଅନ୍ତତଃ ନିଶା ନିୟନ୍ତ୍ରଣ ସର୍ବାଦୌ କର୍ତ୍ତବ୍ୟ ।

# ସଂପାଦକୀୟ

ଓଡ଼ିଶା ଆଦିବାସୀ ଗବେଷଣାର ମୁଖପତ୍ର "ଆଦିବାସୀ" ର ଦ୍ୱିତୀୟ ଓ ତୃତୀୟ ସଂଖ୍ୟାର ପ୍ରକାଶ ଓଡ଼ିଆ ଭାଷାରେ ହେବାର ନିଶ୍ଚିତ ହେଲା । ଏହାଦ୍ୱାରା ପରିଷଦର କାର୍ଯ୍ୟକ୍ରମ ତଥା ଓଡ଼ିଶାର ତିରିଶ ଲକ୍ଷ ଆଦିବାସୀମାନଙ୍କର ସଂସ୍କୃତି, ଶିକ୍ଷା, ଚାଲିଚଳନ ଓ ପରମ୍ପରା ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଜଣାଇବାର ଅଧିକ ସୁଯୋଗ ମିଳିବ । ଓଡ଼ିଶା ଆଦିବାସୀ ଗବେଷଣା ପରିଷଦ ୧୯୫୩ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ମାତ୍ର ଉପଯୁକ୍ତ ଯୋଗ୍ୟତା-ସମ୍ପନ୍ନ ଗବେଷକ ଅଭାବରୁ ବିଶେଷ ଅଗ୍ରଗତି ସମ୍ଭବ ହୋଇପାରି ନ ଥିଲା । ବର୍ତ୍ତମାନ କେତେକାଂଶରେ ଏହାର ସଂଗଠନ ହୋଇ-ପାରିଛି । ଅବଶ୍ୟ ଅନ୍ୟ କେତେକ ରାଜ୍ୟମାନଙ୍କ ତୁଳନାରେ ଆମ୍ଭମାନଙ୍କର କର୍ମକର୍ତ୍ତା ସଂଖ୍ୟା କମ୍ । ତେବେ ବର୍ତ୍ତମାନ ସହକାରୀ ନିର୍ଦ୍ଦେଶକ, ଦ୍ୱିତୀୟ ଗବେଷକ ଯୋଗ ଦେଇଛନ୍ତି ଓ ଜଣେ ସହକାରୀ ଗବେଷକ ମଧ୍ୟ ନିଯୁକ୍ତ କରା ଯାଇଅଛି ।

୧୯୫୬ ମସିହାରେ ପରିଷଦର କାର୍ଯ୍ୟକ୍ରମ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ସମସ୍ୟା, **ବିଶେଷକରି ପୋଡ଼ୁଚାଷୀ** ଭୂୟାଁମାନଙ୍କ ମଧ୍ୟରେ ଗବେଷଣା ଆରମ୍ଭ କରାଯାଇଅଛି । ଫୁଲବାଣୀ ଓ କଳାହାଣ୍ଡୀ ଅଞ୍ଚଳର କୁଟିଆ କନ୍ଧମାନଙ୍କ ମଧ୍ୟରେ ଗବେଷଣା ଆରମ୍ଭ ହେଉଛି ଓ ଜୁଆଙ୍ଗମାନଙ୍କ ବିଷୟରେ ଗବେଷଣା କରାଯାଉଛି । ନୂଆ ରାଜଧାନୀର ଅନତିଦୂରରେ ଅବସ୍ଥିତ ଶବର ଗ୍ରାମ ନୂଆ ପଲ୍ଲୀରେ ଶବରମାନଙ୍କର ଜୀବନ ପ୍ରଣାଳୀ ଉପରେ ଆଧୁନିକତାର ପ୍ରଭାବ ବିଷୟରେ ମଧ୍ୟ ଗବେଷଣା କରାଯିବ ।

ପରିଷଦ ପକ୍ଷରୁ ଆଦିବାସୀମାନଙ୍କର ଦୈନିକ ବ୍ୟବହାର୍ଯ୍ୟ ସାମଗ୍ରୀର ଗୋଟିଏ ଯାଦୁଘର ଏବଂ ଗୋଟିଏ ପୁସ୍ତକାଗାର ସଂଗଠନ କରାଯାଇଛି ।

ଓଡ଼ିଶା ରାଜ୍ୟର ଆଦିବାସୀ ସମସ୍ୟା ଗୁରୁତ୍ୱପୂର୍ଣ୍ଣ ଅଟେ । ଭାରତର ସମସ୍ତ ରାଜ୍ୟ ମଧ୍ୟରେ ଜନସଂଖ୍ୟା ଅନୁପାତରେ ଆଦିବାସୀ-ମାନଙ୍କର ସଂଖ୍ୟା ଓଡ଼ିଶାରେ ସର୍ବାଧିକ । ଏହା ବ୍ୟତୀତ ଆସାମକୁ ବାଦ ଦେଲେ ଆମରାଜ୍ୟର ଅଧିକାଂଶ ଆଦିବାସୀଙ୍କ ଅର୍ଥନୈତିକ, ସାଂସ୍କୃତିକ ଓ ସାମାଜିକ ଅବସ୍ଥା ଅତି ଖରାପ ।

ପୂର୍ବତନ ଗଡ଼ଜାତ ଓ ଇଂରେଜ ଶାସନରେ ଆଦିବାସୀମାନଙ୍କୁ ପୃଥକ ରଖିବାର ନୀତି ଫଳରେ ଆଦିବାସୀ ଭାଇମାନଙ୍କର ସାମାଜିକ ଓ ଅର୍ଥନୈତିକ ଅଗ୍ରଗତି ହୋଇପାରି ନାହିଁ । ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ଓ ରାଜ୍ୟ ସରକାରମାନେ ବହୁବର୍ଷଧରି ଘନଜଙ୍ଗଲ ଓ ପର୍ବତମାଳା ମଧ୍ୟରେ ଅବସ୍ଥାନ କରୁଥିବା ଆଦିବାସୀମାନଙ୍କୁ ସାଧାରଣ ଭାରତୀୟ ସାମାଜିକ ସ୍ତରକୁ ଆଣିବା ଦିଗରେ ସର୍ବଦା ସଚେଷ୍ଟ । ସମ୍ବିଧାନରେ ଆଦିବାସୀମାନଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରା-ଯାଇଛି ଓ ଆସାମ, ମଧ୍ୟପ୍ରଦେଶ, ବିହାର ଓ ଆମ ରାଜ୍ୟରେ ପୃଥକ ଆଦିବାସୀମଙ୍ଗଳ ବିଭାଗର

ବ୍ୟବସ୍ଥା ମଧ୍ୟ ରହିଛି । ତଦନୁସାରେ ନାନାବିଧ ଆଦିବାସୀମଙ୍ଗଳ ବ୍ୟବସ୍ଥାମାନ କାର୍ଯ୍ୟକାରୀ କରାଯାଉଅଛି ।

ଆଦିବାସୀମାନଙ୍କର ଜୀବନପ୍ରଣାଳୀ ଓ ସଂସ୍କୃତି ଭିନ୍ନ ହୋଇଥିବାରୁ ସେ ସବୁର ପୁଙ୍ଖାନୁପୁଙ୍ଖ ତଥ୍ୟ ଜାଣିବା ଆବଶ୍ୟକ । ଯେ କୌଣସି ପ୍ରକାର ନୂତନ ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ଆଦିବାସୀ ଗୋଷ୍ଠୀର ସଂସ୍କୃତି ସହିତ ତାହା କିପରି ଖାପ ଖାଇବ ତାହା ମଧ୍ୟ ବିଚାରକୁ ନିଆଯିବା ଦରକାର । ମୁଖ୍ୟତଃ ଏହି କାର୍ଯ୍ୟରେ ସରକାରଙ୍କୁ ସାହାଯ୍ୟ କରିବା ନିମିତ୍ତ ଆଦିବାସୀ ଗବେଷଣା ପରିଷଦ ଗଠନ କରାଯାଇଅଛି । ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ବିଭିନ୍ନ ଯୋଜନାମାନ କିପରି ଭାବରେ କାର୍ଯ୍ୟକାରୀ ହେଉଛି, ତାହା କିପରି ଭାବରେ ସଫଳିତ ହେଲେ ଆଦିବାସୀର ପୂର୍ଣ୍ଣ ଉପଯୋଗୀ ହେବ ଓ କିପରି ପରିବର୍ତ୍ତନ କରାଯିବା ଆବଶ୍ୟକ, ଏ ଦିଗରେ ସରକାରଙ୍କ ସାହାଯ୍ୟ କରିବା ମଧ୍ୟ ପରିଷଦର କାର୍ଯ୍ୟସୂଚୀର ଅନ୍ତର୍ଗତ ଅଟେ ।

ଆଦିବାସୀ ଭାଷା, ନୃତ୍ୟ, ଲୋକକଥା ଓ ଲୋକମତ ସମ୍ବନ୍ଧରେ ପୁସ୍ତକ ପ୍ରକାଶ କରିବାର ଲକ୍ଷ୍ୟ ପୋଷଣ କରାଯାଇଛି ଓ ଶୀଘ୍ର ଏ ବିଷୟରେ କାର୍ଯ୍ୟାନୁଷ୍ଠାନ କରାହେବ ।

ଓଡ଼ିଶାର ଆଦିବାସୀମାନେ ସାଧାରଣତଃ ତିନିପ୍ରକାର ଅର୍ଥନୈତିକ ସ୍ତରରେ ଦେଖିବାକୁ ମିଳନ୍ତି । କେତେକ ଜଙ୍ଗଲ ମଧ୍ୟରେ ଶିକାର ଦ୍ୱାରା ଓ ଅନ୍ୟାନ୍ୟ ଉପାୟରେ ଖାଦ୍ୟ ଆହରଣ କରି ବଞ୍ଚନ୍ତି ଏବଂ ଜଙ୍ଗଲ ଜଳାଇ ପୋଡ଼ୁଚାଷ କରନ୍ତି । ଅନ୍ୟ କେତେକ ଜମିଚାଷ କରିବାର ଆଧୁନିକ ପ୍ରଣାଳୀ ଜାଣିଥିଲେ ମଧ୍ୟ ଓ ଆଧୁନିକ ସଭ୍ୟତାର କିଛି ସଂସ୍ପର୍ଶରେ ଆସିଥିଲେ ମଧ୍ୟ ନିମ୍ନସ୍ତରର ଅର୍ଥନୈତିକ ଅବସ୍ଥାରେ ଅଛନ୍ତି । କେତେକ ହିନ୍ଦୁ ସମାଜ ସଙ୍ଗେ ବହୁକାଳଧରି ଏକତ୍ର ବସବାସ କରିବା ଫଳରେ ତଦନୁରୂପ ଜୀବନ ପ୍ରଣାଳୀ ଗ୍ରହଣ କରି ନେଇଛନ୍ତି । ଗବେଷଣା ପରିଷଦ ପ୍ରଥମ ଶ୍ରେଣୀର ଆଦିବାସୀମାନଙ୍କ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିଛନ୍ତି ଓ ସାଙ୍ଗେ ସାଙ୍ଗେ ଅନ୍ୟ ଦୁଇ ଶ୍ରେଣୀର ଆଦିବାସୀମାନଙ୍କ ମଧ୍ୟରେ କାମ କରିବା ପାଇଁ ଚେଷ୍ଟା କରୁ ଅଛନ୍ତି ।

ଆଦିବାସୀ ଗବେଷଣା ପରିଷଦ ଜନ୍ମଠାରୁ ଓଡ଼ିଶାର ମୁଖ୍ୟ ମନ୍ତ୍ରୀଙ୍କର ବ୍ୟକ୍ତିଗତ ଉତ୍ସାହ ଓ ସାହାଯ୍ୟ ପାଇଆସିଛି । ନିଜର ବହୁବିଧ କାର୍ଯ୍ୟ ମଧ୍ୟରେ ସେ ସର୍ବଦା ପରିଷଦର ବୈଠକରେ ଯୋଗଦାନ କରି ଗବେଷଣା ସମ୍ବନ୍ଧରେ ପ୍ରେରଣା ଦେଇ ଆସିଛନ୍ତି । ଏହି ପତ୍ରିକାର ନାମକରଣ ଓ ଓଡ଼ିଆଭାଷାରେ ପ୍ରକାଶ କରିବାର ସିଦ୍ଧାନ୍ତ ତାଙ୍କର ଦ୍ୱାରା ହୋଇଛି । ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ ପରିଷଦର ସଭାପତି ଭାବରେ ଗବେଷଣା ସଂବନ୍ଧରେ ସର୍ବଦା ବିଶେଷ ଦୃଷ୍ଟି ଦେଇ ଆସିଛନ୍ତି । ନିଜେ

ଆଦିବାସୀ ହୋଇଥିବାରୁ ସେମାନଙ୍କ ବିଷୟରେ ପ୍ରତ୍ୟେକ କର୍ମପନ୍ଥାର ଉପାଦେୟତା ଅନୁଲବ୍ଧି କରି ଉତ୍ସାହ ପ୍ରଦାନ କରିଛନ୍ତି ।

ଯେଉଁ ଶାସକ, ଗବେଷକ ଓ ବିଜ୍ଞବ୍ୟକ୍ତି-ମାନେ କଷ୍ଟ ସ୍ୱୀକାର କରି ଲେଖାମାନ ପ୍ରକାଶ ପାଇଁ ଦେଇଛନ୍ତି ସେମାନଙ୍କୁ ଅଶେଷ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଆଶାକରୁଛୁଁ ଭବିଷ୍ୟତରେ ସେମାନଙ୍କ ଠାରୁ ଅନୁରୂପ ସାହାଯ୍ୟ ପାଇ-ପାରିବୁ ।

ସଂପାଦକ